₹ : 25

# ଆମରି ସତ୍ୟ

## AMARI SATYA

ଦ୍ୱାଦଶ ବର୍ଷ, ଅଷ୍ଟମ ସଂଖ୍ୟା
ମାସିକ, ଫେବୃଆରୀ-୨୦୨୨, ପୃଷ୍ଠା ସଂଖ୍ୟା ୩୬

RNI Regn. No. - ODI/ODI/2010/350521
Postal Regd. No. : PURI-33/2022-24





ପଦ୍ମଭୂଷଣ
ଡ. ପ୍ରତିଭା ରାୟ



ପଦ୍ମଶ୍ରୀ
ନରସିଂହ ପ୍ରସାଦ ଗୁରୁ



ପଦ୍ମଶ୍ରୀ
ଶ୍ୟାମାମଣି ଦେବୀ

# ପଦ୍ମ ସମ୍ମାନ - ୨୦୨୨



ପଦ୍ମଶ୍ରୀ
ଶ୍ରୀମଦ୍ ବାବା ବଳିଆ



ପଦ୍ମଶ୍ରୀ
ଆଦିତ୍ୟ ପ୍ରସାଦ ଦାଶ



ପଦ୍ମଶ୍ରୀ
ପ୍ରମୋଦ ଭଗତ



ପଦ୍ମଶ୍ରୀ (ମରଣୋତ୍ତର)
ଗୁରୁପ୍ରସାଦ ମହାପାତ୍ର

# ଆମରିସତ୍ୟ ପରିବାର ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

## ଲତା ମଙ୍ଗେସ୍କର

ଜନ୍ମ : ୨୮.୦୯.୧୯୨୯

ମୃତ୍ୟୁ : ୦୬.୦୨.୨୦୨୨



# ଆମରି ସତ୍ୟ

## AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

**ଦ୍ୱାଦଶ ବର୍ଷ - ଅଷ୍ଟମ ସଂଖ୍ୟା - ଫେବୃଆରୀ, ୨୦୨୨**


**ପ୍ରତିଷ୍ଠାତା**
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

**ସହ ସମ୍ପାଦକ**
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମିରଞ୍ଜନ ନାଥ
୯୯୮୬୧୪୭୭୧୯୫
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮



**ଯୋଗାଯୋଗ:**
**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରିସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩ ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀଯୁକ୍ତ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ,ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକ ଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟତା | ଟ.୩୦୦୦/- |

(ଆଜୀବନ ସଦସ୍ୟତା ୧୪ ବର୍ଷ ପାଇଁ )


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର୍

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୦୩୩୯୭୪୨୨୬। IFSC-SBIN0012027, MICR-752002151

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ

**AMARISATYA :** AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
website: www.amarisatya.in • Email:amarisatya@gmail.com , amarisatya@rediffmail.com


# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୦୨ |
| ୨. | ସମ୍ପାଦକୀୟ | | ୦୩ |
| ୩. | ହିତ ବାଣୀ | | ୦୪ |
| ୪. | ବିଜ୍ଞାନ ବିଚିତ୍ରା | ପ୍ରେମଚାନ୍ଦ ମହାନ୍ତି | ୦୬ |
| ୫. | ମଣିଷର ଅସହାୟତା | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୦୯ |
| ୬. | ଡାଇବେଟିସ୍..... | ଡକ୍ଟର ମୁରାରି ମୋହନ ଦାଶ | ୧୧ |
| ୭. | ନେତାଜୀ ଓ ସାଂପ୍ରଦାୟିକତା | ଡକ୍ଟର ରାଜକିଶୋର ପାଢ଼ୀ | ୧୨ |
| ୮. | ସବୁ ମନେଅଛି | ଡକ୍ଟର ପ୍ରଦୀପ କୁମାର ମିଶ୍ର | ୧୩ |
| ୯. | ହଜି ଯାଉଛି ମୁଁ | ଶିବ ମିଶ୍ର | ୧୩ |
| ୧୦. | ଭଗବାନଙ୍କ କେକ୍ | ପ୍ରିୟମ୍ବଦା ସାହୁ | ୧୪ |
| ୧୧. | କିସ କଥା - ବ୍ୟାଙ୍କ୍ କଥା(୩) | ଘନବିହାରୀ ମହାରଣା | ୧୫ |
| ୧୨. | ପଲ୍ଲୀ ପ୍ରଭାତ | ବାସୁଦେବ ସାହୁ | ୧୬ |
| ୧୩. | ଛଦ୍ମବେଶ | ରାମଶଙ୍କର | ୧୭ |
| ୧୪. | ନିଜ ଓ ପର | ଡକ୍ଟର ଲାବଣ୍ୟଚନ୍ଦ୍ର ସାହୁ | ୧୭ |
| ୧୫. | ସାକ୍ଷାତକାର - ଡ.ଶରଚ୍ଚନ୍ଦ୍ର ମହାପାତ୍ର | | ୧୮ |
| ୧୬. | ତ୍ୟାଗୀ ବାଳକ ଶତମନ୍ୟୁ | ଗୋବିନ୍ଦ ଚନ୍ଦ୍ର ମହାରଣା | ୨୧ |
| ୧୭. | ମୁଢ଼ି ଖାଇବାର ମଜା | ଡକ୍ଟର ବସନ୍ତ କିଶୋର ସାହୁ | ୨୧ |
| ୧୮. | ନାଦାଲ୍ ଏବେ ଟେନିସ... | ଆଶିଷ କୁମାର ରାୟ | ୨୨ |
| ୧୯. | ସମ୍ବାଦ ବିଚିତ୍ରା | | ୨୪ |
| ୨୦. | ସାଧାରଣ ଜ୍ଞାନ | | ୨୫-୩୨ |




## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

(୬୪)



**ରମେଶ ମଙ୍ଗରାଜ**

ସବୁ ଆଶା ମୋର ତୁଟିଛି ପ୍ରଭୁ ହେ'
ଦୁନିଆଟା ସାତପର
ତଥାପି ତୁମକୁ ନିଜର କରିଛି
ତମେ ତ' ଭରସା ମୋର । ॥୦॥
ସଂସାରେ ଯାହାକୁ ନିଜର ଭାବିଲି
ସ୍ୱାର୍ଥପର ସିଏ ହେଲା
ନିଜ ସ୍ୱାର୍ଥ ତା'ର ପୂରଣ କରି ସେ
ବାଟ ଭାଙ୍ଗି ଚାଲିଗଲା
ଦେଇଗଲା ମୋତେ ନିରାଶା ଗଣ୍ଠିଲି
କାନ୍ଧରେ ବହୁଛି ଭାର । ॥୧॥
ତଥାପି ତୁମକୁ.............
ସବୁ ଏଠି ମିଛ ତମେ ଏକା ସତ
ଏବେ ବୁଝିଲାଣି ମନ
ପାର୍ଥିବ ଭାବନା କାହିଁକି କରିବି
କୁହ ମୋ' କାଳିଆଧନ
ଶେଷ ଆଶ୍ରା ପ୍ରଭୁ କରିଛି ତୁମକୁ
'ମାର' ଅବା ତମେ 'ତାର' । ॥୨॥
ତଥାପି ତୁମକୁ............


କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା,
ଖୋର୍ଦ୍ଧା - ୭୫୨୦୫୪
ମୋ - ୯୧୭୮୭୨୭୨୮୦




ଯିଏ ନଇଁପଡ଼ିବା ବିଦ୍ୟା ହାସଲ କରିଛି, ସେ ସବୁ ବାଧା ଅତିକ୍ରମ କରିଯାଇଛି ।



# ସମ୍ପାଦକୀୟ....

କରୋନା ସହ ଦୁଇବର୍ଷର ଛକାପଞ୍ଝା ପରେ ଯଦିଓ କିଛି ଆଶ୍ୱସ୍ତିକର ଖବର ମିଳୁଛି, ତଥାପି ବିଶ୍ୱ ସମ୍ପୂର୍ଣ୍ଣ ବିପଦମୁକ୍ତ ହୋଇଛି ବୋଲି କହିହେବନି। କରୋନାର ତୃତୀୟ ରୂପ (ଓମିକ୍ରନ୍) ଅଧିକ ମାରାତ୍ମକ ହେବ ବୋଲି ଯାହା ଆଗରୁ କଳନା କରାଯାଉଥିଲା, ତାହା ସେପରି କିଛି ବିପଦପୂର୍ଣ୍ଣ ହେବ ନାହିଁ ବୋଲି ବିଶେଷଜ୍ଞମାନେ କହିବା ପରେ ସାରା ବିଶ୍ୱ କିଛିଟା ଆଶ୍ୱସ୍ତ ହେଲା। ଫଳରେ, କରୋନାର ବିଗତ ଦୁଇଟି ରୂପ ଯେପରି ବିଶ୍ୱ ସମୁଦାୟକୁ ଭୟଙ୍କରଭାବେ ମାନସିକ, ଶାରୀରୀକ ଓ ଆର୍ଥିକ ଆଘାତ ଦେଇଥିଲା, ଏଥର ସେଭଳି କିଛି ହେଲାନାହିଁ। ଲକ୍‌ଡ଼ାଉନ୍, ସଟ୍‌ଡ଼ାଉନ ଓ କଣ୍ଟେନ୍‌ମେଣ୍ଟ ଜୋନ୍ ଭଳି କଟକଣାର ପ୍ରଭାବରୁ ଜନଜୀବନ ହଇରାଣ ହେଲାନାହିଁ। ସବୁଠାରୁ ବଡ଼କଥା ହେଲା, ଓମିକ୍ରନ୍‌ର ପ୍ରଭାବରୁ ରକ୍ଷା ପାଇବାପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରିବାରୁ ଏହାର ପ୍ରଭାବକୁ ଅନେକମାତ୍ରାରେ ରୋକିହେଲା।

ତଥାପି କରୋନାର ପ୍ରକୋପ ସମ୍ପୂର୍ଣ୍ଣ ଭାବରେ ଯାଇନାହିଁ। ଏବେ ବି ଲୋକମାନେ ଏହା ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଓ ମୃତ୍ୟୁବରଣ କରୁଛନ୍ତି। ଏବେ ବି ଲୋକଙ୍କ ମନରେ ଏହାକୁ ନେଇ ଭୟ ଉପୁଜୁଛି। ତେବେ ବି ଭୟ ଭିତରେ ନିଜର ଉଜୁଡ଼ି ଯାଇଥିବା ସାମାଜିକ ସଂସ୍ଥିତିକୁ ସଜାଡ଼ି ନେବାକୁ ସେ ସଜବାଜ ହେଉଛି। ଏହି ବିପତ୍ତି କାଳରେ ସବୁଠାରୁ ଯାହା ଅଧିକ ଉଜୁଡ଼ି ଯାଇଛି, ତାହା ହେଉଛି ଶିକ୍ଷାବ୍ୟବସ୍ଥା। ଦୀର୍ଘ ଦୁଇବର୍ଷ ହୋଇଗଲା, ଶିକ୍ଷାବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଭୁଷୁଡ଼ି ଯାଇଛି। କୋମଳମତି ପିଲାଏ ସ୍କୁଲ୍ ଯିବା ଭୁଲିଯାଇଛନ୍ତି। ଛାତ୍ର ଓ ଶିକ୍ଷକମାନଙ୍କ ଭିତରେ ବିରାଟ ବ୍ୟବଧାନ ସୃଷ୍ଟି ହୋଇଛି। ପିଲାମାନଙ୍କର ଶିକ୍ଷକମାନଙ୍କ ମୁହଁ ମନେପଡୁନି କି ଶିକ୍ଷକମାନେ ମଧ୍ୟ ସେମାନଙ୍କ ଛାତ୍ରମାନଙ୍କୁ ମନେପକେଇ ପାରୁନାହାନ୍ତି। ଆଭାସୀ ଶିକ୍ଷାଦାନ ଯଦିଓ ବିକଳ୍ପ ବ୍ୟବସ୍ଥା ଭାବରେ ଗ୍ରହଣ କରାଯାଇଥିଲା, ତାହା ଗୋଟିଏ ଶିଶୁଛାତ୍ର ପାଇଁ କେତେ ଗ୍ରହଣଯୋଗ୍ୟ ହୋଇପାରିଥିବ, ତାହା ଚିନ୍ତା କରିବାର କଥା। ଶ୍ରେଣୀକକ୍ଷରେ ଶିକ୍ଷକଙ୍କ ସହ ମୁହାଁମୁହିଁ ହୋଇ ମଧ୍ୟ ଯେଉଁ ଶିଶୁଛାତ୍ରମାନେ ବୁଝିବାରେ ସକ୍ଷମ ହେଉନଥିଲେ, ସେମାନେ ଆଭାସୀ ଶିକ୍ଷାଦାନରେ ଶିକ୍ଷକଙ୍କ କଥା ଶୁଣି କେତେ ମାତ୍ରାରେ ପାଠ୍ୟମନସ୍କ ହୋଇ ପାରିଥିବେ ? ସୁତରାଂ, ଏହି ସମୟରେ ଏହି ଶିଶୁଛାତ୍ରମାନେ (ଆମେ ଏଠାରେ ୧ମ ରୁ ୭ମ ଶ୍ରେଣୀର ଛାତ୍ରଙ୍କ କଥା କହୁଛୁ) ସବୁଠାରୁ ଅଧିକମାତ୍ରାରେ ପ୍ରଭାବିତ ହୋଇଥିବେ ଓ ସେମାନଙ୍କ ଭିତରେ ପାଠ ପ୍ରତି ଏକପ୍ରକାର ବୈରାଗ୍ୟ ଭାବନା ଆସି ସାରିଥିବ ଏଥିରେ ସନ୍ଦେହ ନାହିଁ।

ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏହି ବୟସଟି ସବୁଠାରୁ ଅଧିକ ମୂଲ୍ୟବାନ ବୋଲି ଧରାଯାଏ। ଏହି ବୟସରେ ସେ ଭବିଷ୍ୟତ ପାଇଁ ଜୀବନୀରସ ସଂଗ୍ରହ କରେ। ବ୍ୟକ୍ତି ଚରିତ୍ରର ସାମଗ୍ରୀକ ଚେତନା ଏହି ସମୟରେ ବିକଶିତ ହୁଏ। କଞ୍ଚାମାଟି ହାତୁଡ଼ିର ପାହାର ପାଇ ନିର୍ଦ୍ଦିଷ୍ଟ ଆକାର ନିଏ। ସମୟ ଗଡ଼େଇଦେଲେ ମାଟି ଶୁଖିଯାଏ। ହାତୁଡ଼ିର ପାହାର କିଛି କାମ ଦିଏନି। ମାଟି ଅଦରକାରୀ ହୋଇଯାଏ। ସେହିଭଳି ଅବସ୍ଥା ଏହି ଶିଶୁଛାତ୍ରମାନଙ୍କର। ଅନିଚ୍ଛା ସତ୍ତ୍ୱେ ଦୁଇବର୍ଷ ଗଡ଼ିଗଲା। ଘରେ ବସିବସି ଶିଶୁଛାତ୍ରମାନେ ସ୍କୁଲ ପ୍ରତି ବିରାଗୀ ହୋଇଯାଇଥିବା ସ୍ୱାଭାବିକ। ଏହି ଘଡ଼ିସନ୍ଧି ସମୟରେ ବଢ଼ିଥିବା ଏହି ବୟସର ପିଲାମାନଙ୍କ ଭବିଷ୍ୟତ କୋଉ ଭଳି ରୂପ ନେବ, ତାହା କହିବା ହୁଏତ ବର୍ତ୍ତମାନ ପାଇଁ କଠିନ ହୋଇପଡ଼ିବ।


ତେବେ ସେ ଯାହାହେଉ, ଏସବୁ ପାଇଁ କେହି ପ୍ରସ୍ତୁତ ନଥିଲେ। ଏହାକୁ ଏକ ଆକସ୍ମିକ ଅଭିଶାପ ଭାବରେ ଗ୍ରହଣ କରାଯାଇପାରେ। ଏବେ ସରକାରଙ୍କ ନିଷ୍ପତ୍ତି ନିଶ୍ଚିତଭାବେ କିଛିଟା ଆଶ୍ୱସ୍ତି ଆଣିଛି। ଫେବୃଆରୀ ୭ ତାରିଖରୁ ପ୍ରଥମ ଠାରୁ ସମସ୍ତ ଶ୍ରେଣୀ ଖୋଲିବାପାଇଁ ସରକାର ଘୋଷଣା କରି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଛନ୍ତି। ଆମେ ଆଶାକରିବା, ବିଗିଡ଼ି ଯାଇଥିବା ଶିକ୍ଷାବ୍ୟବସ୍ଥା ସରକାରଙ୍କ ଏହି ଘୋଷଣା ଫଳରେ ନିଶ୍ଚିତଭାବେ ସଳଖି ଛିଡ଼ାହେବ। ଆମ ଶିକ୍ଷାବ୍ୟବସ୍ଥାର ହୃତ ଗୌରବ ପୁଣି ଫେରିଆସିବ। ଶିଶୁଛାତ୍ରମାନେ ବସନ୍ତର ନବକିଶଳୟ ପରି ପୁନଃ ଉନ୍ନିଦ୍ର ହେବେ, ଏହା ହିଁ ଆଶା କରିବା।

ବିଶ୍ୱ ସୁସ୍ଥ ହେଉ, ବିଶ୍ୱ ମାନସିକତା ସ୍ଥିର ହେଉ, ବିଶ୍ୱର ଜୟଯାତ୍ରା ଅବ୍ୟାହତ ରହୁ ବୋଲି ପରିଶେଷରେ ଏହି କାମନା କରିବା।

ଡ. ପ୍ରସନ୍ନ କୁମାର ଜେନା

# ହିତ ବାଣୀ





## ଗୀତା

କାମ ଏଷ କ୍ରୋଧ ଏଷ ରଜୋଗୁଣ ସମୁଭବଃ ।
ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ୍ ।

ଅର୍ଥ – ଶ୍ରୀଭଗବାନ କହିଲେ – ହେ ଅର୍ଜ୍ଜୁନ। ଏହା ହେଉଛି କାମନା। ଏହା ରଜୋଗୁଣରୁ ଜାତ। ପରେ ଏହା କ୍ରୋଧରେ ପରିଣତ ହୁଏ। ସେହିକାମ ଏହି ପୃଥିବୀରେ ଏକ ସର୍ବଗ୍ରାହୀ ମହାନ୍ ପାପକର୍ମା ଶତ୍ରୁ ଅଟେ। ବିଶୁଦ୍ଧ ଜୀବକୁ ଭୌତିକ ବନ୍ଧନରେ ପକାଇଥାଏ।

## ଚାଣକ୍ୟ ନୀତି

ଏକେ ନାପି ସୁପୁତ୍ରେଣ ବିଦ୍ୟା ଯୁକ୍ତେନ ସାଧୁନା।
ଆହ୍ଲାଦିତଂ, କୂଳଂ ସର୍ବଂ ଯଥା ଚନ୍ଦ୍ରେଣ ଶର୍ବରୀ ॥

ଏକମାତ୍ର ପୁତ୍ର ବିଦ୍ୟା ବୁଦ୍ଧିଯୁକ୍ତ
କୁଳ କରେ ଆନନ୍ଦିତ,
ଏକଇ ଚନ୍ଦ୍ରମା ଯେପରି ପୂର୍ଣ୍ଣିମା
ରାତ୍ରିକରେ ସୁଶୋଭିତ ॥

## ଲୋକବିଚାର

ପର ମନ ଜାଣି କହେ ସେ କଥା
ଦମ୍ଭ ଧରି ସହେ ବିପଦ ବ୍ୟଥା ।
ବରଷାକୁ ବୁଝି ଧରଇ ଛତା
ବୁଝିବ ରହିଛି ତାହାରି ମଥା ॥

## ଖନାବଚନ

ଅନ୍ତେ ତିକ୍ତ, ଦନ୍ତେ ଲୁଣ,
**ପେଟ ପୂରିବ ତିନିକୋଣ।**

## କୁହତ ଦେଖି

ଏତିକି ଟିକିଏ ଗେଡ଼ି
ଲୁଗାପିନ୍ଧେ ଚଉଦ କୋଡ଼ି।

ଉତ୍ତର – ପିଆଜ

## ଭାଗବତ ବାଣୀ

**ମନୁଷ୍ୟ ଜନ୍ମ – କର୍ମ ସେହି ।**
**ହରିଙ୍କ ସେବା ହୋଏ ଯହିଁ ॥**
**ହରି ଭଜନ ଯେବେ ନାହିଁ ।**
**ଏଥୁ ଅଭାଗ୍ୟ ପରେ ନାହିଁ ॥**



ଦୁଃଖ ଭୋଗ କରୁଥିବାବେଳେ ନୀରବ ରହିବାଟା ହେଉଛି ବିଜ୍ଞତା।

# ପଦ୍ମ ସମ୍ମାନ, ୨୦୨୨

## ୭ ଜଣ ପ୍ରତିଭାବାନ୍ ଓଡ଼ିଆ ସମ୍ମାନିତ

ଗଣତନ୍ତ୍ର ଦିବସ ଅବସରରେ ୨୦୨୨ ବର୍ଷ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ମୋଟ୍ ୧୨୮ ଜଣଙ୍କୁ ପଦ୍ମ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରେ ୩୪ ଜଣ ମହିଳା, ୧୦ ଜଣ ଏନଆରଆଇ ଏବଂ ୧୩ ଜଣ ମରଣୋତ୍ତର ଅଟନ୍ତି। ପଦ୍ମ ପୁରସ୍କାର ତାଲିକାରେ ୭ ଜଣ ପ୍ରତିଭାବାନ୍ ଓଡ଼ିଆ ସମ୍ମାନିତ ହେବେ। ଲେଖିକା ପ୍ରତିଭା ରାୟଙ୍କୁ ଭାରତର ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଭୂଷଣ' ପାଇଁ ମନୋନୀତ କରାଯାଇଛି। ତାଙ୍କ ସହ ଆଉ ୬ ଜଣ ଓଡ଼ିଆ 'ପଦ୍ମଶ୍ରୀ' ପାଇବେ। ସେମାନେ ହେଲେ କଳା ପାଇଁ ଶ୍ୟାମାମଣି ଦେବୀ, ବିଜ୍ଞାନ ପାଇଁ ଆଦିତ୍ୟ ପ୍ରସାଦ ଦାଶ, ସମାଜସେବା ପାଇଁ ବାବା ବଳିଆ, କ୍ରୀଡ଼ା ପାଇଁ ପ୍ରମୋଦ ଭଗତ, ସାହିତ୍ୟ ଓ ଶିକ୍ଷା ପାଇଁ ନରସିଂହ ପ୍ରସାଦ ଗୁରୁ। ଏହା ସହ ପ୍ରଶାସନିକ ସେବା କ୍ଷେତ୍ରରେ ଅବଦାନ ପାଇଁ ଦିବଂଗତ ଆଇଏଏସ୍ ଅଧିକାରୀ ଗୁରୁପ୍ରସାଦ ମହାପାତ୍ରଙ୍କୁ ମରଣୋତ୍ତର ଭାବେ ପଦ୍ମଶ୍ରୀ ପ୍ରଦାନ କରାଯିବ। ଗୁରୁପ୍ରସାଦ ମହାପାତ୍ର ଦିଲ୍ଲୀରୁ ମନୋନୀତ ହୋଇଛନ୍ତି। ଆସନ୍ତା ଏପ୍ରିଲ୍ କିମ୍ବା ମେ' ମାସରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିବେ।

### ପଦ୍ମଭୂଷଣ ସମ୍ମାନ

ପୂର୍ବରୁ ମହାଦେବ ଆୟାର ଗଣପତି, ପ୍ରାଣକୃଷ୍ଣ ପରିଜା, ନୀଳକଣ୍ଠ ଦାସ, ରାଧାନାଥ ରଥ, କାଳନ୍ଦୀ ଚରଣ ପାଣିଗ୍ରାହୀ, ଗୋପୀନାଥ ମହାନ୍ତି, ଗୁରୁ କେଲୁଚରଣ ମହାପାତ୍ର ପ୍ରଫେସର ତ୍ରିଲୋଚନ ପ୍ରଧାନ, ରଘୁନାଥ ମହାପାତ୍ର, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ ଓ ମନୋଜ ଦାସ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପଦ୍ମଭୂଷଣ ସମ୍ମାନ ପାଇବାରେ ପ୍ରତିଭା ରାୟ ହେଉଛନ୍ତି ୧୩ତମ ଓଡ଼ିଆ।

ଓଡ଼ିଶାରୁ ଏତେ ସଂଖ୍ୟାରେ ବ୍ୟକ୍ତି ପଦ୍ମ ପୁରସ୍କାର ପାଇବା ଆମପାଇଁ ଗୌରବର ବିଷୟ ଅଟେ।

# ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକର ପଞ୍ଚତତ୍ତ୍ୱରେ ବିଲୀନ

ଲତା ମଙ୍ଗେସକର, ୨୮ ସେପ୍ଟେମ୍ବର ୧୯୨୯ ମସିହାରେ ମଧ୍ୟପ୍ରଦେଶର ଇନ୍ଦୋରରେ ଏକ ସାଧାରଣ ପରିବାରେ ଜନ୍ମ ଗହଣ କରିଥିଲେ । ବାପା ଦୀନନାଥ ଜଣେ ମଂଚ କଳାକାର ଥିଲେ। ଲତା ତାଙ୍କଠାରୁ ପ୍ରେରଣା ପାଇଁ ୫ ବର୍ଷ ବୟସରୁ ସଙ୍ଗୀତ ପ୍ରତି ଆକୃଷ୍ଟ ହୋଇଥିଲେ। ସେ ୭ ବର୍ଷ ବୟସରୁ ସଙ୍ଗୀତ ଗାଇବା ଆରମ୍ଭ କରିଥିଲେ । କିନ୍ତୁ ଲତା ଯେତେବେଳେ ୭ ବର୍ଷର ହୋଇଥିଲେ ସେତେବେଳେ ତାଙ୍କ ପରିବାର ମୁମ୍ବାଇ ଆସି ବସତିସ୍ଥାପନ କରିଥିଲେ । ଲତା ୩୦ରୁ ଅଧିକ ଭାଷାରେ କଣ୍ଠଦାନ କରି ସମସ୍ତଙ୍କ ଗହଣରେ ଆଦରଣୀୟା ହୋଇପାରିଛନ୍ତି । ୯୨ ବର୍ଷ ବୟସରେ ମଧ୍ୟ ତାଙ୍କ କଣ୍ଠ ପୂର୍ବପରି ରହିପାରିଥିଲା । ସଙ୍ଗୀତ ଛଡା ତାଙ୍କର ଅନ୍ୟ କୌଣସିଥିରେ ଧ୍ୟାନ ନଥାଏ । କିନ୍ତୁ କ୍ରିକେଟ ଖେଳ ଦେଖିବାକୁ ସେ ଭଲ ପାଆନ୍ତି । ଖେଳ ଚାଲିବା ସମୟରେ ସେ କିଛି ସମୟ ବାହାର କରି କ୍ରିକେଟ ଖେଳ ଦେଖିଥାନ୍ତି । କ୍ରିକେଟିୟରଙ୍କ ମଧ୍ୟରୁ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ପ୍ରଦର୍ଶନକୁ ସେ ଅତି ମାତ୍ରାରେ ଭଲ ପାଆନ୍ତି ।

୫୧ ବର୍ଷ ବୟସରେ ଲତା ମଙ୍ଗେସକର ୭୫ରୁ ଅଧିକ ପୁରସ୍କାର ପାଇଥିଲେ । କେବଳ ଭାରତ ସରକାରଙ୍କ ଠାରୁ ୫ଟି ପୁରସ୍କାର ଗ୍ରହଣ କରିଥିବା ବେଳେ ବହୁ ବଡ଼ ବଡ଼ ପୁରସ୍କାର ହାତେଇଥିଲେ ଲତା । ୩ଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସହ ୧୯୬୯ରେ ପଦ୍ମ ଭୂଷଣ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ୧୯୮୯ରେ ଦାଦା ସାହେବ ଫାଲକେ ପୁରସ୍କାର ତାଙ୍କୁ ମିଳିଥଲା । ୧୯୯୯ରେ ପଦ୍ମ ବିଭୂଷଣ ପୁରସ୍କର ମିଳିଥିବା ବେଳେ, ୨୦୦୧ରେ ଭାରତ ରନ୍‌ରେ ସମ୍ମାନିତ ହୋଇଥିଲେଖାଲି ସେତିକି ନୁହେଁ ୨୦୦୮ରେ ଲାଇଫ ଟାଇମ୍ ଆଚିଫମେଂଟ ଆୱାର୍ଡ ମଧ ପାଇଥିଲେ । ୦୬ ଫେବ୍ରୁଆରୀ, ୨୦୨୨ ସକାଳ ୮ଟା ୧୨ ମିନିଟ୍ ରେ ତାଙ୍କ ଦେହାନ୍ତ ହେଲା। ଶିବାଜୀ ପାର୍କଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି । କେନ୍ଦ୍ର ସରକାର ୨ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିବା ସାଙ୍ଗକୁ ଜାତୀୟ ପତାକା ୨ ଦିନ ପାଇଁ ଅର୍ଦ୍ଧନମିତ ରହିବାକୁ ମଧ୍ୟ ଘୋଷଣା କରାଯାଇଛି।

ଉପସ୍ଥାପନା - ଡ. ପ୍ରମୋଦ ଚନ୍ଦ୍ର ଦାଶ



ଜୀବନରେ ଯାହାର କୌଣସି ଲକ୍ଷ୍ୟନାହିଁ ସେ ହେଉଛି ସମାଜରେ ସବୁଠାରୁ ବଳି ଦରିଦ୍ର।

# ବିଜ୍ଞାନ ବିଚିତ୍ର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

## ପକ୍ଷୀମାନଙ୍କ ଅଣ୍ଡା ରଙ୍ଗିନ ଅଟେ କାହିଁକି ?



ସମସ୍ତ ମେରୁଦଣ୍ଡୀ ପ୍ରାଣୀମାନଙ୍କ ମଧ୍ୟରେ କେବଳ ପକ୍ଷୀମାନେ ରଙ୍ଗିନ ଅଣ୍ଡା ଦେଇଥାନ୍ତି। ଏହା କେବଳ ଯେ ରଙ୍ଗବେରଙ୍ଗ ହୋଇଥାଏ ତାନୁହଁ ବରଂ ଏହା ନିର୍ଦ୍ଦିଷ୍ଟ ଡିଜାଇନର ବି ହୋଇଥାଏ। ମେକ୍ୟୁଆରୀ ୟୁନିଭର୍ସିଟିର ଗବେଷକ କିଆରା ଏଲ ହରପିନିଏରେଙ୍କ ଦ୍ୱାରା ଇଭୋଲ୍ୟୁସନ ପତ୍ରିକାରେ ଏକ ସନ୍ଦର୍ଭରେ ସେ କହିଛନ୍ତି ଯେ ପ୍ରାୟ ୪୦ ମିଲିଅନ ବର୍ଷ ପୂର୍ବେ ଅଧିକାଂଶ ଗୀତ ଗାଉଥିବା ପକ୍ଷୀ ସଂପୂର୍ଣଭାବେ ବନ୍ଦ ବସାରେ ଅଣ୍ଡା ଦେଉଥିଲେ କିନ୍ତୁ କାଳକ୍ରମେ ଏ ଅଭ୍ୟାସର ପରିବର୍ତ୍ତନ କରି ସେମାନେ ଖୋଲା ବସାରେ ରହିବା ପସନ୍ଦ କଲେ । ଏଥି ସହିତ ସାଧାରଣଭାବେ ଧଳା କିମ୍ବା ଗାଢ ବାଦାମୀ ରଙ୍ଗରୁ ଧୀରେଧୀରେ ବିଭିନ୍ନ ରଙ୍ଗ ଯଥା ଗୋଲାପି, ନୀଳ, ଓଲିଭ, ହଳଦିଆ ଓ ଧୂସର ରଙ୍ଗରେ ସେମାନେ ଅଣ୍ଡା ଦେବା ଆରମ୍ଭ କଲେ। ଗବେଷକଙ୍କ ମତାନୁଯାୟୀ ମୁଖ୍ୟତଃ ଦୁଇଟି ରଙ୍ଗ ଯଥା ବାଦାମୀ ଓ ନୀଳ ରଙ୍ଗର ମିଶ୍ରଣରୁ ଅଣ୍ଡାର ରଙ୍ଗ ବାହାରିଥାଏ। ଏହାର ଅନୁପାତକୁ ଯଦି ବଦଳାଇ ଦିଆଯାଏ ତେବେ ଉପରୋକ୍ତ ରଙ୍ଗ ସବୁ ସୃଷ୍ଟି ହୋଇଥାଏ। ୨୦୧୭ ମସିହାରେ ଜଣାଗଲା ଯେ ଡାଇନୋସରମାନେ ମଧ୍ୟ ରଙ୍ଗିନ ଅଣ୍ଡା ଦେଉଥିଲେ ବିଶେଷକରି ଯେଉଁ ଡାଇନୋସରମାନେ ଖୋଲା ଜାଗାରେ ଅଣ୍ଡା ଦେଉଥିଲେ। ତେବେ ଏହାର କାରଣ କଣ ହୋଇପାରେ ? ୧) ପରିବେଶର ତାପମାତ୍ରା ଯଦି ଅତ୍ୟଧିକ ହୁଏ ତେବେ ଅଣ୍ଡା ମଧ୍ୟରେ ଥିବା ଭୃଣଟି ନଷ୍ଟ ହୋଇ ଯାଇପାରେ କିନ୍ତୁ ଏହାର ବାହ୍ୟ ଆସ୍ତରଣଟି ଭିନ୍ନ ରଙ୍ଗର ହୋଇଥିଲେ ଏହାର ତାପ ଶୋଷଣ କ୍ଷମତା ଅଧିକ ହେବାରୁ ଏପରି ଘଟେ ନାହିଁ। ୨) ବାୟୁ ମଣ୍ଡଳରେ ଅତ୍ୟଧିକା କୀଟନାଶକ ପ୍ରୟୋଗ ହେତୁ ବହୁ ପକ୍ଷୀଙ୍କ ଆହାରରେ କ୍ୟାଲସିଅମର ଅଭାବ ହେତୁ ଅଣ୍ଡାର ଖୋଳ ପତଳା ହୋଇଯାଏ। କିନ୍ତୁ ପ୍ରକୃତିର ନିୟମାନୁଯାୟୀ ଏହି ଅଣ୍ଡାକୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇବାକୁ ପତଳା ଥିବା ସ୍ଥାନରେ ରଙ୍ଗିନ ପଦାର୍ଥ ସବୁ ଜମା ହୋଇଯାଏ। ୩) ଅନ୍ୟ ଏକ କାରଣ ହେଲା ଏହି ରଙ୍ଗ ଅଣ୍ଡାଗୁଡିକୁ କ୍ଷତି ପହଂଚାଉଥିବା ଅନ୍ୟ ପ୍ରଜାତିଙ୍କଠୁଁ ରକ୍ଷା କରେ ଏବଂ ବିଭିନ୍ନ ରଙ୍ଗ ମୁଖ୍ୟତଃ ନୀଳ ରଙ୍ଗ ମାଈ ପକ୍ଷୀର ପ୍ରଜନନ କ୍ଷମତାକୁ ଦର୍ଶାଇଥାଏ। ଏହି ଗବେଷଣା ଅନ୍ୟ ଏକ ବିଷୟ ଦର୍ଶାଇଲା ଯେ କେବଳ ସେହି ପକ୍ଷୀ ରଙ୍ଗିନ ଅଣ୍ଡା ଦେଉଛନ୍ତି ଯେଉଁମାନେ ଖୋଲା ବସାରେ ବାସ କରନ୍ତି। ବିବର୍ତ୍ତନ କାଳରେ ଦୁଇଥର ଏହି ପକ୍ଷୀମାନେ ସଂପୂର୍ଣ ବନ୍ଦ ବସା ତିଆରିକୁ ଭୁଲିଯାଇ ଅଧା ଖୋଲା ବସାରେ ଅଣ୍ଡା ଦେବା ଆରମ୍ଭ କଲେ ଏବଂ ସେହି ଦିନଠାରୁ ରଙ୍ଗିନ ଅଣ୍ଡା ଦେବା ପରମ୍ପରା ସୃଷ୍ଟି ହେଲା।


## ସୌରକୋଷର ଉପାଦାନ:



ଆଜି ସମଗ୍ର ବିଶ୍ୱରେ ଶକ୍ତି ସଙ୍କଟର ସମାଧାନର ଏକ ମୁଖ୍ୟ ସମ୍ଭାବନା ହେଲା ସୌର ଶକ୍ତିକୁ ବ୍ୟବହାରକ୍ଷମ କରିବା । ଆସନ୍ତୁ ଏହି ଶକ୍ତି ଆହରଣରେ ବ୍ୟବହୃତ ପ୍ୟାନେଲ ସଂପର୍କରେ ଆଲୋଚନା କରିବା। ତାପୂର୍ବରୁ ଏହାର ଇତିହାସ ସଂପର୍କରେ ଜାଣିବା ଉଚିତ ହେବ। ୧୮୩୯ ଖ୍ରୀ;ଅ ରେ ଆଂଟୋନି ସେଜାର ବେକ୍ୱେରେଲ ଜାଣିଲେ ଯେ ଯଦି ଗୋଟିଏ ରାସାୟନିକ ବ୍ୟାଟେରିକୁ ସୂର୍ଯ୍ୟାଲୋକରେ ରଖାଯାଏ ତେବେ ତାର ଜୀବନକାଳ ବଢିବା ସହ ପାୱାର ବଢିଯାଉଛି। ୧୮୭୩ ମସିହାରେ ୱିଲୋବି ସ୍ମିଥ ଦର୍ଶାଇଲେ ଯେ ସେଲେନିଅମ ଧାତୁ ଆଲୋକ ଉପସ୍ଥିତିରେ ପ୍ରତିକ୍ରିୟାଶୀଳ ହୋଇ ଉଠେ। ଆଉ ଏକ ପାଦ ଆଗକୁ ଯାଇ ୧୮୭୭ରେ ଆଦାମ୍ସ ଓ ଡେ ଦର୍ଶାଇଲେ ଯେ ସେଲେନିଅମ ଆଲୋକ ଉପସ୍ଥିତିରେ ବିଦ୍ୟୁତ ଶକ୍ତି ଜାତ କରାଏ। ୧୮୮୦ରେ ଚାର୍ଲସଟ୍ସ ସୁନା ଆଚ୍ଛାଦିତ ସେଲେନିଅମ ଧାତୁରୁ ପ୍ରଥମେ ସୌରକୋଷ ତିଆରି କରିଥିଲେ। ୧୯୦୫ରେ ପ୍ରଥମେ ଆଲବର୍ଟ ଆଇନଷ୍ଟାଇନ 'ଫୋଟୋଇଲେକ୍ଟ୍ରିକ' ପ୍ରଭାବ ଦ୍ୱାରା ଦର୍ଶାଇଲେ ଯେ କେତେକ ଧାତୁ ଉପରେ ଆଲୋକ ପଡିଲେ ସେଥିରୁ ବିଦ୍ୟୁତ ଶକ୍ତି ଉତ୍ପନ୍ନ ହୋଇଥାଏ।୧୯୫୪ ମସିହାରେ ବେଲ ଲେବ ର ବୈଜ୍ଞାନିକମାନେ ୪% କ୍ଷମତା ଥିବା ଏକ ସୋଲାର କୋଷ ତିଆରି କରିଥିଲେ। ଆମେରିକାରେ ଗ୍ରାମାଂଚଳରେ ଏକ ଟେଲିଫୋନ ରିଲେ ସିଷ୍ଟମ ତିଆରି ବେଳେ ଏହାର କ୍ଷମତାକୁ ୧୫% ପର୍ଯ୍ୟନ୍ତ ବଢାଗଲା। କିନ୍ତୁ ଆଜିକାଲି ବିଶୁଦ୍ଧ ସିଲିକନକୁ ସୌରକୋଷର ମୁଖ୍ୟ ଅଂଶ ରୂପେ ନିଆଯାଉଛି। ଏହାକୁ କ୍ୱାର୍ଜାଇଟ ଗ୍ରାଭେଲ କିମ୍ବା କ୍ୱାର୍ଜ ଗୁଣ୍ଡରୁ ଆହରଣ କରାଯାଏ। ଏହାକୁ ସେମିକଣ୍ଡକ୍ଟରରେ ରୂପାନ୍ତରିତ କରିବାକୁ ଫସଫରସ କିମ୍ବା ବୋରନ ସହିତ ଡୋପ କରାଯାଏ। ଏହି ସିଲିକନର ବାହ୍ୟ ଅଂଶ ଚକଚକ କରୁଥିବାରୁ ଏହା ଉପରେ ଟିଟାନିଅମ ଡାଇଅକ୍ସାଇଡର ଏକ ପ୍ରଲେପ ଦିଆଯାଏ। ଏହାକୁ ସୁରକ୍ଷିତ ରଖିବାକୁ ଇଥିଲିନ ଭିନାଇଲ ଏସିଟେଟ ଦ୍ୱାରା ଭିଜା ହୋଇଥିବା ସିଲିକନ ରବର କିମ୍ବା ବ୍ୟୁଟିରିଲ ପ୍ଲାଷ୍ଟିକର ଆସ୍ତରଣ ଦିଆ ଯାଇଥାଏ। ବିଶ୍ୱର ୮୫% ସୋଲାର ପାନେଲ ସିଲିକୋନ

ସ୍ଫଟିକରୁ ତିଆରି ।କିନ୍ତୁ ଏହାକୁ ତିଆରି କରିବାକୁ ପ୍ରତି ବର୍ଗଫୁଟ ପାଇଁ ୨.୫୦ ଡଲାର ଖର୍ଚ୍ଚ ହୁଏ । କିନ୍ତୁ ଅଳ୍ପ ଖର୍ଚ୍ଚରେ ଅର୍ଥାତ ବର୍ଗଫୁଟ ପିଛା ୦.୨୫ ଡଲାର ଲାଗୁଥିବା ପେରୋଭସ୍କାଇଟକୁ ବିଶ୍ୱର ୧୫% ଦେଶ ବ୍ୟବହାର କରୁଛନ୍ତି । ଏହାକୁ ୨୦୦୯ରେ ପ୍ରଥମେ ସୌରକୋଷରେ ଲଗା ଯାଇଥିଲା । ଏହା କ୍ୟାଲସିଅମ-ଟିଟାନିଅମ ଅକ୍ସାଇଡ ଭଳି ଆକୃତି ଥିବା ସିସା ଲବଣର ଏକ ଯୌଗିକ । ଏହା ଏକ ଶସ୍ତା ପଦାର୍ଥ ହେଲେହେଁ ଏଥିରୁ ୩ଡି ପ୍ରିଂଟିଙ୍ଗ ସହଜ ହୁଏ ଓ ଏହା ପ୍ରାୟ ୨୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହେ । ଏହାର ଆଲୋକ ଶୋଷଣ ଓ ଚାର୍ଜ ବହନ କ୍ଷମତା ଅଧିକ ଥିବାରୁ ଏହା ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି । ପେରୋଭସ୍କାଇଟରେ ୩ ଟି ମୁଖ୍ୟ ଅଙ୍ଗ ରହିଛି । ଗୋଟିଏ ହେଲା ଆୟୋଡିନ ଓ ବ୍ରୋମିନର ଏକ ହାଲାଇଡ ଯାହାର ଅନୁପାତକୁ ବଦଳାଇଲେ ତାର ବିଦ୍ୟୁତ ଉତ୍ପାଦନ କ୍ଷମତା ବଦଳିଥାଏ । ବର୍ତ୍ତମାନ ବ୍ୟବହୃତ ପାନେଲର କ୍ଷମତା ୨୫ ରୁ ୩୦% ଅଟେ ଅର୍ଥାତ ଶୋଷିତ ସୂର୍ଯ୍ୟାଲୋକର ଏତିକି ପରିମାଣର ଆଲୋକକୁ ଏହା ବିଦ୍ୟୁତରେ ରୂପାନ୍ତରିତ କରିପାରୁଛି ।

## କୋଭିଡ ଆଂଟିବଡିର ଶକ୍ତି ବୟସ ଓ ଲିଙ୍ଗ ଉପରେ ନିର୍ଭରଶୀଳ :



କୋଭିଡ ବା କରୋନା ଆମକୁ ଗୁଡିଏ ନୂତନ ଶବ୍ଦ ଯଥା ଭ୍ୟାକ୍ସିନ, ଇମ୍ୟୁନିଟି, ଆଂଟିବଡି ଇତ୍ୟାଦି । ଭ୍ୟାକ୍ସିନର ମୂଳ ଉଦ୍ଦେଶ୍ୟ ଥିଲା ଶରୀରରେ ଆଂଟିବଡି ସୃଷ୍ଟି କରିବା ଯାହାଫଳରେ ରୋଗ ବିରୁଦ୍ଧରେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ । ଏଥିପାଇଁ ସିଙ୍ଗଲ ଓ ଡବଲ ଡୋଜର ପ୍ରାବଧାନ ରଖାଗଲା । ତେବେ ପ୍ରଶ୍ନ ଉଠେ ଏହି ଆଂଟିବଡି ଶରୀରରେ କେତେଦିନ ପ୍ରଭାବୀ ହୋଇ ରହିବ । ପୁନଶ୍ଚ ଏଥିରେ ଲିଙ୍ଗଗତ ବୈଷମ୍ୟ ରହିବ ନା ନାହିଁ ଏବଂ ବୟସର କିଛି ପ୍ରଭାବ ଅଛି ନାନାହିଁ । ଏହାର ଉତ୍ତର ଖୋଜିବାକୁ ଟେକ୍ସାସ ବାୟୋମେଡିକାଲ ରିସର୍ଚ୍ଚ ଇନଷ୍ଟିଟ୍ୟୁଟର ପ୍ରଫେସର ବ୍ରାଣ୍ଡନ ମାଇକେଲ ହେନରୀ ଓ ଇଟାଲୀ ର ଭେରୋନା ୟୁନିଭର୍ସିଟିର କେତେଜଣ ଗବେଷକ ପ୍ରାୟ ୨୧ ରୁ ୭୫ ବର୍ଷ ବୟସ୍କ ୭୮୭ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଏକ ଗବେଷଣା କରିଥିଲେ । ଏମାନେ ସମସ୍ତେ ଦୁଇଟି ଡୋଜର ଭ୍ୟାକ୍ସିନ ନେଇଥିଲେ । ସେମାନେ ଦେଖିଲେ ଯେ ୬୫ ବର୍ଷରୁ କମ ବୟସ୍କ ବ୍ୟକ୍ତିଙ୍କ ଶରୀରରେ ଆଂଟିବଡିର ସଂଖ୍ୟା ପ୍ରାୟତଃ ଦୁଇଗୁଣ ଅଧିକ ରହୁଛି । ଏବଂ ୬ ମାସ ମଧ୍ୟରେ ଏହାର ସ୍ତର ପ୍ରାୟ ୫୦% କମିଯାଉଛି । ସେମାନଙ୍କ ମତରେ ୬ ମାସ ପରେ ସମସ୍ତଙ୍କୁ ବୁଷ୍ଟର ଡୋଜ ଦେବାଟା ଜରୁରୀ ହୋଇ ପଡୁଛି । ସେହିପରି ପୁରୁଷଙ୍କ ତୁଳନାରେ ମହିଳାଙ୍କ ଶରୀରରେ ଏହା ଦୁଇଗୁଣ ପ୍ରଭାବୀ ରହୁଛି । ତାର କାରଣ ହେଲା ପୁରୁଷଙ୍କ ଶରୀରରେ ଥିବା ଟେଷ୍ଟୋଷ୍ଟେରନ ନାମକ ହରମୋନ ମହିଳାଙ୍କ ଶରୀରରେ ଥିବା ଇଷ୍ଟ୍ରୋଜେନ ଅପେକ୍ଷା ଇମ୍ୟୁନ ସିଷ୍ଟମକୁ ଅଧିକ ଶିଥିଳ କରିପକାଏ । ସେହିପରି କେତେକ ଜିନ ଅଛନ୍ତି ଯେଉଁମାନେ ଇମ୍ୟୁନ ପ୍ରୋଟିନ ତିଆରିରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି । ଏମାନେ ଏକ୍ସ କ୍ରୋମୋଜମରେ ରହନ୍ତି । ଏହି କ୍ରୋମୋଜମ ସଂଖ୍ୟା ମହିଳାଙ୍କ ଶରୀରରେ ପୁରୁଷଙ୍କ ଅପେକ୍ଷା ଦୁଇଗୁଣ ଅଧିକ ଅଟେ । ତେଣୁ ରୋଗ ପ୍ରତିରୋଧକ ଶକ୍ତି ହିସାବରେ ପୁରୁଷଙ୍କ ଅପେକ୍ଷା ମହିଳାମାନେ ୨ ଗୁଣ ଅଧିକ ସକ୍ରିୟ । ସେହିପରି ୫୦୦୦ ବ୍ୟକ୍ତିଙ୍କୁ ନେଇ ହୋଇଥିବା ୩୨ ଟି ପରୀକ୍ଷଣରେ ଜଣାଯାଇଛି ଯେ ଭ୍ୟାକ୍ସିନ ନେଇଥିଲେ ବି ଅଳ୍ପ ବୟସ୍କ ବ୍ୟକ୍ତିଙ୍କ ଅପେକ୍ଷା ବୃଦ୍ଧ କିମ୍ବା ରୋଗଗ୍ରସ୍ତ ବୟସ୍କ ବ୍ୟକ୍ତିଙ୍କ ଆଂଟିବଡି ସ୍ତର ଅପେକ୍ଷାକୃତ କମ ରହିଛି ।

## ବିଦ୍ୟୁତ ଚାଳିତ ବ୍ୟୋମଯାନ:



କୋପ-୨୬ ସମ୍ମିଳନୀ ପରେ ଯେତେବେଳେ ସମଗ୍ର ମାନବସମାଜ ଜଳ, ସ୍ଥଳ, ଆକାଶ ସର୍ବତ୍ର କାର୍ବନ ସ୍ତରକୁ ଶୂନ୍ୟରେ ପହଂଚାଇବାକୁ ତତ୍ପର ସେ ସମୟରେ ଆକାଶରେ ବିମାନସେବାକୁ ବି ଜୈବାସ୍ମ ଇନ୍ଧନ ମୁକ୍ତ କରିବାକୁ ପ୍ରୟାସ ଆରମ୍ଭ ହୋଇଛି । ସେ ଦିଗରେ ଅଗ୍ର ଭାଗରେ ଅଛି ରୋଲ୍ସ ରଏସ ଦ୍ୱାରା ପ୍ରସ୍ତୁତ ଇ-ଏଆରକ୍ରାଫ୍ଟ । ଫେଡେରେସନ ଏରୋନଟିକ ଇଂଟରନେସନାଲ ଦ୍ୱାରା ପ୍ରଦତ୍ତ ତଥ୍ୟାନୁଯାୟୀ ଏଥିରେ ବ୍ୟବହୃତ ବ୍ୟାଟେରୀକୁ ଥଣ୍ଡା ରଖିବାକୁ ଗୋଟିଏ ପର୍ତ୍ତୁଗୀଜ କର୍କକୁ ଲଗାଯାଇଛି । ଏହି କମ୍ପାନୀ ଉକ୍ତ ଯାନକୁ କିଛି ବର୍ଷ ମଧ୍ୟରେ ଏଆର ବସ ଭାବେ ବ୍ୟବହାର କରିବାକୁ ଯୋଜନା କରିଛି । ଏହି ଯାନରେ ୬୪୮୦ ଟି ବ୍ୟାଟେରୀ ଲାଗିଛି । ଏଠାରେ ଥରକେ ୭୫୦୦ ଜଣ ଯାତ୍ରୀଙ୍କ ମୋବାଇଲ ଫୋନ ଚାର୍ଜ କରିହେବ । ଏଥିରେ ସଂଲଗ୍ନ ପ୍ରୋପେଲର ମିନିଟକେ ୨୨୦୦ ଥର ଘୂରି ପାରିବ । ୪୦୦ କେ ଡବ୍ଲୁ ଇଲେକ୍ଟ୍ରିକ ପାୱାର ଟ୍ରେନ ଦ୍ୱାରା ଏଥିରୁ ୫୩୬ ହର୍ଷ ପାୱାରର ଶକ୍ତି ଉତ୍ପାଦିତ ହୋଇ ପାରିବ । ୨୦୧୭ ରେ ସିମେନ୍ସ କଂପାନୀ ଦ୍ୱାରା ଆବିଷ୍କୃତ ଏଲଇ ଏରୋବେଟିକ ଏଆରକ୍ରାଫ୍ଟ ଘଂଟାକୁ ୧୩୨ ମାଇଲସ ବେଗରେ ଗଲାବେଳେ ଏହାର ବେଗ ୩୮୭.୪ ମାଇଲ୍ସ ରହିଛି । ୯.୩ ମାଇଲ୍ସ ଉଚ୍ଚରେ ଉଡି ପାରୁଥିବା ଏହି ଯାନ ୩୦୦୦ ମିଟର ଉଚ୍ଚତାକୁ ଉଠିବା ପାଇଁ ୨୦୨ ସେକେଣ୍ଡ ନିଏ । ଥରେ ପୂରା ଚାର୍ଜ କଲେ ଏହା ୩୦ ମିନିଟ ପର୍ଯ୍ୟନ୍ତ ଉଡାଣ କରିପାରେ । ଭବିଷ୍ୟତରେ ଏହି କୌଶଳକୁ ଉପଯୋଗ କରି ଉଡନ୍ତା ଟେକ୍ସି ଭାବେ ନିୟୋଜିତ କରିବାକୁ ଯେଉଁମାନେ ଉଦ୍ୟମ ଜାରି ରଖିଛନ୍ତି ସେମାନେ ହେଲେ ଆଲଫାବେଟ ,ଜୀ-ଏରୋ ,କିଟି ହକ୍ ,ସର୍ଜି ବ୍ରିନ ଓ ଏଆର ସ୍ପେସେକ୍ସ । ୧୯୯୮ରେ ଗୁଗୁଲ ଓ ସର୍ଜି ବ୍ରିନ ଏ କ୍ଷେତ୍ରରେ ୧୦୦ ମିଲିଅନ ଡଲାର ବିନିଯୋଗ କରିଥିଲେ । ଏଆରବସ୍ କଂପାନୀ ତାର ପ୍ରୋଜେକ୍ଟ ବାହାନ ନାମରେ ଆଲଫା-୧ ନାମକ ବିଦ୍ୟୁତ ଯାନର ପରୀକ୍ଷାମୂଳକ ଉଡାଣ ୨୦୧୮



ବରଂ ଘଣ୍ଟାଏ ଆଗରୁ ଆସି ପହଞ୍ଚ, କିନ୍ତୁ ମିନିଟିଏ ମଧ୍ୟ ଡ଼େରି କରନ୍ତୁନାହିଁ ।

ଫବ୍ରେଆରୀରେ କରିଥିଲା। ଏଆର ସ୍ପେସେକ୍ସ କଂପାନୀର ଘୋଷଣାନୁଯାୟୀ ୨୦୨୬ ସୁଦ୍ଧା ଆମେରିକାର ୫୦ ଟି ସହରରେ ଏହା ୨୫୦୦ ଟି ଏପରି ଏଆରକ୍ରାଫ୍ଟକୁ ମୁତୟନ କରିବ। ଏହା ଦୁଇରୁ ୪ ଜଣ ଯାତ୍ରୀଙ୍କୁ ସଙ୍ଗରେ ନେଇ ସିଧାସଳଖ ଉପରକୁ ଉଠି ପାରିବ ବୋଲି ସେ ପ୍ରକାଶ କରିଛନ୍ତି। ୨୦୨୪ରେ ପ୍ୟାରିସରେ ହେବାକୁ ଥିବା ଅଲିମ୍ପିକ ଗେମ୍ସରେ ଖେଳାଳିଙ୍କ ଗମନାଗମନ ପାଇଁ ଏଭଳି ଏଆର ଟେକ୍ସିର ବ୍ୟବହାର ପାଇଁ ଏବଠୁ କସରତ ଆରମ୍ଭ କରି ଦେଲେଣି।

## ସୁପର ଆୟନିକ ଆଇସ ବା ବରଫ :



ଆମେ ଜଳକୁ ୩ ଟି ଅବସ୍ଥା ଯଥା ତରଳ ,ବାଷ୍ପୀୟ ଓ କଠିନ ଅବସ୍ଥାରେ ଥିବା ଜାଣୁ। ଏତଦ୍‌ବ୍ୟତିତ ଅନ୍ୟ ଏକ ଅବସ୍ଥା ଅଛି ଯେଉଁଥିରେ ଏହା ଅଧା କଠିନ, ଅଧା ତରଳ ଅବସ୍ଥାର ଏକ ସ୍ପଟିକରୂପେ ମଧ୍ୟରହେ ଯାହା ବିଦ୍ୟୁତର ସୁପରିବାହୀ ଅଟେ। ଏହା ଅତ୍ୟଧିକ ତାପ ଓ ଚାପ ଦ୍ୱାରା ସୃଷ୍ଟି ହୋଇଥାଏ। ଏହାକୁ ସୁପର ଆୟନିକ ଆଇସ କୁହାଯାଏ ଯାହା ଆମ ସୌର ମଣ୍ଡଳର ୟୁରାନସ ଓ ନେପଚ୍ୟୁନରେ ଥିବା ଜଣାଯାଏ। ସେଥିପାଇଁ ଏହାକୁ ହଟ ଆଇସ ବି କୁହାଯାଏ। ବର୍ତ୍ତମାନ କେତେଜଣ ବୈଜ୍ଞାନିକ ଏହାକୁ ଗବେଷଣାଗାରରେ ତିଆରି କରିଥିବା ଦାବୀ କରିଛନ୍ତି। ସେମାନେ ହୀରା ଉପରେ ଏକ୍ସ-ରେ କୁ ଆପତିତ କରି ଏହି ତାପମାତ୍ରା ସୃଷ୍ଟି ପୂର୍ବକ ଏହି ଆଶ୍ଚର୍ଯ୍ୟଜନକ ଜଳକୁ ତିଆରି କରି ପାରିଛନ୍ତି ବୋଲି ଘୋଷଣା କରିଛନ୍ତି। ଏହା ସତ୍ୟ ହୋଇଥିଲେ ଗ୍ରହାନ୍ତରରେ ଜୀବନର ଉପସ୍ଥିତି ସଂପର୍କରେ ଅଧିକ ଆଲୋକପାତ କରିହେବ।

## ପ୍ରତିଦିନ ଆସପିରିନ ଖାଇବା ଆପଣଙ୍କୁ ମହଙ୍ଗା ପଡିପାରେ :




୨୦୧୬ ମସିହାରୁ ୪୦ ରୁ ୫୯ ବର୍ଷ ମଧ୍ୟରେ ଯେଉଁମାନଙ୍କଠାରେ ହୃଦରୋଗ କିମ୍ବା ହୃଦଘାତର ୧୦% ବି ଆଶଙ୍କା ଥାଏ ତାଙ୍କୁ ଡାକ୍ତର ଦୈନିକ ଗୋଟିଏ କରି ଆସପିରିନ ଟାବ୍ଲେଟ ନେବା ପାଇଁ କହିଥାନ୍ତି। ଯେହେତୁ ଏହା ରକ୍ତକୁ ପତଳା କରେ ,ରକ୍ତ ଜମାଟ ହେବାକୁ ଦିଏନାହିଁ ଏବଂ ହୃଦଘାତକୁ ପ୍ରତିରୋଧ କରେ। କିନ୍ତୁ ଆମେରିକା ସରକାରଙ୍କ ଦ୍ୱାରା ଡକ୍ଟର ଜନ ଓ୍ୱଙ୍ଗଙ୍କ ନେତୃତ୍ୱରେ ହୋଇଥିବା ଗବେଷଣାରୁ ଜଣାଯାଇଛି ଯେ ଏହାଦ୍ୱାରା ବିଭିନ୍ନ ଅଙ୍ଗ ଯେପରିକି ମସ୍ତିଷ୍କ, କ୍ଷୁଦ୍ରାନ୍ତ୍ର ଆଦିରେ ଅନ୍ତଃ ରକ୍ତସ୍ରାବ ହେଉଛି ଯାହା ବାହାରକୁ ଜଣା ପଡୁନାହିଁ। ବିଶେଷକରି ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ସମ୍ଭାବନା ବେଶୀ ରହୁଛି। ସେମାନେ ଏହି କାରଣରୁ ୪୦ ରୁ ୫୯ ବର୍ଷ ବୟସ୍କ ବ୍ୟକ୍ତିମାନଙ୍କୁ ଏ ସଂପର୍କରେ ନିଜ ଡାକ୍ତରଙ୍କ ସହିତ ଏ ବିଷୟରେ ପୁନଃ ବିଚାର କରିବାକୁ ପରାମର୍ଶ ଦେଇଛନ୍ତି। ନଚେତ ଉପକାର ବଦଳରେ ଏହା କ୍ଷତିକାରକ ସିଦ୍ଧ ହେବ।

## ପ୍ଲାଷ୍ଟିକ ଓ ନାଇଟ୍ରସ ଅକ୍ସାଇଡରୁ ରକେଟ ଜାଳେଣି ହେବ :






ବ୍ରିଟେନର ବ୍ଲେଚଲିଠାରେ ଥିବା ପଲସର ଫ୍ୟୁଜନ ନାମକ ଏକ କଂପାନୀ ପୁନଃଚକ୍ରୀକରଣକ୍ଷମ ପ୍ଲାଷ୍ଟିକକୁ ରକେଟର ଜାଳେଣି ଭାବେ ବ୍ୟବହାର କରିବାର କୌଶଳ ବାହାର କରିଛନ୍ତି। ଏହି ପ୍ରଣାଳୀରେ ପ୍ଲାଷ୍ଟିକ କୁ ତରଳାଇ ସିଲିଣ୍ଡର ଆକୃତିରେ ଫାଇରିଙ୍ଗ ପୂର୍ବରୁ ରକେଟରେ ଖଞ୍ଜିଦିଆଯାଏ। ଏହି ଇଞ୍ଜିନଟି ହାଇବ୍ରିଡ ଅଟେ ଅର୍ଥାତ ଏଥିରେ ହାଇ ଡେନ୍ସିଟି ପଲିଇଥିଲିନ ସହିତ ନାଇଟ୍ରସ ଅକ୍ସାଇଡ ଗ୍ୟାସକୁ ମିଶ୍ରିତ କରି ଅଗ୍ନି ସଂଯୋଗ କରାଯାଏ। ଏଥିରୁ ଯେଉଁ ବାଷ୍ପ ନିର୍ଗତ ହୁଏ ତାହା ପରିବେଶ ଅନୁକୂଳ ଓ ବିଷାକ୍ତ ନୁହଁ। ଏଥିପାଇଁ ଯୁକ୍ତରାଜ୍ୟ ସରକାର ସେପ୍ଟେମ୍ବର ୨୦୨୧ ରେ ପଲସାର ଫ୍ୟୁଜନ କମ୍ପାନୀକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ଯଦ୍ୱାରା ଏବେ କମ୍ପାନୀଟି ଏକ ପ୍ଲାଜମା ସାଟେଲାଇଟ ଇଞ୍ଜିନ ବିକଶିତ କରିବାକୁ ଯାଉଛି ଯାହାର ବେଗ ସେକେଣ୍ଡ ପ୍ରତି ୧୨.୫ ମାଇଲ। ଆଗାମି ୪ ବର୍ଷ ମଧ୍ୟରେ ଏହି କଂପାନୀ ନ୍ୟୁକ୍ଲିଆର ଫ୍ୟୁଜନ କୌଶଳ ଦ୍ୱାରା ଏକ ହାଇପର ସ୍ପିଡ ଇଞ୍ଜିନ ତିଆରି କରୁଛନ୍ତି ଯାହାକୁ ଗୋଟିଏ ଗ୍ରହରୁ ଅନ୍ୟ ଗ୍ରହକୁ ଯାତ୍ରା କରିହେବ। ୨୦୨୭ ଏହାର ପରୀକ୍ଷଣ ପାଇଁ ଟାର୍ଗେଟ ରଖା ଯାଇଛି। ଏହି ଫାର୍ମ ଦାବି କରିଛି ଯେ ଯଦି ଏହା ଫଳବତୀ ହୁଏ ତେବେ ମଙ୍ଗଳ ଗ୍ରହକୁ ଯାତ୍ରା ସମୟ ପ୍ରାୟ ଅଧା ହୋଇଯିବ। ଏହାକୁ ପ୍ରକାଶ କରିଛନ୍ତି ସାଲିସବରି ସ୍ଥିତ ବ୍ରିଟେନ ପ୍ରତିରକ୍ଷା ସଂସ୍ଥାନର ଅଧିକାରୀ।



ବିବେକର ନିର୍ଦ୍ଦେଶ ଯିଏ ମାନୁଛି, ସେହି ଲୋକ ହିଁ ପ୍ରକୃତରେ ଶାନ୍ତିରେ କାଳ କଟାଉଛି।

# ମଣିଷର ଅସହାୟତା



**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ପୃଥିବୀରେ ପ୍ରାଣୀ - ବିବର୍ତ୍ତନର ଇତିହାସରେ ମାତ୍ର ଦୁଇଲକ୍ଷ ବର୍ଷ ପୂର୍ବେ ମଣିଷର ଉଦ୍ଭବ ପୂର୍ବ ଆଫ୍ରିକାରେ। ନିଜ ସ୍ଥାନରେ ଘୂରା ଫେରାକରି ଓ ଚିହ୍ନି ଏକ ଲକ୍ଷ ବର୍ଷ ପରେ ସେ ମନରେ ସାହସ ବାନ୍ଧିଲା। ସେହି ଭୂମି ତ୍ୟାଗକରି ଚାଲିଆସିଲା ଏସିଆ ଓ ଇଉରୋପକୁ। ଆସିବାର ବାଟ ସେ ନିଜେ ଚିହ୍ନିଥିଲା ନା'ପୂର୍ବର କୌଣସି ମାନବ ପ୍ରଜାତିର ରାସ୍ତାଧରି ଆସିଥିଲା, ଏ ସଂପର୍କରେ ମତଭେଦ ଅଛି, ମାତ୍ର ସେହି ଯାତ୍ରା ଶୁଭ ନଥିଲା। ତିରିଶ ହଜାର ବର୍ଷ ପରେ ପ୍ରାକୃତିକ ଦୁର୍ଯୋଗ କାରଣରୁ ସେ ପଛକୁ ହଟିଯାଇଥିଲା। ପୁନର୍ବାର ସେ ଆରମ୍ଭ କରିଥିଲା ତା'ର ପୃଥିବୀବିଜୟ ଅଭିଯାନ। ଏବେ ସେ ଅପେକ୍ଷାକୃତ ଅଧିକ ଶିକ୍ଷିତ, ବେଶୀ ବିଜ୍ଞ। ପ୍ରାକୃତିକ ବାଧାବିପତ୍ତିରୁ ଏଡ଼େଇ ଯିବାପାଇଁ ସେ ଚେଷ୍ଟାକରୁଛି। ଅନ୍ୟାନ୍ୟ ପ୍ରାଣୀମାନଙ୍କୁ ହତ୍ୟାକରି ଭୟ ଦେଖେଇ ବଶ୍ୟତା ସ୍ୱୀକାର କରେଇଛି ଅଥବା ସଂପୂର୍ଣ୍ଣ ଶେଷ କରିଦେଇଛି। ମଣିଷ ହୋଇଛି ଏହି ପୃଥିବୀର ଶ୍ରେଷ୍ଠ ଜୀବ। ଅବଶ୍ୟ ଅନେକଟା ସ୍ୱଘୋଷିତ। ତା'ର ଏହି ଶ୍ରେଷ୍ଠତାକୁ ଲକ୍ଷ୍ୟକରି ଅନ୍ତରାଳରେ ରହି ହସୁଛି ପୃଥିବୀର ପୂରାପୂରି ଆଦିମ ଅସ୍ତିତ୍ୱଗୁଡ଼ିକ। ଏହି ଅସ୍ତିତ୍ୱଗୁଡ଼ିକ ପ୍ରାଣୀ ନୁହନ୍ତି, ଏପରିକି ଜୀବ ମଧ୍ୟ ନୁହନ୍ତି। ତାହାହେଲେ ସେଗୁଡ଼ିକ କିଏ ? ସେଗୁଡ଼ିକ ଭାଇରସ୍ ବା ଭୂତାଣୁ। ଏମାନେ ଖାଲିଆଖିରେ ଦେଖାଯାଆନ୍ତିନି। ଦେଖାଯାନ୍ତି ଆମେ ଦେଖିଥିବା ଅଣୁବୀକ୍ଷଣ ଯନ୍ତ୍ରରେ। କେବଳ ମାତ୍ର ସ୍କାନିଂ ଇଲେକ୍ଟ୍ରନ ମାଇକ୍ରୋସ୍କୋପ୍ ସାହାଯ୍ୟରେ ଭାଇରସ୍‌ଗୁଡ଼ିକ ଦେଖିହୁଏ। ଭାଇରସ୍‌ର ପୂର୍ବରୁ ଜନ୍ମନେଇଛି ଭାଇରଏଡ୍। ଗୋଟିଏ ଗୋଟିଏ ଭାଇରଏଡ୍ ପ୍ରାୟ ଦଶହଜାର ଅଣୁକୁ ନେଇ ତିଆରି। ଭାଇରସ୍‌ରେ ଥିବା ନ୍ୟୁକ୍ଲେଇକ୍ ଏସିଡ୍ ଉପରେ ରହିଛି ପ୍ରୋଟିନ୍‌ର ଏକ ସ୍ତର। ଭାଇରଏଡ୍‌ରେ ଏପରି କୌଣସି ପ୍ରୋଟିନ୍ ସ୍ତର ନାହିଁ। ଭାଇରଏଡ୍‌ରେ ଥାଏ କେବଳ ନ୍ୟୁକ୍ଲେଇକ୍ ଏସିଡ୍। ନ୍ୟୁକ୍ଲେଇକ୍ ଏସିଡ୍‌ରେ ହିଁ ଗଠିତ ଭାଇଏରଡ଼୍‌ର ଶରୀର। ଭାଇରଏଡ୍ ଓ ଭାଇରସ୍ ଉଭୟେ ପରଜୀବୀ। ଅର୍ଥାତ୍ ଅନ୍ୟକୌଣସି ଶରୀର କୋଷ ଭିତରେ ଏମାନେ ସ୍ୱୟଂକ୍ରିୟ ପଦ୍ଧତିରେ ବଂଶବୃଦ୍ଧି କରିଥାନ୍ତି। ସେତେବେଳେ ଶରୀର କୋଷ ତିଆରି ହୋଇନଥିଲା। ଜୀବର ଶରୀରରେ କୋଷ ତିଆରି ହେଲା ପ୍ରାୟ ତିନିଶହ କୋଟି ବର୍ଷ ପୂର୍ବେ। ସେତେବେଳେ ଏହା ଥିଲା ବର୍ତ୍ତମାନର ପ୍ରୋକାରିଓଟ୍ ଭଳି। ପ୍ରୋକାରିଓଟ୍ କୋଷରେ କୌଣସି ନ୍ୟୁକ୍ଲିୟସ୍ ନଥାଏ, ଅଥଚ କୋଷ ବିଭାଜନ ଦ୍ୱାରା ତାହା ହୁ ହୁ କରି ଦ୍ରୁତଗତିରେ ସଂଖ୍ୟାବୃଦ୍ଧି କରିଚାଲେ।

ମଣିଷର ଶରୀରରେ ରହିଛନ୍ତି ଲକ୍ଷ ଲକ୍ଷ ବ୍ୟାକ୍ଟେରିଆ, ନାନା ନାମରେ, ନାନା ଭାବରେ। ମଣିଷଠାରେ କିଛି ବ୍ୟାକ୍ଟେରିଆ ଭଲ କାମ କରିଥାନ୍ତି ଏବଂ ଅନ୍ୟ କିଛି ବ୍ୟାକ୍ଟେରିଆ ଖରାପ କାମ କରିଥାନ୍ତି। ଏଇମାନଙ୍କୁ ନେଇ ମଣିଷ ବଞ୍ଚିରହେ। ଏଇମାନଙ୍କ ଯୋଗୁଁ ହିଁ ମଣିଷ ମରିଯାଏ। ପରିବେଶ ଅପରିବର୍ତ୍ତିତ ରହିଲେ କୌଣସି ପ୍ରାଣୀର ଜିନ୍‌ରେ ପ୍ରାୟତଃ କୌଣସି ପରିବର୍ତ୍ତନ ବା ମ୍ୟୁଟେସନ୍ ହୋଇନଥାଏ ଏବଂ ପରିବର୍ତ୍ତିତ ପରିବେଶରେ ଭାଇରସ୍ ଓ ବ୍ୟାକ୍ଟେରିଆ ନିଜ ଜିନ୍‌ରେ ମ୍ୟୁଟେସନ୍ ଘଟେଇ ଯେ କି ସାଂଘାତିକ ମାରଣାସ୍ତ୍ରରେ ପରିଣତ ହୋଇଯାଏ ଏବଂ ମାରାତ୍ମକ ପରିବେଶର ଉଦ୍ଭବ କରାଇଥାଏ। ମଣିଷ ତାହା ବରମ୍ବାର ଦେଖିଛି। ପ୍ରାଣୀଜଗତର ବିଶ୍ୱଶ୍ରେଷ୍ଠର ଶିରପା ପିନ୍ଧି ମଧ୍ୟ ଗୋଟିଏ ଗୋଟିଏ ଭାଇରସ୍ କି ବ୍ୟାକ୍ଟେରିଆର ଆକ୍ରମଣରେ ମଣିଷ କେତେ ଅସହାୟ ଭାବରେ ମୃତ୍ୟୁକୁ ବରଣ କରିଥାଏ ତା'ର ନିଦର୍ଶନ ଇତିହାସ ପୃଷ୍ଠାରେ ଲିପିବଦ୍ଧ। ସାଂପ୍ରତିକ ସମୟର କୋଭିଡ୍ - ୧୯ ଏହାର ସଦ୍ୟତମ ଦୃଷ୍ଟାନ୍ତ। କରୋନା ଭାଇରସ୍‌ର ସଂକ୍ରମଣରେ ବିଗତ ଦେଢ଼ବର୍ଷ ଭିତରେ ପୃଥିବୀରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ଯଥାକ୍ରମେ ୨୦ କୋଟି ଓ ୪୨ ଲକ୍ଷରୁ ଅଧିକ (ଜୁଲାଇ ଶେଷସୁଦ୍ଧା)।

ସଭ୍ୟତାର ଅଗ୍ରଗତି ସହ ସଂଯୁକ୍ତ ଥାଏ ପରିବେଶ ପରିବର୍ତ୍ତନ ଏବଂ ସେଇଟା ହିଁ ସମୟ ସମୟରେ ହୋଇପଡ଼େ ଅତ୍ୟନ୍ତ ବିପଜ୍ଜନକ। ରୋମାନ୍ କ୍ୟାଲେଣ୍ଡର ଆରମ୍ଭ ହେବାର ମାତ୍ର ୫୪୧ ବର୍ଷ ପରେ ସକ୍ରିୟ ହୋଇଉଠିଥିବା ଏକ ବ୍ୟାକ୍ଟେରିଆର ନାମ "ୟେରସିନିଆ ପେଷ୍ଟିସ୍"। କ୍ଷୁଦ୍ର, ଡେଣାବିହୀନ, ଡେଇଁ ଡେଇଁ ଯାଉଥିବା ରକ୍ତଶୋଷା ଏକ କୀଟର ଶରୀର ଭିତରକୁ ପ୍ରବେଶ କରିଥାଏ ଏହି ବ୍ୟାକ୍ଟେରିଆ। ସେହି କୀଟଟା ପୁଣି ବସା ବାନ୍ଧେ ମୂଷାର ଶରୀରରେ, ବିଶେଷ କରି ବଣୁଆ ମୂଷାଙ୍କ ଶରୀରରେ, ଠିକ୍ ଉକୁଣି ଭଳି। ୟେରସିନିଆ ପେଷ୍ଟିସ୍ ଥାଏ ମୂଷା ରକ୍ତରେ। ଉକ୍ତ କୀଟ (କୀଟଟିର ନାଆଁ ର୍‍ୟାଟ୍ ଫ୍ଲି) ମୂଷାକୁ କାମୁଡ଼ି ନିଜେ ସଂକ୍ରମିତ ହୋଇପଡ଼େ। ସଂକ୍ରମିତ ର୍‍ୟାଟ ଫ୍ଲି ମଣିଷକୁ କାମୁଡ଼ିଲେ ମଣିଷ ବ୍ୟାକ୍ଟେରିଆ ସଂର୍କମଣରେ ଆକ୍ରାନ୍ତ ହୋଇ ଭୋଗିଥାଏ ପ୍ଲେଗ୍ ନାମକ ରୋଗ। ବାଇଜାଣ୍ଟାଇନ୍ ସାମ୍ରାଜ୍ୟର କନ୍‌ଷ୍ଟାଣ୍ଟିନୋପଲ୍ ବା ବର୍ତ୍ତମାନର ଇସ୍ତାନ୍‌ବୁଲ୍‌ରେ ନଇଁ ଆସିଲା ପ୍ଲେଗ୍‌ର ଘନ କୃଷ୍ଣ-ଛାୟା। ପ୍ରାୟ ମନୁଷ୍ୟ ଶୂନ୍ୟ ହୋଇଗଲା ଇସ୍ତାନ୍‌ବୁଲ୍। ମିଶର ବାଟେ ଭୂମଧ୍ୟସାଗର ପାର ହୋଇ ପ୍ଲେଗ ପ୍ରସରି ଚାଲିଲା ଇଉରୋପ, ଏସିଆ, ଉତ୍ତର ଆଫ୍ରିକା ଏବଂ ଆରବ ଦେଶଗୁଡ଼ିକରେ। ସେହି ସମୟରେ ମଣିଷ, ଅବଶ୍ୟ ହିଁ ଯେଉଁମାନେ ବଞ୍ଚିଗଲେ, ଦେଖିଥିଲେ ମୃତ୍ୟୁର ପଟୁଆର। ସମ୍ଭବତଃ ପୃଥିବୀ ଜନସଂଖ୍ୟାର ଅର୍ଦ୍ଧେକ - ତିନିରୁ ପାଞ୍ଚକୋଟି ମଣିଷ ପଡ଼ିଥିଲେ ମୃତ୍ୟୁମୁଖରେ। ସେହି ସମୟର ମଣିଷ ଥିଲା ଅତ୍ୟନ୍ତ ଅସହାୟ। ଏହାର ମୁକାବିଲା କରିବାର ଉପାୟ ଜଣାନଥିଲା ତା'କୁ। ତେବେ କିପରି ଅବା ସମସ୍ତେ ମୃତ୍ୟୁବରଣ ନକରି କେତେକ ମୃତ୍ୟୁର ପଞ୍ଝାରୁ ବର୍ତ୍ତିଯାଇପାରିଲେ, ତାହା ସତରେ ବଡ଼ ବିସ୍ମୟକର। ହୁଏତ ବଞ୍ଚିଯାଇଥିବା ଲୋକଙ୍କ ଶରୀରରେ ତିଆରି ହୋଇପଡ଼ିଥିଲା ରୋଗ ପ୍ରତିରୋଧ କ୍ଷମତା।

ସେହି ସମାନ ବ୍ୟାକ୍ଟେରିଆ ପୁନର୍ବାର ଫେରି ଆସିଲା ୮୦୦ ବର୍ଷ

ପରେ, ୧୯୩୭ ମସିହାରେ। ମାତ୍ର ଚାରିବର୍ଷ ଭିତରେ ପ୍ଲେଗ୍‌ରେ ମରିଗଲେ ପୃଥିବୀର ୨୦ କୋଟି ଲୋକ। ସେତେବେଳେ ଏହି ରୋଗକୁ କୁହାଗଲା "କଳାମୃତ୍ୟୁ" ବା "ବ୍ଲାକ୍‌ଡ଼େଥ୍‌"। କିନ୍ତୁ ଏହି ୮୦୦ ବର୍ଷ ଭିତରେ ମଣିଷ କିଛିମାତ୍ରାରେ ଶିକ୍ଷିତ ହୋଇଯାଇଥିଲା ସିନା, ସଂକ୍ରମଣର ବୈଜ୍ଞାନିକ ଭିତ୍ତି ଆବିଷ୍କୃତ ହୋଇନଥିଲା। ମାତ୍ର ମଣିଷ ଏତିକି ଜାଣି ନେଇଥିଲା ଯେ, ରୋଗୀ ସହିତ ମିଳାମିଶା କରିବାଠାରୁ ଦୂରେଇ ରହିବା ଉଚିତ୍। ସେଥିପାଇଁ ଯେଉଁମାନେ ପ୍ଲେଗ୍‌ରେ ଆକ୍ରାନ୍ତ ହୋଇନଥିଲେ, ସେହି ସୁସ୍ଥବ୍ୟକ୍ତିମାନଙ୍କୁ ନେଇ ନିରାପଦ ସ୍ଥାନରେ ରଖାଯାଉଥିଲା ଏବଂ ସେମାନଙ୍କ ଖାଇବାପିଇବାର ବ୍ୟବସ୍ଥା କରାଯାଉଥିଲା। ଭେନିସ୍‌ର ପୋର୍ଟରେ ପ୍ରବେଶ କରିବା ପୂର୍ବରୁ ଜାହାଜଗୁଡ଼ିକ ଅଟକେଇ ରଖାଯାଉଥିଲା ସମୁଦ୍ର ମଝିରେ ଏବଂ ନାବିକ ଓ ଅନ୍ୟମାନଙ୍କୁ ପୃଥକ୍ ରଖି ସେମାନେ ଅସୁସ୍ଥ ହୋଇପଡୁଛନ୍ତି କି ନା ତାହା ଲକ୍ଷ୍ୟକରାଯାଉଥିଲା। ଏହିପରି ଭାବରେ ସେମାନଙ୍କୁ ପ୍ରଥମ ତିରିଶ ଦିନ ଅଲଗା ରଖିବାଦ୍ୱାରା ବେଶ୍ ସୁଫଳ ମିଳିଲା। ପରେ ଆହୁରି ଭଲଫଳ ପାଇବା ନିମନ୍ତେ ତିରିଶ ଦିନ ଅଲଗା ରଖିବା ପରିବର୍ତ୍ତେ ଅଲଗା ରଖାଗଲା ଚାଳିଶ ଦିନଧରି। ତିରିଶ ଦିନଧରି ପୃଥକୀକୃତ କରି ରଖିବାଟାକୁ କୁହାଯାଉଥିଲା "ଟ୍ରେଣ୍ଟିନୋ" ଏବଂ ଚାଳିଶଦିନ ଦିନଧରି ପୃଥକୀକୃତ ହୋଇ ରହିବାଟାକୁ କୁହାଯାଉଥିଲା "କ୍ୱାରାଣ୍ଟିନୋ"। ଏହି "କ୍ୱାରାଣ୍ଟିନୋ" ଶବ୍ଦ ଜନ୍ମ ନେଲା "କ୍ୱାରାଣ୍ଟାଇନ୍" ଶବ୍ଦଟି। ସେହିଦିନଠାରୁ କେହି ପ୍ଲେଗ୍‌ରେ ଆକ୍ରାନ୍ତ ହେଲେ ସନ୍ଦେହଜନକ ଅସୁସ୍ଥ ବ୍ୟକ୍ତିଙ୍କୁ ଚାଳିଶ ଦିନପାଇଁ କ୍ୱାରେନ୍‌ଟାଇନ୍‌ରେ ରଖାଯାଇଆସୁଛି। ଏହି ବ୍ୟବସ୍ଥାଦ୍ୱାରା ନିଃସନ୍ଦେହରେ ଉପକାର ମିଳୁଥିଲା।

ଏହାପରେ ପରବର୍ତ୍ତୀ ତିନିଶହ ବର୍ଷରେ ଲଣ୍ଡନରେ ଦେଖିଥିଲା ଅନ୍ତତଃ ଚାଳିଶଟି ପ୍ଲେଗ୍ ମହାମାରୀ ଏବଂ ଦେଖିଥିଲା ୨୦ ଶତାଂଶ ଲୋକଙ୍କର ମୃତ୍ୟୁ। ୧୬୬୫ ମସିହାରେ ପ୍ଲେଗ୍‌ରେ ସାତ ମାସ ଭିତରେ ଲଣ୍ଡନରେ ମରିଥିଲେ ଏକ ଲକ୍ଷ ଲୋକ। ସେତେବେଳେ ସବୁପ୍ରକାରର ଜନସମାବେଶ ନିଷିଦ୍ଧ ଘୋଷଣା କରାଯାଇଥିଲା। ରୋଗର ପ୍ରସାରକୁ ରୋକିବା ନିମନ୍ତେ ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ଜୋର୍ କରି ରଖାଯାଇଥିଲା ଗୃହବନ୍ଦିକରି। ମୃତକମାନଙ୍କୁ ଦିଆଯାଉଥିଲା ଗଣକବର।

ମାରଣ ସଂକ୍ରାମକ ବ୍ୟାଧିଭାବରେ ପ୍ଲେଗ୍‌ପରକୁ "ସ୍ମଲପକ୍ସ" ବା ବସନ୍ତରୋଗର ସ୍ଥାନ। ରୋଗର କାରଣ ଭାଇରସ ସଂକ୍ରମଣ। ପଞ୍ଚଦଶ ଶତାବ୍ଦୀରେ ଇଉରୋପ, ଏସିଆ ଏବଂ ଆରବ ଦେଶଗୁଡ଼ିକରେ ଏହି ଭାଇରସ୍‌ଟିର ସଂକ୍ରମଣ। ହରଣ ହରି ନେଇଥିଲା ତିରିଶ ପ୍ରତିଶତ ଲୋକଙ୍କର ଜୀବନ ଏବଂ ଯେଉଁମାନେ ରୋଗାକ୍ରାନ୍ତ ହୋଇ ମଧ୍ୟ ବଞ୍ଚି ଯାଇଥିଲେ, ସେମାନଙ୍କ ଚର୍ମରେ ରୋଗ ଛାଡ଼ିଯାଇଥିଲା ଛୋଟ ଛୋଟ ଗର୍ତ୍ତର ସ୍ଥାୟୀ ଚିହ୍ନ। ଅନେକ ହୋଇଯାଇଥିଲେ ଅନ୍ଧ, ଭାଇରସ୍ ଚକ୍ଷୁକୁ ଆକ୍ରାନ୍ତ କରିଥିବା କାରଣରୁ। ଅଷ୍ଟାଦଶ ଶତାବ୍ଦୀର ଶେଷରେ ବସନ୍ତରୋଗର ଟୀକା ଉଦ୍‌ଭାବିତ ହେଲା। ଏହି ଟୀକାର ବ୍ୟାପକ ପ୍ରୟୋଗ ଚାଲିଲା ପୃଥିବୀ ସାରା। ପ୍ରାୟ ଦୁଇ ଶତାବ୍ଦୀ ପରେ ବସନ୍ତ ରୋଗକୁ ସଂପୂର୍ଣ୍ଣ ନିୟନ୍ତ୍ରଣ କରିବା ସମ୍ଭବ ହୋଇଛି ଏବଂ ପୃଥିବୀ ସଂପ୍ରତି ବସନ୍ତରୋଗ କବଳରୁ ସଂପୂର୍ଣ୍ଣ ମୁକ୍ତ। ସମୟ ଥିଲା, ଯେତେବେଳେ ଆମେରିକା ଓ ମେକ୍ସିକୋରେ ଅଧିବାସୀମାନଙ୍କ ଶରୀରରେ ବସନ୍ତରୋଗର ପ୍ରତିରୋଧ କ୍ଷମତା ଶୂନରେ ପହଞ୍ଚିଯାଇଥିଲା। ମୃତ୍ୟୁବରଣ କରିଥିଲେ କୋଟି କୋଟି ଲୋକ। ଆମେରିକାରେ ସେତେବେଳକାରର ଜନସଂଖ୍ୟାର ନବେରୁ ପଞ୍ଚାନବେ ଶତାଂଶ ଲୋକ ଉଭାନ୍ ହୋଇଗଲେ ଏବଂ ମେକ୍‌ସିକୋର ଜନସଂଖ୍ୟା ଏକ କୋଟି କମିଯାଇ ମାତ୍ର ଦଶଲକ୍ଷରେ ପହଞ୍ଚିଯାଇଥିଲା !

ଅନ୍ୟ ଏକ ମାରାତ୍ମକ ସଂକ୍ରାମକ ବ୍ୟାଧି କଲେରା ପୃଥିବୀର ବହୁଲୋକଙ୍କ ପ୍ରାଣହାନିର କାରଣ ହୋଇଥିଲା। ଏହାର କାରଣ କଲେରା ବ୍ୟାକ୍‌ଟେରିଆର ସଂକ୍ରମଣ। ଖାଦ୍ୟ ଓ ପାନୀୟରେ ଖୁବ୍ ସାବଧାନ ରହିଲେ, ପରିଷ୍କାର ପରିଚ୍ଛନ୍ନ ରହିଲେ ଏବଂ ବେଳହୁଁ ଚିକିତ୍ସିତ ହୋଇପାରିଲେ କଲେରାକୁ ସଂପୂର୍ଣ୍ଣ କାବୁ କରାଯାଇପାରିବ। ଏବେ କଲେରା ବହୁଳାଂଶରେ ନିୟନ୍ତ୍ରିତ ହୋଇଥିଲେ ମଝିରେ ମଝିରେ ଏହି ବ୍ୟାକ୍‌ଟେରିଆ ଜାଗି ଉଠି ରୋଗ କରାଉଛି। ଏ କ୍ଷେତ୍ରରେ ମଧ୍ୟ ରୋଗୀ ସହ ବିଶେଷ ମିଳାମିଶା ନକରି ଓ ତୁରନ୍ତ ଚିକିତ୍ସା କରି ରୋଗୀକୁ ଆରୋଗ୍ୟ କରିପାରିବା ସହ ରୋଗର ପ୍ରସାରକୁ ରୋକିଦେଇ ହେବ।

ଏତେ ଉନ୍ନତ ବିଜ୍ଞାନ, ପ୍ରଯୁକ୍ତିର ଏତେ ଉନ୍ନତି, ଏତେ ଗବେଷଣା, ଏତେ ଶକ୍ତିଧର ବିଜ୍ଞାନୀ, ଅଥଚ ଏବେ ମଧ୍ୟ ମଝିରେ ମଝିରେ ମଣିଷ ସାମାନ୍ୟ ଏକ ବ୍ୟାକ୍‌ଟେରିଆ କିମ୍ବା ଭାଇରସ ପାଖରେ କେତେ ଅସହାୟ। ମଣିଷର ଜୀବନରେ ଘନେଇ ଆଣୁଛି ମୃତ୍ୟୁର କରାଳ ଛାୟା। ଆକ୍ରାନ୍ତ ଓ ସମ୍ଭାବ୍ୟ ଆକ୍ରାନ୍ତ ବ୍ୟକ୍ତିମାନେ ବାଧ୍ୟ ହେଉଛନ୍ତି କ୍ୱାରାଣ୍ଟାଇନ୍‌ରେ ରହିବାପାଇଁ। ଦୃଷ୍ଟାନ୍ତସ୍ୱରୂପ, ଏହି ସହସ୍ରାବ୍ଦର ପ୍ରଥମ ମାରଣ ବ୍ୟାଧି କୋଭିଡ୍ - ୧୯। "ସାର୍‌ସ - କୋଭ୍ - ଟୁ" ନାମକ ଏକ କ୍ଷୁଦ୍ର ଭାଇରସ୍ ତ୍ରାସ ସଂଚାର କରିଛି ବିଶ୍ୱବ୍ୟାପୀ। ୨୦୨୧ ମସିହା ଜୁଲାଇ ଶେଷସୁଦ୍ଧା କରୋନାରେ ସଂକ୍ରମିତ ହୋଇଛନ୍ତି ସମଗ୍ର ପୃଥିବୀର ୨୦ କୋଟିରୁ ଅଧିକ ବ୍ୟକ୍ତି। ସେମାନଙ୍କ ମଧ୍ୟରୁ ମୃତ୍ୟୁବରଣ କରିଛନ୍ତି ୪୨ ଲକ୍ଷରୁ ବେଶୀ। ବିଶ୍ୱବାସୀଙ୍କଠାରେ ଏବେ ନିଃଶ୍ୱାସ ଛାଡୁଛି ମୃତ୍ୟୁର ଆତଙ୍କ। ଭାଙ୍ଗିପଡ଼ିଛି ସାମାଜିକ ବନ୍ଧନ। ହୁଏତ ପରିବେଶରେ ପରିବର୍ତ୍ତନ, ପରିବର୍ତ୍ତିତ କରିଦେଇଥିବ କରୋନା ଭାଇରସ୍‌ର ଜିନ୍‌କୁ। ହୁଏତ ଏହି କାରଣରୁ ଜନ୍ମ ନେଇଛି ଏହି ଘାତକ ଭାଇରସ୍। ଉନ୍ନତ ବିଜ୍ଞାନ ହୁଏତ ଦିନେ ନା ଦିନେ ଭାଇରସ୍‌କୁ କାବୁ କରିଦେଇ ବ୍ୟାହତ କରିପକେଇବ କରୋନା ସଂକ୍ରମଣକୁ। ମାତ୍ର ତା'ପୂର୍ବରୁ ଯେ ଅନେକ ଜୀବନ କରୋନା ଭାଇରସ୍‌ର ସଂକ୍ରମଣ ଯୋଗୁ ବଳିପଡ଼ିବା ପାଇଁ ବାଧ୍ୟ ହେବେ, ଏହା ନିଃସନ୍ଦେହ।

**ଅଭୀପ୍ସା**
**ସେକ୍ଟର - ୬, ପ୍ଲଟ୍ ନଂ - ୧୧୩୧**
**ଅଭିନବ ବିଡ଼ାନାସୀ, କଟକ**



ବୁଦ୍ଧି କମ୍‌ଥିବା ଲୋକ ହଠାତ୍ ସବୁକଥାରେ ଏକମତ ହୋଇଯାଆନ୍ତି।

# ଡାଇବେଟିସ୍ ଓ ଆମ ପାରମ୍ପରିକ ଖାଦ୍ୟ



ଡକ୍ଟର ମୁରାରି ମୋହନ ଦାଶ

ଏକ ଆକଳନରୁ ଜଣାଯାଏ ଯେ ୯୮ ମିଲିୟନ୍ ଭାରତୀୟ ୨୦୩୦ ମସିହା ସୁଦ୍ଧା ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ହେବେ। ଏହି ପ୍ରାକ୍‌କଳନା ଇଣ୍ଟରନେସନାଲ ଡାଇବେଟିସ୍ ଫେଡେରେସନ୍ ଆଣ୍ଡ୍ ଦି ଗ୍ଲୋବାଲ ବର୍ଡ଼ନ ଅଫ୍ ଡିଜିଜ୍ ପ୍ରକ୍ଷେପ (project) କରିଛି। ଏହି ଭବିଷ୍ୟତ୍‌ବାଣୀ ଖାଦ୍ୟରେ ଶର୍କରାର ପରିମାଣ ଏବଂ ଶାରୀରିକ ସକ୍ରିୟତା ଉପରେ ଆଧାରିତ। ସମାଜରେ କେତେ ବୟସ୍କ ଲୋକ ଉପସ୍ଥିତ ଅଛନ୍ତି ତା'ଉପରେ ମଧ୍ୟ ଡାଇବେଟିସ୍ ବିକାଶଲାଭ କରିବାର ହାର ନିର୍ଭର କରେ।



ସାରା ବିଶ୍ୱର ଲୋକମାନେ ସାଧାରଣତଃ ଟିକିଏ ମିଠାପ୍ରିୟ। ପୂର୍ବକାଳର ଖାଦ୍ୟ ଓ ଏକାଳର ଖାଦ୍ୟ ମଧ୍ୟରେ ଅନେକ ପାର୍ଥକ୍ୟ ରହୁଛି। ଆମେ କି ପ୍ରକାର ଖାଦ୍ୟ କେତେ ପରିମାଣରେ ଖାଉଛେ ଓ ପୂର୍ବକାଳର ଲୋକମାନେ କି ପ୍ରକାର ଖାଦ୍ୟ କେତେ ପରିମାଣରେ ଖାଉଥିଲେ ତା'ଭିତରେ ମଧ୍ୟ ପ୍ରଭେଦ ରହୁଛି। ଶର୍କରାର ପରିମାଣ ଓ ପ୍ରକାର ବର୍ତ୍ତମାନ ସ୍ୱାସ୍ଥ୍ୟ ସହ ଜଡ଼ିତ ବିପଦର କାରଣ ହେଉଛି।

ବର୍ତ୍ତମାନ ବହୁ ସଂଖ୍ୟାରେ ପିଲା ଡାଇବେଟିସ୍‌ର ଶିକାର ହେଉଛନ୍ତି। ତା'ର କାରଣ ହେଲା ସେମାନେ ବେଶି ପରିମାଣର ପ୍ରକ୍ରିୟାକରଣ ଖାଦ୍ୟ ଓ ଫାଷ୍ଟ ଫୁଡ୍ ଖାଇ ମୋଟା ହୋଇଯାଉଛନ୍ତି ଯାହାକୁ ମେଟାବୋଲିକ୍ ସିଣ୍ଡ୍ରୋମ୍ ବୋଲି ଚିକିତ୍ସକମାନେ କହୁଛନ୍ତି। ଆମକୁ ସେଥିପାଇଁ ସତର୍କ ରହିବାକୁ ପଡ଼ିବ। କେତେବେଳେ କେହି ଜଣେ ସଂକ୍ରାମକ ରୋଗରେ ସଂକ୍ରମିତ ହେଲେ ତାକୁ ସଙ୍ଗେ ସଙ୍ଗେ ଆଣ୍ଟିବାୟୋଟିକ୍ ଦେଇ ଚିକିତ୍ସା କରାଯାଏ ଓ ସେ ଶୀଘ୍ର ଆରୋଗ୍ୟ ଲାଭ କରେ। କିନ୍ତୁ ପରେ ଏହା ଡାଇବେଟିସ୍ ବିକାଶରେ ସହାୟକ ହୋଇପାରେ। ଦୀର୍ଘକାଳୀନ ଜୀବନଚର୍ଯ୍ୟାଜନିତ ରୋଗରେ ଆକ୍ରାନ୍ତ ହେଲେ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ରହିଛି। ସେପରି ରୋଗୀ ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ହୁଏତ ରୋଗର ଉପଶମ କରିପାରିବ।

ଏବେ ସମାଜରେ ଡାଇବେଟିକ୍‌ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରୋଗ ପାଇଁ ଜେନେରିକ୍ ଔଷଧ ମଧ୍ୟ ମିଳୁନାହିଁ। ମଫସଲରେ ଇନ୍‌ସୁଲିନ୍ ସାଇତି ରଖିବା ପାଇଁ କୌଣସି ସାଧନ ଉପଲବ୍ଧ ନାହିଁ। ବିନା ରେଫ୍ରିଜେରେଟରରେ ଏହା ରହିପାରିବ ନାହିଁ। ବର୍ତ୍ତମାନ କୋଭିଡ୍-୧୯ ଟିକା (ଇଞ୍ଜେକ୍‌ସନ୍) ଯେପରି ଗାଁ ଗହଳି ଅଞ୍ଚଳରେ ଲୋକଙ୍କୁ ମିଳିପାରୁଛି ଡାଇବେଟିସ୍ ରୋଗରେ ପୀଡ଼ିତଙ୍କ ପାଇଁ ଇନ୍‌ସୁଲିନ୍ ଇଞ୍ଜେକ୍‌ସନ ସେମାନଙ୍କ ପାଖରେ ପହଞ୍ଚାଇବାରେ କୌଣସି ସଂସ୍ଥାନର (infrastructure) ଆବଶ୍ୟକତା ଅଛି।

ଏହି ପରିପ୍ରେକ୍ଷୀରେ ଶର୍କରା ବ୍ୟବହାରରେ ଆମକୁ ଅଙ୍କୁଶ ଲଗାଇବାକୁ ପଡ଼ିବ। ଏହା କରାଯାଇ ପାରିବ ଯଦି ଆମେ ଶର୍କରା ଉପରେ ଟାକ୍ସ ବୃଦ୍ଧି କରିବା ସମ୍ଭବ ହେବ। ମେକ୍ସିକୋରେ ମିଠା ପାନୀୟ ଉପରେ ଟାକ୍ସ ବୃଦ୍ଧି ଯୋଗୁଁ ସୁଫଳ ମିଳିଛି। ଏହାଦ୍ୱାରା ଗରିବ ଲୋକମାନେ ଡାଇବେଟିସ୍‌ରେ ପୀଡ଼ିତ ହେବା ଉପରେ ରୋକ୍ ଲାଗିପାରିଛି। ବର୍ତ୍ତମାନ ଯୁବ ପିଢ଼ି ପାଶ୍ଚାତ୍ୟ ଖାଦ୍ୟ ପ୍ରତି ବହୁତ ଆଗ୍ରହ ପ୍ରକାଶ କରୁଛନ୍ତି। କିନ୍ତୁ ସେମାନେ ଆମ ଭାରତୀୟ ପାରମ୍ପରିକ ଖାଦ୍ୟ ଗ୍ରହଣ କରିବା ଉଚିତ ଯାହା ଅଧିକ ସ୍ୱାସ୍ଥ୍ୟପ୍ରଦ।

***ଡାଇବେଟିସ୍ ସମ୍ପର୍କରେ କେତେକ ଜାଣିବା କଥା -***

୧. ସାରା ବିଶ୍ୱରେ ବର୍ତ୍ତମାନ ୪୫ ପ୍ରତିଶତ ବ୍ୟକ୍ତି ଡାଇବେଟିସ୍‌ରେ ପୀଡ଼ିତ।

୨. ଡାଇବେଟିସ୍ ରୋଗୀଙ୍କ ମଧ୍ୟରେ ପୃଥିବୀରେ ଭାରତର ସ୍ଥାନ ଦ୍ୱିତୀୟ, ଚୀନ୍‌ର ସ୍ଥାନ ପ୍ରଥମ। ଭାରତରେ ପ୍ରତି ଛଅ ଜଣରେ ଜଣେ ଡାଇବେଟିକ୍ ଅଛନ୍ତି।

୩. ଭାରତରେ ୧୨ ପ୍ରତିଶତ ପିଲାଙ୍କଠାରେ ପୃଥୁଳତା ଡାଇବେଟିସ୍ ପାଇଁ ଆଶଙ୍କା ଉପାଦାନ ଭାବେ କାର୍ଯ୍ୟକରେ।

୪. ୯ ପ୍ରତିଶତ ବୟସ୍କ ବ୍ୟକ୍ତି ୧୯୯୦ରେ ଡାଇବେଟିକ୍ ଥିଲାବେଳେ ୨୦୧୬ରେ ସେମାନଙ୍କ ସଂଖ୍ୟା ୨୦ ପ୍ରତିଶତରେ ପହଞ୍ଚିଲାଣି। ତା'ର କାରଣରେ କୁହାଯାଇପାରେ ଯେ ଆମ ଲୋକମାନେ ପାରମ୍ପରିକ ଖାଦ୍ୟ ବଦଳରେ ଅଧିକ ଶର୍କରାଯୁକ୍ତ ଖାଦ୍ୟଗ୍ରହଣ କରୁଛନ୍ତି ଓ ଶାରୀରିକ ଶ୍ରମ କରୁନାହାନ୍ତି।

୫. ପାରମ୍ପରିକ ଖାଦ୍ୟ ମଧ୍ୟରେ କିସ୍‌ମିସ୍, ଗୁଡ଼, ନଡ଼ିଆରୁ ପ୍ରସ୍ତୁତ ଶର୍କରା (coconut sugar), ସପୁରି ଓ ଡାଳିମ୍ବକୁ ଅନ୍ତର୍ଭୁକ୍ତ କରିବା ବିଧେୟ।

**ଜି/ଏଲ୍-୧, ଭି.ଏସ୍.ଏସ୍. ନଗର**
**ଭୁବନେଶ୍ୱର-୭୫୧୦୧୦**
**ମୋ-୯୪୩୭୧୧୦୭୧୫**



ଫୁଲ ବଗିଚାରେ ବୁଲିବାଟା ଭଗବାନଙ୍କ ସହିତ ବୁଲିବା ସଙ୍ଗେ ସମାନ।



# ନେତାଜୀ ଓ ସାଂପ୍ରଦାୟିକତା



ଡକ୍ଟର ରାଜକିଶୋର ପାଢ଼ୀ

ନେତାଜୀ ସୁଭାଷଚନ୍ଦ୍ର ବର୍ତ୍ତମାନ ସମୟର ବହୁରାଜନେତାଙ୍କ ପରି କ୍ଷମତା ଅଧିକାର ପାଇଁ ଯେନତେନ ପ୍ରକାରେଣ କଳେବଳେ କୌଶଳରେ ନୀତି ଓ ନୈତିକତାକୁ ବଳି ଦେଇ ରାଜନୀତି କରୁନଥିଲେ । ଦେଶ ପରାଧୀନ ଥିଲାବେଳେ ମୁକ୍ତିପାଇଁ, କ୍ରାନ୍ତିକାରୀ ପରିବର୍ତ୍ତନ ପାଇଁ ଜଣେ ରାଷ୍ଟ୍ରନାୟକର ଭୂମିକା ନିର୍ବାହ କରିଥିଲେ । ମୁଖ୍ୟ ରାଜନୈତିକ ଦଳ କଂଗ୍ରେସ ସଭାପତି ପଦବୀ ପ୍ରାପ୍ତିପରେ ବି ତାକୁ ତୁଚ୍ଛ କରିଥିଲେ । ଉଚ୍ଚ ପଦପଦବୀରେ ରହି ଅନ୍ୟମାନଙ୍କପରି ସୁଖ ସୌଭାଗ୍ୟର ଅଧିକାରୀ ହବାର ସୁଯୋଗ ଥିଲେ ବି ତାକୁ ଗ୍ରହଣ କରିନଥିଲେ । ସମଗ୍ର ଦେଶପାଇଁ ପ୍ରଥମେ ସ୍ୱାଧୀନତା ଆସୁ, ତା' ଥିଲା ତାଙ୍କର ଲକ୍ଷ୍ୟ । ସେଇ ଉଦ୍ଦେଶ୍ୟରେ ସେ ତାଙ୍କର ଜୀବନ ଉତ୍ସର୍ଗ କରିଗଲେ । ତଥାକଥିତ ରାଜନେତା ଜଣେ ନ ହେଇ ରାଷ୍ଟ୍ର ନିର୍ମାଣ ସ୍ୱପ୍ନଥିଲା ତାଙ୍କ ଆଭିମୁଖ୍ୟ ।

ତେଣୁ ଭାରତବର୍ଷରେ କେତେ ଜାତି, ଧର୍ମ, ସଂପ୍ରଦାୟ, ସେମାନଙ୍କ ରୀତିନୀତି, ସଂସ୍କାର, ପୂଜା ଆରାଧନା, ଉତ୍ସବ ଅନୁଷ୍ଠାନ, ଖାଦ୍ୟପେୟ, ପୋଷାକ, ଭାଷା ଇତ୍ୟାଦି ବିଭାଜନର ଉର୍ଦ୍ଧ୍ୱକୁ ଯାଇ ସେ ଐକ୍ୟ ଓ ସଂହତିର କଥା କହୁଥିଲେ । ସେ ସେଇ ବିଭାଜନର ରେଖା ସବୁକୁ ଲଙ୍ଘନ କରିବାକୁ ତାଙ୍କ ବୈପ୍ଳବିକ ବାର୍ତ୍ତାରେ କରିଛନ୍ତି । ସେ ବୁଝିଥିଲେ ମାନବ ସଭ୍ୟତା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ଅବସ୍ଥା ବା ସ୍ଥିତି ଚିରକାଳ ସ୍ଥାୟୀ ହବା ସମ୍ଭବ ନୁହେଁ । କିମ୍ବା ଗୋଟିଏ ସ୍ଥିତି ଶେଷ ଓ ଶ୍ରେଷ୍ଠ ବୋଲି ବିଚାର କରିହବ ନାହିଁ । ସେପରି ଭାବିବା ହିଁ ମୂର୍ଖତା । ବିକାଶ ଓ ଉତ୍ତରଣର ଧାରାରେ ଆମେ ଗତିଶୀଳ । ତେଣୁ କେଉଁଠି ଅଟକିବାର ପ୍ରଶ୍ନ ନଥାଏ ।

ଏଇ ଉତ୍ତରଣ ଲାଗି ଜ୍ଞାନ ଓ ବିଜ୍ଞାନ ମୁଖ୍ୟ ସହାୟକ । ପ୍ରକୃତ ମାର୍ଗଦର୍ଶକ ହିଁ ବିଜ୍ଞାନଭିତ୍ତିକ ଓ ମାନବିକ ପ୍ରଗତିର କଥା କହେ । ସେ ସଂକୀର୍ଣ୍ଣ, ମୌଳବାଦ ଓ ସଂପ୍ରଦାୟର ସଂକୀର୍ଣ୍ଣତାରେ ବାନ୍ଧି ହେଇ ନଥାଏ । ସେ ଶୁଣେ ମାନବାତ୍ମାର ସ୍ୱର ।

ହେଇ ସେଦିନ ନେତାଜୀ ନିଜ ଲକ୍ଷ୍ୟସାଧନ ପାଇଁ ନିଜର ବେଶ ଓ ପରିଚୟ ବଦଳେଇ ଦେଲେ । ହେଇଗଲେ ଚାଚା ଜିୟାଉଦ୍ଦିନ । ତାଙ୍କ ସହଯୋଗୀ ଭଗତ ରାମ ହେଲେ ରହମତ୍ ଖାଁ । ଅନ୍ୟ ଧର୍ମାବଲମ୍ବୀଙ୍କ ଭୋଜନାଳୟରେ ତାଙ୍କୁ ସେମାନଙ୍କ ଖାଦ୍ୟ ବି ଗ୍ରହଣ କରିବାକୁ ପଡ଼ିଲା । ଦ୍ୱିଧାହୀନ ଭାବରେ ସେ ତାହା କଲେ । ସେ ବୁଝିଥିଲେ ଏକ ବୃହତ୍ତର ଲକ୍ଷ୍ୟ ସାଧନପାଇଁ ଧର୍ମ ଓ ସଂପ୍ରଦାୟର କେତେ ସଂସ୍କାରକୁ ଓ ବ୍ୟକ୍ତିଗତ, ସାମାଜିକ, କ୍ଷୁଦ୍ର ବିଚାରକୁ ତ୍ୟାଗ ନକଲେ କେହି ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ ନାହିଁ ।

ସେ କହୁଥିଲେ ହିନ୍ଦୁ ଓ ମୁସଲମାନ ଧର୍ମର ଦୁଇଟି ମୁଖ୍ୟ ଧାରା ପରସ୍ପରର ପରିପନ୍ଥୀ ନହେଇ ପରିପୂରକ ହେଇପାରିବେ । ମତପାର୍ଥକ୍ୟ ଥିଲେ ସକାରାତ୍ମକ ଆଲୋଚନା ମାଧ୍ୟମରେ ଗୋଟିଏ ଉତ୍ତମ ନିଷ୍କର୍ଷରେ ପହଞ୍ଚିହବ । ଦେଶର ସବୁ ନାଗରିକଙ୍କ ପାଇଁ ପ୍ରଥମେ ଖାଦ୍ୟ, ବାସଗୃହ, ବସନ, ଗୃହ, ଶିକ୍ଷା, ନିଯୁକ୍ତି, ସ୍ୱାସ୍ଥ୍ୟ ସୁବିଧା ଇତ୍ୟାଦି ପ୍ରୟୋଜନ । ଏହା ସମସ୍ତଙ୍କର ମୌଳିକ ସମସ୍ୟା । ଆମେ ଏହାର ସମାଧାନ ନକରି ଭାବପ୍ରବଣ ହେଲେ ନାନା ଉଗ୍ର ଭାବନା ଓ ଉତ୍ତେଜନା ଲୋକଙ୍କୁ ବିଭ୍ରାନ୍ତ କରେ । ଏଇ ସମସ୍ୟାର ସମାଧାନ ହେଲେ ଯୌଥ ପ୍ରଚେଷ୍ଟାରେ ଅନ୍ୟ ମତଭେଦ ଦୂର ହେଇପାରିବ । ସାଂପ୍ରଦାୟିକତାର ବିଷ ଆମକୁ ଦୁର୍ବଳ କରେ । ଖଣ୍ଡଚିନ୍ତା ଛାଡ଼ି ସମଗ୍ର ଚିନ୍ତାରେ ଆମେ ଅଭିନିବିଷ୍ଟ ହେବା ପ୍ରୟୋଜନ ।

ପଂଜାବୀ, ବଂଗାଳୀ, ମରାଠୀ କି ଓଡ଼ିଆ ନହେଇ, ହିନ୍ଦୁ, ମୁସଲମାନ, ଶିଖ୍ ଇତ୍ୟାଦି ନହୋଇ ବ୍ରାହ୍ମଣ କ୍ଷତ୍ରିୟ, ବୈଶ୍ୟ କି ଶୂଦ୍ର ନହୋଇ ପୁରୁଷ ନାରୀ ନହେଇ ଆମେ ପ୍ରଥମେ ବିଶ୍ୱରେ ମଣିଷ ଓ ତା'ପରେ ନିଜକୁ ଭାରତୀୟ ବୋଲି ଭାବିବା ଥିଲା ତାଙ୍କର ଆଦର୍ଶ ।

ଆମ ଦେଶରେ ଦେଖାଯାଏ ବିଭିନ୍ନ ସଂପ୍ରଦାୟ ଭିତରେ ବ୍ୟକ୍ତିଗତ ଓ ସାମାଜିକ ବିରୋଧ ତୃଣମୂଳସ୍ତରରେ ପ୍ରାୟ ନଥାଏ । ନ୍ୟସ୍ତ ସ୍ୱାର୍ଥ ରାଜନେତାମାନେ ଚତୁରତାରେ ବିଷମଂଜି ବୁଣି ଗୋଟିଏ ପକ୍ଷକୁ ଅନ୍ୟପକ୍ଷ ବିରୁଦ୍ଧରେ ତତାନ୍ତି, ମତାନ୍ତି, ତା ଉଗ୍ରହୁଏ, ଦଙ୍ଗା ବି ହୁଏ । ଆମ ସ୍ୱାଧୀନତା ପ୍ରାପ୍ତିବେଳେ ଆମେ ଏଇ ମତାନ୍ଧତାରୁ କମ୍ କ୍ଷତି ସହିନାହାନ୍ତି । ସେ ବୁଝିଥିଲେ ପ୍ରକୃତ କ୍ରାନ୍ତିକାରୀର ଜାତି ଧର୍ମ ସଂପ୍ରଦାୟ ନାହିଁ । ସେ ସର୍ବଦା ବଂଚିତ ଶୋଷିତ ଓ ସବାତଳେ ଥିବା ମଣିଷର ସପକ୍ଷରେ ଥାଏ । ସେ କେଉଁ ଗୋଷ୍ଠୀର ସୀମା ଭିତରେ ଆବଦ୍ଧ ହୋଇପାରେନା ।

ତାଙ୍କ ଆଜାଦ୍ ହିନ୍ଦ ଫୌଜରେ ତେଣୁ ତ ହିନ୍ଦୁ, ମୁସଲମାନ, ଶିଖ୍ ଇତ୍ୟାଦି ସଂପ୍ରଦାୟର ତରୁଣ ଓ ମହିଳା ମଧ୍ୟ ଯୋଗଦାନ କରିଥିଲେ । ଏବେ

ଆମେ ସେନାବାହିନୀରେ ମହିଳାଙ୍କ ପ୍ରବେଶ ପାଇଁ ପଥ ଉନ୍ମୁକ୍ତ କରୁଥିଲାବେଳେ ସ୍ୱାଧୀନତା ପାଇଁ ଲଢୁଥିବା ନେତାଜୀଙ୍କ ଦୂରଦୃଷ୍ଟିକୁ ଲକ୍ଷ୍ୟ କରନ୍ତୁ। ଜାତି ଓ ଦେଶ ପାଇଁ ଉତ୍ସର୍ଗୀକୃତ ଯିଏ ହୁଏ ସିଏ ସାଂପ୍ରଦାୟିକତାର ବନ୍ଧନରେ ନଥାଏ। ଲିଙ୍ଗଗତ ବିଚାର ବି ସେଠି କରାଯାଏନା। ଏପରିକି ତାଂକ ଫୌଜରେ ସମସ୍ତଙ୍କ ଲାଗି ସାଧାରଣ ରନ୍ଧନଶାଳା ଥିଲା। ଅତୀତରେ ସେଇ ସ୍ୱାଧୀନତା ଆନ୍ଦୋଳନ ବେଳେ ତ ଦିନେ ହିନ୍ଦୁ ମହାସଭା ଓ ମୁସ୍‌ଲିମ୍‌ଲିଗ୍‌କୁ କଂଗ୍ରେସର ନିର୍ବାଚନ କମିଟିକୁ ପ୍ରବେଶ ନିଷେଧ କରାଯାଇଥିଲା। ସବୁଧର୍ମକୁ ସମ୍ମାନ ଦେଲାବେଳେ ଦେଶର ଐତିହ୍ୟ, ଇତିହାସ ଓ ସଂସ୍କୃତିକୁ ଗୁରୁତ୍ୱ ଦବା ଉଚିତ୍ ବୋଲି ବିଚାର କରାଯାଉଥିଲା ଏବଂ ଧର୍ମନିରପେକ୍ଷତା ଭାରତୀୟ ଆଦର୍ଶ ହେଇଥିଲା। ଏଥିରେ ସ୍ୱାର୍ଥଗତ ସମାନତାର ଭାବନା ଅଛି।

ନେତାଜୀଙ୍କ ଦୃଷ୍ଟିରେ ଥିଲା ବ୍ୟକ୍ତିଗତ ବା ସାଂପ୍ରଦାୟିକ ଚେତନାକୁ ସମଗ୍ରର ଚେତନାକୁ ରୂପାନ୍ତର କରିବାର ଭାବନା। ଆମେ ଯେତେବେଳେ ଗୋଟିଏ ପ୍ରାଚୀନ ରାଷ୍ଟ୍ରର ସ୍ୱାଧୀନତା ଓ ନୂତନ ନିର୍ମାଣ ପାଇଁ ସ୍ୱପ୍ନ ଦେଖୁଛେ, ସେତେବେଳେ କ୍ଷୁଦ୍ର ସଂକୀର୍ଣ୍ଣ ସଂସ୍କାର ସବୁ ଯେପରି ଆମ ଯାତ୍ରାପଥରେ ପ୍ରତିବନ୍ଧକ ନହୁଏ ସତର୍କ ରହିବା ଦରକାର। ଭାରତବର୍ଷର ଚାରିତ୍ରିକ ବିଶେଷତ୍ୱ ହେଉଛି ଏହାର ବିବିଧତା ଓ ବୈଚିତ୍ର୍ୟ। ପ୍ରାଚୀନ କାଳରୁ ଏଠି ଛଅଟି ଦର୍ଶନର ଧାରା ସହିତ ଆମ ବିଦ୍ୱାନମାନେ ପରିଚିତ ଅଛନ୍ତି। ଏହା ପ୍ରକଶ କରୁଛି ଆମ ମୁକ୍ତ ଚିନ୍ତନର ମହତ୍ୱକୁ। ଏଠି ବ୍ୟକ୍ତିର ସ୍ୱାଧୀନ ଚିନ୍ତା ପାଇ ଓ ଅଭିବ୍ୟକ୍ତି ପାଇଁ ସୁଯୋଗ ରହିଛି ପାରଂପରିକ ଭାବରେ। ଏଠି ଈଶ୍ୱର ବିଶ୍ୱାସ ସହିତ ନାସ୍ତିକତା ବି ଗୋଟିଏ ସ୍ୱତନ୍ତ୍ର ବିଚାର ଧାରା ଭାବରେ ଗୃହୀତ। ତେଣୁ ଅନ୍ୟର ମତ ଅଭିବ୍ୟକ୍ତିପାଇଁ ଆମର ଶ୍ରଦ୍ଧା ଓ ସମ୍ମାନ ରହିବ। କିନ୍ତୁ ଜାତୀୟ ହିତ ପାଇଁ ବିଜ୍ଞାନଭିତିକ ମାନବିକ ସ୍ୱଧର୍ମର ସୁରକ୍ଷା ସହିତ ବୈପ୍ଳବିକ ପରିବର୍ତ୍ତନର ପଥ ଉନ୍ମୁକ୍ତ ହେବା ଦରକାର। ନହେଲେ ଜ୍ଞାନ ବିଜ୍ଞାନର ଅଗ୍ରଗତି ସହିତ ଗୋଟିଏ ଜାତି ଗତିଶୀଳ ନହେଇ ପଛରେ ପଡ଼ିବା ସ୍ୱାଭାବିକ। ନେତାଜୀ ନିଜ ଲକ୍ଷ୍ୟ ସ୍ଥିର କଲାଦିନରୁ ଏକ ସମଷ୍ଟିଗତ ଦୃଷ୍ଟିରେ ସକଳର କଲ୍ୟାଣ ପାଇଁ ସାଂପ୍ରଦାୟିକତାର ଉର୍ଦ୍ଧ୍ୱକୁ ଯାଇଥିଲେ ଓ ସମସ୍ତଙ୍କୁ ଗ୍ରହଣ କରିପାରୁଥିଲେ।

କୋଟପୁର,ଯାଜପୁର

# ସବୁ ମନେଅଛି

**ଡକ୍ଟର ପ୍ରଦୀପ କୁମାର ମିଶ୍ର**

ଜୀବନଟା ନୁହେଁ ତୂଳି ତଳ୍ପ
ନୁହେଁ ପୁଣି ପୁଷ୍ପ ପଥ
ଅବା ଜହ୍ନରାତି !
ଦୁଃଖ, ସୁଖ, ମାନ, ଅପମାନ
ସଭିଏଁ ଆମ ଅତିଥି
ଆସିବେ ଆପଣା ଛାଏଁ
ବେଳକାଳ ଦେଖି ॥
ବରିନିଅ ପୁଷ୍ପମାଲ୍ୟ ଭାବି
ଯାହା ଆସୁ ଜୀବନ ପଥରେ
ହସି ହସି ଦିଅ ହେ ବିଦାୟ
ଯିଏ ଯିବ ଇଚ୍ଛା ଯେତେବେଳେ ॥
ଦୁଃଖ, ବିରହ, ବିଷାଦ
ଯଦି କେବେ ଆସିନି ଜୀବନେ
ଅଗ୍ନି ସ୍ନାନ କରିନାହିଁ କେବେ ମନ ପ୍ରାଣ,
ଜୀବନଟା ବୋଧେ ହେବ
ପ୍ରାଚୁର୍ଯ୍ୟରେ ଉଦାସ କରୁଣ ॥
ମିଳନଠୁ ବିରହରେ ପ୍ରେମ
ଆୟୁଷ୍ମାନ ବୋଲି
ସ୍ମୃତିରେ କ୍ଷତକୁ ମୁଁ ଯେ
ନିତି ଆଉଁସୁଛି
ତୁମ ସହ କଟିଥିବା ସୁନାର ସକାଳ
ଆଉ ସଂଧ୍ୟାର ବିଳାପ ।
ଏ ଜୀବନେ ଗୋଟି ଗୋଟି
ସବୁ ମନେଅଛି
ନିରୋଳାରେ ତୁମକୁ ଝୁରୁଛି ।

**ସମର୍ପଣ**
**ଆଇ.ବି ରୋଡ୍,**
**ପାୱାର ହାଉସ୍ କଲୋନୀ,**
**୬ଷ୍ଠ ଲେନ୍, ଜୟପୁର**
**ମୋ - ୯୪୩୭୫୬୭୫୧୦୫**

# ହଜି ଯାଉଛି ମୁଁ

**ଶିବ ମିଶ୍ର**

ହଜି ହଜି ଯାଉଛି ମୁଁ ଧୀରେ ଧୀରେ
ମୋ, ଏକଲା ପଣିଆ ଭିତରେ
କହ, ତୋ ବିନା କିଏବା ଚିହ୍ନିଛି ମୋତେ
ଏଇ ଦୁନିଆରେ ??
ଆଉ କେହି ପାଇବେନି
ତୁ ମୋତେ ଖୋଜି ଦେଇ ଯା' ।
ଯାହା ମୁଁ ଲେଖିଛି ଏଠି ବସି ବସି
ବିନା କାଗଜ, ବିନା କଲମରେ
ତୁ ଏକା ସମ୍‌ଝି ପାରିବୁ
ମୋ ନିରାକାର ଶବ୍ଦର ଅର୍ଥ
ଶୂନ୍ୟରେ, ମିଶିଯିବା ଆଗରୁ ମୋ ଲେଖା
ଥରଟିଏ ପଢ଼ିଦେଇ ଯା' ।
ଆଗତ ହେଲାଣି ଦିନ, ଆଗତ ରାତି
ତୁ ତ ମୋର ଆଲୁଅର ଅନ୍ଧାରର ସାଥୀ
ଘେନାକର, ଅନୁରୋଧ ଶେଷଥର
କୋଳରେ ଧରି ତୋର ବିଶାଳ ହାତରେ
କ୍ଷୀଣ ଏ ଦେହକୁ ମୋର
ଟିକେ ଆଉଁସି ଦେଇ ଯା' ।

**ବାଣପୁର, ଖୋରଧା**
**ମୋ - ୯୮୫୩୦୭୦୦୧୮**



ମଙ୍ଗଳ ପାଇଁ ହିଁ ଭଗବାନ ସବୁକିଛି କରୁଛନ୍ତି ବୋଲି ବୁଝିଗଲେ ସବୁ ଦୁଃଖ ଲାଘବ ହୋଇଯାଏ।

# ଭଗବାନଙ୍କ କେକ୍

**(ମୂଳ ଶୀର୍ଷକ - God's Cake)**
**ଓଡ଼ିଆ ଅନୁବାଦ - ପ୍ରିୟମ୍ବଦା ସାହୁ**

ଛୋଟ ପିଲାଟିଏ। ଦୁଇଦିନ ହେଲା ଜ୍ୱର ଭୋଗି ଆଜି ବିଛଣାରୁ ଉଠିଛି। ବିଦ୍ୟାଳୟକୁ ଯାଇ ନପାରି ବହୁ ହୋମୱାର୍କ ରହିଯାଇଛି। ତାର ମା-ବାପା ମଧ୍ୟ ଆର୍ଥିକ ସଙ୍କଟ ଯୋଗୁ ଚିନ୍ତାରେ ରହୁଛନ୍ତି। ଘରର ବ୍ୟସ୍ତତା ଓ ବିଦ୍ୟାଳୟର ଦାୟିତ୍ୱରେ ଡରିଯାଇ ବିଚରା ସେ ତାର ଜେଜେମାଙ୍କ ପାଖରେ ମନକୁ ହାଲୁକା କରିବା ପାଇଁ ଗଲା।

ଜେଜେମା ସେତେବେଳେ କେକ୍ ତିଆରି କରୁଥାନ୍ତି। ପିଲାଟି ନିଜର ସମସ୍ତ ଚିନ୍ତା ମନେପକାଇ ଜେଜେମାଙ୍କ ଆଗରେ ଗୁହାରି କରିବାରେ ଲାଗିଲା। କେତେ ସମୟ ଯାଏ ସେ ନିଜର ଅଭିଯୋଗ ଗପିଲା। ଜେଜେମା ନାତିର କଥାଶୁଣି ହୁଁ, ହୁଁ କହୁଥାନ୍ତି ଆଉ ନିଜ କାମ କରୁଥାନ୍ତି। ପିଲାଟି ସବୁ କହି ସାରିବା ପରେ ଜେଜେମା ପଚାରିଲେ, - 'ପୁଅରେ! ତୋତେ ତ ଏବେ ଭୋକ ଲାଗୁଥିବ, କିଛି ଖାଇବୁ? କେକ୍ ହେବାକୁ ଟିକେ ଡେରି ହେବ।'

ଜେଜେମା ଏତେ ଆଦରରେ ପଚାରିଲେ, ଦୁନିଆଁର କେଉଁ ନାତି ନାହିଁ କରିପାରିବ? ଏମିତିରେ ଓଭାନରେ ବସିଥିବା କେକ୍‌ର ମଧୁରବାସ୍ନା ତ ଘରସାରା ମହକାଇ ଦେଲାଣି! ନାତି 'ହଁ' କଲା। ଜେଜେମା ଗୋଟିଏ କଂସାରେ କିଛି ଗହମ ଅଟା ପୂରେଇ ନାତି ପାଖିରେ ରଖିଲେ। - 'ନେ, ଖା!'

ପିଲାଟିକୁ ଆଶ୍ଚର୍ଯ୍ୟ ଲାଗିଲା - 'ଜେଜେମା! ଅଟା କ'ଣ କିଏ ଖାଏ? ସେଗୁଡ଼ାକ ପାଟିକୁ ଖରାପ ଲାଗିବ।'

- 'ଏମିତି କଥା? ତେବେ ଯାକୁ ପିଇଦେ!' ଜେଜେମା ଏଥର ଏକ ଗିନାରେ ଖାଇବାର ତେଲ ପୂରେଇ ଦେଇଥିଲେ।

ପିଲାଟି ହସି ପକାଇଲା। ତାକୁ ଲାଗିଲା ଯେ, ଜେଜେମା ତା ସହିତ ମଜା କରୁଛି। ସେ ନାହିଁ କରି ଦେଲା।

- 'ତେବେ ଇଏ ତୋତେ ଭଲ ଲାଗିବ!' ଏଥର ଜେଜେମା କଞ୍ଚା ଅଣ୍ଡା ଭାଙ୍ଗି ତାକୁ ଦେଲେ। ପିଲାଟି ବୁଝିଲା, ନିଶ୍ଚୟ ଜେଜେମା ତାକୁ ଚିଡ଼ାଉଛି। ଏଥର ନାତି ମୁଖରେ ରାଗିଯିବାର ଭାବ ଫୁଟି ଉଠିଲା। ସେ କହିଲା - 'ଏସବୁ କାହାକୁ ଭଲ ଲାଗେ ଭଲା? ତୁ ତ ଭଲ କାମ କରୁଛୁ ଜେଜେମା। ଏହି ସବୁ ଜିନିଷ ତଣ୍ଟିରେ ଗଳିବ ନା?' ଖାଇହେବ କି?'

ଜେଜେମା ବର୍ତ୍ତମାନ ଗମ୍ଭୀର ହୋଇ ପିଲାଟିର ମୁହଁକୁ ଅନାଇ କହିଲେ - "ଆରେ ପୁଅ! ଏହି ସବୁ ଜିନିଷ କେକ୍ ତିଆରି କରିବାରେ ବ୍ୟବହାର କରାଯାଏ। ହେଲେ ତାକୁ ଅଲଗା ଅଲଗା ଖାଇବାକୁ କେତେ ଖରାପ ଲାଗେ, ନୁହେଁ କି? କିନ୍ତୁ ଯେତେବେଳେ ଭାଗମାପ ଠିକ ଭାବରେ ମିଶ୍ରଣ କରି କେକ୍ ତିଆରି କଲେ କେତେ ବଢ଼ିଆ ହୁଏ ଆଉ ସ୍ୱାଦ ମଧ୍ୟ ଭଲ ଲାଗେ। ଧନ ମୋର! ଏହି ଭଳି ଭଗବାନଙ୍କ ଘରେ ସବୁ କାମ ଚାଲୁଛି। ଅନେକ ସମୟରେ ଆମକୁ ଲାଗେ କି, 'ଆମର ବର୍ତ୍ତମାନ ବହୁତ ଖରାପ ସମୟ ପଡ଼ିଛି। ତାହା କିପରି ଶୀଘ୍ର ପାର ହୋଇଯାଉ। ମୁଁ କ'ଣ ପାଇଁ ଏତେ କଷ୍ଟ ଭୋଗିବି?' ହେଲେ ଭଗବାନ ଜାଣିଛନ୍ତି ଯେ, ଯେତେବେଳେ ସେ ଏହି ସବୁ ସମୟ, ସମସ୍ତ ଦୁଃଖକଷ୍ଟକୁ ସମାନ ଭାବରେ ଏକତ୍ର କରି ଦେବେ, ସେତେବେଳେ ନିଶ୍ଚୟ କୌଣସି ନୂତନ, ଅଦ୍‌ଭୁତ ସମୟ ବନିଯିବ। ଆମେ କେବଳ ତାଙ୍କ ଉପରେ ଏହିପରି ବିଶ୍ୱାସ ରଖିବା ଦରକାର, ଯେପରି ତୁ ବର୍ତ୍ତମାନ ମୋ ଉପରେ ରଖିଛୁ। ତୋତେ ଜଣାପଡୁଛି କି ଏହି ସବୁ ବସ୍ତୁ ମିଶି ତିଆରି ହେଉଥିବା ଦ୍ୱାରା ଆମର କେକ୍ ଏତେ ଭଲ ହେଉଛି। ସେହିପରି ଭଗବାନ ମଧ୍ୟ ଦୁଃଖର ଚୁଲିରେ ତତାଇ କରି ଆମ ଜୀବନ କେକ୍‌ରେ ସରସ ସ୍ୱାଦ ଭରି ଦିଅନ୍ତି। ଆଉ ବାବୁରେ! ଯଦି ଠିକ ଭାବେ ଗରମ ହୋଇ ସିଝିବ ନାହିଁ ତ କେକ୍‌ରେ ଏତେ ମଧୁର ସ୍ୱାଦ ଆସିବ କେମିତି?'

ପିଲାଟି ଅପଲକ ନେତ୍ରରେ ଜେଜେମାକୁ ଅନାଇ ରହିଲା।

ମହାନଦୀ ବିହାର, କଟକ

# ସପେଟା



**ସପେଟାର ଅନେକ ଉପକାର ଅଛି। ଏଥିରେ କାର୍ବୋହାଇଡ୍ରେଟ ଓ ପୋଷକ ତତ୍ତ୍ୱ ଅଧିକ ମାତ୍ରାରେ ଥାଏ। ଏହା ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଖୁବ୍ ଲାଭଦାୟକ। ଗର୍ଭବତୀ ମହିଳାଙ୍କ ଦୁର୍ବଳତା, ମୁଣ୍ଡ ବୁଲାଇବା, ବିଚଳିତ ଭାବକୁ ଦୂର କରିଥାଏ।**

**ସପେଟା କାଢା ପ୍ରସ୍ତୁତକରି ପିଇବା ଫଳରେ ତରଳ ଝାଡାକୁ ମୁକ୍ତି ମିଳିଥାଏ। ଏହା କବ୍‌ଜ, ରକ୍ତହୀନତା ଭଳି ସମସ୍ୟାରୁ ରକ୍ଷା କରିଥାଏ। ସପେଟାରେ ଭିଟାମିନ ଏ' ଓ ବି'ର ଉତ୍ତମ ସ୍ରୋତ ରହିଥାଏ, ଏଥିରେ ଆଣ୍ଟିଆକ୍ସିଡାଣ୍ଟ, ଫାଇବର ଓ ଅନ୍ୟ ପୋଷକ ତତ୍ତ୍ୱ ଭରପୁର ରହିଛି ଯାହାଫଳରେ କ୍ୟାନସର ଭଳି ରୋଗରୁ ରକ୍ଷା କରିଥାଏ।**

**ଭିଟାମିନ ଏ' ଉତ୍ତମ ମାତ୍ରାରେ ରହିଥିବା ଯୋଗୁ ବୟସ ବଢିଯିବା ପରେ ହେଉଥିବା ସମସ୍ୟା ଗୁଡିକୁ ସମାଧାନ କରିବାରେ ସହାୟକ ହୋଇଥାଏ।**



ମନୁଷ୍ୟ ଭୁଲ କରିବ, କିନ୍ତୁ ସେ ଭୁଲ୍‌କୁ ଜାଣିନପାରିବା ହେଉଛି ଅମାନବିକତା।

# କିସ କଥା - ବ୍ୟାଙ୍କ୍ କଥା(୩)



ଘନବିହାରୀ ମହାରଣା

ଦୀପୁ ସ୍କୁଲ୍ ରୁ ଫେରି ଦେଖିଲା ବାପାଙ୍କ ନାଁ ଲେଖାଥିବା ଲଫାପା ଟିଏ କବାଟ ପାଖରେ ପଡିଛି । ବ୍ୟାଙ୍କରୁ ଆସିଛି ! ବୋଧହୁଏ ଏ ଯାଏ କାହା ନଜରରେ ପଡିନି ! ଖୋଲିବାକୁ ଯାଉଥିଲା, ଭାବିଲା କାଳେ କିଛି ଗୁରୁତ୍ୱପୂର୍ଣ୍ଣ ହେଇଥିବ ! ଜେଜେ ଆସନ୍ତୁ, ତାଙ୍କ ଆଗରେ ଖୋଲାହେବ ।

ସଂଧ୍ୟା ବେଳେ ଜେଜେଙ୍କ ପାଖରେ ବସି ଲଫାପାକୁ ଖୋଲିଲା ଦୀପୁ । ଦେଖିଲା ବେଳକୁ ଦିପାବଳୀ ଗ୍ରୀଟିଂସ୍ ଟିଏ । ଖୁସି ହେଇ ଦୀପୁ ପଚାରିଲା, 'ଜେଜେ, ବ୍ୟାଙ୍କ୍ କାହିଁକି ଗ୍ରୀଟିଂସ୍ ପଠେଇଛି ?'

ଜେଜେ କହିଲେ, "ଦୀପାବଳୀ" ଶୁଭକାମନା କରିବାର ଉତ୍ସବ । ଗ୍ରାହକମାନଙ୍କ ମଙ୍ଗଳକାମନା କରି ଶୁଭେଚ୍ଛା ପଠେଇବା ବ୍ୟାଙ୍କର ସୌଜନ୍ୟ ।'

ଦୀପୁ ପଚାରିଲା, 'ଗ୍ରାହକ ? ଦୋକାନ ରୁ ସିନା ଆମେ ଜିନିଷପତ୍ର କିଣୁଛେ , ସେଠି ଦୋକାନୀ ଆମାକୁ ଗ୍ରାହକ କହନ୍ତି । ବ୍ୟାଙ୍କ୍ ରେ ଗ୍ରାହକ କଣ ?'

ଜେଜେ ଟିକେ ହସି ଦେଇ କହିଲେ, ଆରେ ବାବା, "ଗ୍ରାହକ" ବା ଇଂରାଜୀ ରେ କହିଲେ, "କଷ୍ଟମର୍", ଯେ କୌଣସି ବ୍ୟବସାୟିକ ସଂସ୍ଥାର ମୂଳ । କହିଲୁ ଦେଖି, ଗୋଟିଏ ଦୋକାନକୁ ଯଦି କେହି ନଯିବେ, ସେ ଦୋକାନ କଣ ଚାଲିବ ! ସେମିତି, ବ୍ୟାଙ୍କ୍ ମଧ୍ୟ ଏକ ବ୍ୟାବସାୟିକ ଅନୁଷ୍ଠାନ । ଗ୍ରାହକ ନଥିଲେ ବ୍ୟାଙ୍କ ରହିବ କି ? ସେଇଥି ପାଇଁ କୁହା ଯାଇଛି , ଗ୍ରାହକ ଇଶ୍ୱର !

ଦୀପୁ ପଚାରିଲା, 'ଜେଜେ କେତେ ଲୋକ ତ ବ୍ୟାଙ୍କ୍ କୁ ଯିବା ଆସିବା କରୁଛନ୍ତି ! ସମସ୍ତେ କଣ ବ୍ୟାଙ୍କର ଗ୍ରାହକ ।'

ଜେଜେ 'ଶୁଣ କହୁଛି' କହି ଆରମ୍ଭ କଲେ, 'ଗ୍ରାହକ କିଏ ହେଇ ପାରିବ କିଏ ନହେଇ ପାରିବ, ସେମିତି କିଛି ସଂଜ୍ଞା କୋଉଠି କୋଉ ଅଧିନିୟମ ରେ ଲେଖା ହେଇନି । ଯିଏ ବ୍ୟାଙ୍କ୍ ରେ ଖାତା ଟିଏ ଯୋଉଦିନ ଖୋଲିଲେ, ସେଇ ଦିନଠାରୁ ସେ ବ୍ୟାଙ୍କ୍ ର ଗ୍ରାହକ ହେଇଗଲେ!'

ଦୀପୁ କହିଲା, "ମୋର ତ ବ୍ୟାଙ୍କ୍ ରେ ଖାତା ନାହିଁ । ସେଦିନ ତୁମେ ଦୂର ରେ ବସି, ମତେ କହିଲ, ଯା ନିଜେ ଦେଖି; ବ୍ୟାଙ୍କ ରେ କେମିତି ଟଙ୍କା ଜମାହୁଏ । ତୁମେ ଲେଖିଥିବା କାଗଜ ଓ ଟଙ୍କା ମୁଁ ନେଇ ଦେଲି ଏବଂ ସେ ମ୍ୟାଡାମ୍ ତ ରଖିଲେ । ମୁଁ ତ ଗ୍ରାହକ ନୁହେଁ, ସେ ମୋ ଠାରୁ କେମିତି ଟଙ୍କା ରଖିଲେ ?"

ଜେଜେ କହିଲେ, "ସିଧା ସଳଖ ଭାବେ ସିନା ତୁ ଗ୍ରାହକ ନୁହେଁ, କିନ୍ତୁ ତୁ ଜଣେ ଗ୍ରାହକଙ୍କର କାମ ହିଁ କରୁଛୁ । ଯେତେବେଳେ ଜଣେ ଗ୍ରାହକଙ୍କ କାମ ଆଉଜଣେ ପ୍ରତିନିଧି କରୁଛନ୍ତି, ତାଙ୍କୁ ପରୋକ୍ଷ ଗ୍ରାହକ ବା ଇଂରେଜୀ ରେ "ଇନଡାଇରେକ୍ଟ୍ କଷ୍ଟମର୍" କହିବାରେ କିଛି ଅସୁବିଧା ନାହିଁ । ଆଉ ଗୋଟେ କଥା ବି ମନେ ରଖ । ଆଜି ତୁ ମୋ' ପଇସା ଜମାକରିଦେଲୁ । କାଲି ତୋର ଆଗ୍ରହ ବା ଆବଶ୍ୟକ ହୋଇପାରେ ନିଜର ଖାତାଟିଏ ଖୋଲିବାକୁ । ତେଣୁ ଜଣେ ପରୋକ୍ଷ ଗ୍ରାହକ (ଇନଡାଇରେକ୍ଟ କଷ୍ଟମର) ମଧ୍ୟ ଜଣେ ସଂଭାବ୍ୟ ଗ୍ରାହକ ବା (ପୋଟେନସିଆଲ୍ କଷ୍ଟମର୍) ହୋଇପାରନ୍ତି । ଗୋଟେ ମଜା କଥା ହେଲା, ଜଣେ ଗ୍ରାହକ ତା'ଙ୍କ ବ୍ୟାଙ୍କ୍ ସହିତ ବିଭିନ୍ନ ପ୍ରକାର ସଂପର୍କ ରେ ଯୋଡି ହୋଇ ପାରନ୍ତି ।

ଦୀପୁ ପଚାରିଲା, "ଇଏ ପୁଣି କେମିତି କଥା ଜେଜେ ? ଲୋକ ସେଇ ଜଣକ, ଅନୁଷ୍ଠାନ ସେଇ ଗୋଟିଏ, ସଂପର୍କ ଅଲଗା ଅଲଗା କେମିତି ହେବ ।"

ଏତିକି ବେଳେ ଦୀପୁକୁ ଶୋଷ ଲାଗିବାରୁ ଡାକ ଛାଡିଲା, "ବୋଉ ! ପାଣି ଗିଲାସେ ଆଣିବୁ !"

ଜେଜେ ହସି ହସି କହିଲେ , "ତୁ ତ ତୋ ପ୍ରଶ୍ନ ର ଉତ୍ତର ଦେଇସାରିଲୁଣି ।"

"ଆଁ" କରି ଜେଜେଙ୍କ ମୁହଁକୁ ଚାହିଁ ରହିଲା ଦୀପୁ ।

ଜେଜେ କହିଲେ, "ଗୋଟିଏ ପରିବାର ଆମର, ମୁଁ ତୋର ଜେଜେ, ପାଣି ଆଣି ଦେଲେ ତୋ ବୋଉ, ଚାକିରୀ କରିଛନ୍ତି ତୋ' ବାପା, ସେ ଘରେ ଯିଏ ଗୁଣୁ ଗୁଣୁ ହେଇ ଗୀତ ଗାଉଛି, ସିଏ ତୋ' ଭଉଣୀ । ଚାକିରୀରେ ଜଏନ୍ କରିବା ଆଗରୁ ସେଦିନ ଆସିଥିଲେ ତୋ ମାମୁଁ ! ପରିବାର ରେ ସଂପର୍କ ହୁଏ ଲୋକଙ୍କୁ ନେଇ ! ସେମିତି, ବ୍ୟାଙ୍କ୍ ଆଉ ଗ୍ରାହକ ଙ୍କ ସଂପର୍କ ହୁଏ କାମକୁ ନେଇ !

ଯେବେ ଆମେ ବ୍ୟାଙ୍କରେ ଟଙ୍କା ଜମା କରୁଛେ, ଆମେ ହେଲେ ମହାଜନ(ଋଣଦାତା) ବା କ୍ରେଡିଟର୍, ବ୍ୟାଙ୍କ୍ ହେଲା ଖାତକ(ଋଣ ଗ୍ରହୀତା) ବା ଡେବଟର୍ । ବ୍ୟାଙ୍କ ରୁ ଯିଏ ଋଣ ଆଣିଲେ, ସେ ହେଲେ ସେ ଋଣ ଗ୍ରହୀତା(ଡେବଟର୍), ବ୍ୟାଙ୍କ ହେଲା ଋଣଦାତା ବା କ୍ରେଡିଟର୍ !

ଧରାଯାଉ, ଜଣେ ଗ୍ରାହକ ବ୍ୟାଙ୍କ୍ କୁ ଲିଖିତ ଅନୁରୋଧ କଲେ ଯେ, ତାଙ୍କ ଖାତାରୁ ପ୍ରତି ମାସରେ ଏତିକି ପଇସା ଅନ୍ୟ ଜଣଙ୍କ ଖାତାକୁ ଦିଆଯାଉ । କିମ୍ବା ଅନ୍ୟ କୌଣସି ବ୍ୟାଙ୍କ୍ ରୁ ଚେକ୍ ମାଧ୍ୟମରେ ତାଙ୍କ ନିଜ ଖାତାକୁ ପଇସା ଅଣାଯାଉ । ଏ ସବୁ କ୍ଷେତ୍ରରେ, ବ୍ୟାଙ୍କ୍ ହେଲା ଗ୍ରାହକ ଙ୍କ ଏଜେଣ୍ଟ୍ ବା ପ୍ରତିନିଧି !

ଦୀପୁ କହିଲା, "ଜେଜେ, ମୁଁ ତ ଇଚ୍ଛା କଲେ ବ୍ୟାଙ୍କ ର ଗ୍ରାହକ ହେଇ ପାରିବି ! " ଦୀପୁ ବଡ ଆଗ୍ରହ ସହିତ ଜେଜେଙ୍କ ଉତ୍ତର କୁ ଅପେକ୍ଷା କରୁଥାଏ ।

ଜେଜେ କହିଲେ , "ହଁ, ନିଶ୍ଚୟ ! ତେବେ, ତତେ ଅଠର ବର୍ଷ ପୂରିନାହିଁ । ତୁ ଏବେ ନାବାଳକ ବା ମାଇନର୍ । କିନ୍ତୁ ତୋ ନାଁ ରେ ମଧ୍ୟ ଖାତା ଖୋଲାଯାଇ ପାରିବ । ଖାଲି ନାବାଳକ ନୁହେଁ, ବିଭିନ୍ନ ପ୍ରକାର ଗ୍ରାହକ ବ୍ୟାଙ୍କ କାରବାର ପାଇଁ ଆସନ୍ତି । ଦୃଷ୍ଟିବାଧିତ ଲୋକ, ସବୁବେଳେ ଓଢଣାରେ ମୁହଁ ଲୁଚାଇ ରଖିଥିବା ମହିଳା, ବିଭିନ ସରକାରୀ, ବେସରକାରୀ ଅନୁଷ୍ଠାନ ଯଥା - ସ୍କୁଲ, କଲେଜ, ସମିତି(କ୍ଲବ), ସଂଘ(ଆସୋସିଏସନ୍), ହିନ୍ଦୁ ଅବିଭକ୍ତ ପରିବାର(ହିନ୍ଦୁ ଅନଡିଭାଇଡେଡ୍ ଫ୍ୟାମିଲି - ଏଚ୍‌ୟୁଏଫ୍) - ଏମାନେ ମଧ୍ୟ ବ୍ୟାଙ୍କ୍ ରେ ଖାତା ଖୋଲି ଗ୍ରାହକ ରେ ଗଣା ହୁଅନ୍ତି । ଆଦୌ ଲେଖା ପଢା ଜାଣି ନଥିବା ଲୋକ, ଯାହାଙ୍କୁ ଆମେ ନିରକ୍ଷର ବା ଇଲ୍ଲିଟରେଟ୍ ବୋଲି କହୁଛେ, ସେମାନେ ମଧ୍ୟ ବ୍ୟାଙ୍କ୍ ରେ ଖାତା ଖୋଲି ଗ୍ରାହକର ମର୍ଯ୍ୟାଦା ପାଇପାରିବେ ! ବିଭିନ ପ୍ରକାର ଗ୍ରାହକ ମାନଙ୍କୁ ସେମାନଙ୍କ ଆବଶ୍ୟକ ମୁତାବକ ସେବା ଯୋଗାଇ ଦେବାକୁ, ବ୍ୟାଙ୍କ ରେ ଭିନ ଭିନ ନିୟମ ରହିଛି । ସାମାଜିକ ଚଳଣୀ ରେ, ବେଳେ ବେଳେ ବିଭିନ୍ନ କାରଣ ଯୋଗୁଁ ସଂପର୍କ କଟି ଯାଏ । ସେମିତି, ବ୍ୟାଙ୍କ ଓ ତା ଗ୍ରାହକ ଙ୍କ ଭିତରେ ଥିବା ସଂପର୍କ ପ୍ରାୟ ଏଇ ତିନୋଟି କାରଣ ଯୋଗୁ ରଦ୍ଦ ହୋଇଯାଏ ।



ଲୋକ ଯେତେବେଳେ ଭୁଲ୍ କରେ ଏବଂ ତାକୁ ସ୍ୱୀକାର ନକରେ ସେତେବେଳେ ସେ ରାଗିଯାଏ।

ଯଦି ଦୁର୍ଭାଗ୍ୟ ବଶତଃ ଗ୍ରାହକଙ୍କର ମୃତ୍ୟୁ ହୁଏ, ଯଦି ଗ୍ରାହକ ଦେବାଳିଆ ଘୋଷିତ ହୁଅନ୍ତି କିମ୍ବା ଯଦି ସେ ଅସୁସ୍ଥ ମସ୍ତିଷ୍କ ହୋଇ ପଡନ୍ତି ।

ଆଉ କେତେକ କାରଣ ଅଛି, ଯାହା ଯୋଗୁ ଏହି ସଂପର୍କ କଟିଯିବା ପରି ମନକୁ ଆସିପାରେ । ମାତ୍ର ନିୟମ ଦୃଷ୍ଟିରୁ ସେ ସବୁ ଠିକ୍ ନୁହେଁ ! କୌଣସି କାରଣ ରୁ ଯଦି ଗ୍ରାହକ ଙ୍କୁ ହାତକଡି ଲାଗେ ବା ସେ ଜେଲ୍ ଦଣ୍ଡ ଭୋଗନ୍ତି ଅଥବା ବିଦେଶ କୁ ଚାଲି ଯାଆନ୍ତି, ଏ ସବୁ କ୍ଷେତ୍ରରେ ବ୍ୟାଙ୍କ-ଗ୍ରାହକ ସଂପର୍କ ବିଚ୍ଛିନ୍ନ ହୁଏ ନାହିଁ । ସେ ଯାହା ହେଉନା କାହିଁକି, ଗ୍ରାହକ ମାନଙ୍କୁ ସନ୍ତୁଷ୍ଟ କରିବାରେ ବ୍ୟାଙ୍କ୍ ସର୍ବଦା ତତ୍ପର ରହିଥାଏ !"

"ତୁ ତ ଆମ ଜାତିର ପିତା ମହାତ୍ମା ଗାନ୍ଧୀ ଙ୍କ ବିଷୟରେ ଜାଣିଥିବୁ, ପଢିଥିବୁ ନିଶ୍ଚୟ !", ଜେଜେ ପଚାରିଲେ ।

ଦୀପୁ କହିଲା, "କଣ କହୁଛ ଜେଜେ ! ମହାତ୍ମା ଗାନ୍ଧୀ ଙ୍କୁ କିଏ ବା ନଜାଣେ ଯେ । ହେଲେ, ବ୍ୟାଙ୍କ-ଗ୍ରାହକ ଙ୍କ କଥା ପଡିଲା ବେଳେ ମହାତ୍ମା ଗାନ୍ଧୀ କାହିଁକି ଆସିଲେ ଜେଜେ ।"

ଜେଜେ କହିଲେ, "ଶୁଣ, ବାବା ! ଆମ ସାମାଜିକ ,ଅର୍ଥନୈତିକ ଜୀବନ ଓ ଚଳଣୀ ଉପରେ ମହାତ୍ମା ଗାନ୍ଧୀ ଅନେକ ମୂଲ୍ୟବାନ କଥା କହିଛନ୍ତି । ଜଣେ "ଗ୍ରାହକ", ବ୍ୟବସାୟ ଅନୁଷ୍ଠାନ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ, ସେ କଥା ରାଷ୍ଟ୍ରପିତା ମହାତ୍ମା ଏହିପରି କହିଛନ୍ତି :-

ଗ୍ରାହକ ଆମ ଅନୁଷ୍ଠାନରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅତିଥି। ସେ ଆମ ଉପରେ ନିର୍ଭରଶୀଳ ନୁହନ୍ତି । ଆମେ ତାଙ୍କ ଉପରେ ନିର୍ଭରଶୀଳ । ସେ ଆମ କାମରେ ବ୍ୟାଘାତ ସୃଷ୍ଟି କରନ୍ତି ନାହିଁ; .ସେ ହିଁ ଆମ କାର୍ଯ୍ୟର ଉଦ୍ଦେଶ୍ୟ । ସେ ଆମ ପାଇଁ ବାହାର ଲୋକ ନୁହନ୍ତି; ସେ ଆମ ପ୍ରତିଷ୍ଠାନ ର ଅଂଶ । ଆମେ ତାଙ୍କୁ ଅନୁଗ୍ରହ ଦେଖାଉ ନାହାନ୍ତି । ତାଙ୍କୁ ସେବା ଯୋଗାଇଦେବାର ସୁଯୋଗ ଦେଇ ସେ ଆମକୁ ଅନୁଗୃହୀତ କରୁଛନ୍ତି ।

ଏଇଥିରୁ ବୁଝୁଥିବୁ, ଯେ କୌଣସି ବ୍ୟବସାୟରେ ଜଣେ ଗ୍ରାହକ ର ସ୍ଥାନ କେତେ ଉଚ୍ଚରେ । ଗ୍ରାହକମାନଙ୍କର ସୁବିଧା ଅସୁବିଧା ବୁଝିବା ପାଇଁ କେତେକ ବ୍ୟାଙ୍କ ରେ ସ୍ୱତନ୍ତ୍ର ଗ୍ରାହକସେବା ଅଧିକାରୀ ନିଯୁକ୍ତ ରହିଥାନ୍ତି ! ଆମ ବ୍ୟାଙ୍କ୍ ବ୍ୟବସ୍ଥା ର ସର୍ବୋଚ୍ଚ ଅନୁଷ୍ଠାନ, ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଯେ କି ବ୍ୟାଙ୍କ ପରିଚାଳନା ପାଇଁ ନିୟମ ପ୍ରଣୟନ କରନ୍ତି, ଗ୍ରାହକ ସେବା ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି ।"

"ହଁ ଜେଜେ, ମନେ ପଡିଲା ! ସେଥର ବାପାଙ୍କ ସହିତ ରାଜଧାନୀ ବୁଲିଯାଇଥିଲୁ ସମସ୍ତେ । ବାପା ମତେ ରିଜର୍ଭ ବ୍ୟାଙ୍କ୍ ର ଅଫିସ୍ ବାହାରୁ ଦେଖାଇ ଦେଇଥିଲେ !", ଦୀପୁ କହିଲା ।

"ହଉ ,ଆଜି ଏତିକି ଥାଉ । ଆର ଥରକୁ ତତେ ରିଜର୍ଭ ବ୍ୟାଙ୍କ ବିଷୟରେ କହିବି !", ଜେଜେ କହିଲେ ।

ଫ୍ଲାଟ୍ ନଂ - ଏ ୧୦୧,
ବିଶ୍ୱନାଥ ଏନକ୍ଲେଭ୍, ଶ୍ରୀ ବିହାର, ପଟିଆ
ଭୁବନେଶ୍ୱର -୭୫୧୦୩୨

# ପଲ୍ଲୀ ପ୍ରଭାତ

ବାସୁଦେବ ସାହୁ

ନିଶା ପ୍ରଭାବରେ ପ୍ରାଣୀୟେ ଥିଲେ ସର୍ବେ ଅଚେତ
କି ମନ୍ତ୍ର ପଢ଼ିଲା ବାୟସ ସର୍ବେ ହେଲେ ସଚେତ ।
ସିନ୍ଧୁନୀରେ ସ୍ନାନ ସାରିଣ ଆସେ ଉଷା ନାୟିକା
ପିନ୍ଧିଅଛି ଶୁକ୍ଳ ଅମ୍ବର ଭାଲେ ସିନ୍ଦୁର ଟିକା ।
ସୁଲୁ ସୁଲୁ ବାଆ ବହୁଛି ହସେ ନବ ମଲ୍ଲିକା
କାକଳୀ ସଂଗୀତ ମୂର୍ଚ୍ଛନା ଶୁଭେ ଆମ୍ର ବାଟିକା ।
କୁମ୍ଭାଟୁଆ ଲୁଚି ରାବୁଛି ଗୃହ ବାରି ବଲ୍ଲୀରୁ
କୃଷି କରିବାକୁ କୃଷକଯାଏ ପ୍ରାତଃ କାଳରୁ ।
ଦେବୀ ଦେଉଳରେ ଶୁଭୁଛି ଘଣ୍ଟ ଘଣ୍ଟା କାହାଳୀ
ଶମ୍ଭୁ ମନ୍ଦିରରେ ବାଜୁଛି ଡାକବାଜି କାହାଳୀ ।
ଆଲ୍ଲା ଆକବର ପ୍ରାର୍ଥନା ଶୁଭେ ମସଜିଦ୍‌ରେ
ଅଲେଖ ମହିମା ଭଜୁଛି ବସି ଦାଣ୍ଡ ପିଣ୍ଡାରେ ।
କର୍ମଜୀବୀ କର୍ମକ୍ଷେତରକୁ ଗମେ ସ୍ୱ ସ୍ୱ କର୍ମରେ
ପ୍ରାତଃ ଭ୍ରମଣରେ ଗମନ୍ତି ରୋଗୀ ଭୋଗୀ ସକଳେ
ଗୁରୁ ଗୃହେ ଗମେ ବିଦ୍ୟାର୍ଥୀ ବିଦ୍ୟା ଶିକ୍ଷା ନିମନ୍ତେ
ମାଆ ମାତୃଭୂମି ଜାତିର ମାନ ପ୍ରତିଷ୍ଠା ଅର୍ଥେ
ନବବଧୂ ରତ୍ର ସନ୍ତାପହରେ କାସାର ନୀର
ପ୍ରିୟ ଆଗମନ ପ୍ରତୀକ୍ଷା କରେ ପ୍ରିୟା କମଳ
ବେଣାପୂର୍ଣ୍ଣ ପାଟଗହୀରୁ ଶୁଭେ ଜମ୍ବୁକ ସ୍ୱର
ସ୍ନାନ ଶ୍ୱନ ଅତି ବିକଟ ପେଚ଼େ ପ୍ରାଣ ଅସ୍ଥିର ।

ସଂସ୍କୃତ ଶିକ୍ଷକ, ଏମ୍.ଏ, ଟି.ଜି.ଟି
ମୋ - ୯୮୬୧୨୯୦୨୧୩



ଆଳାପ ଆଲୋଚନାବେଳେ ତୁମ ନୀରବତା ତଥା ନମ୍ରତା ହେଉଛି ତୁମର ଭୂଷଣ ।

# ଛଦ୍ମବେଶ

**ରାମଶଙ୍କର**

ରେବତୀ ତା' ବାପା ମୋହନର କଳା ନେଇ ଆସିଛି । ପିଲାବେଳେ ମୋହନ ଦେଖିବାକୁ ସୁନ୍ଦର ଥିଲା ଏବଂ ଭଲ ଅଭିନୟ କରୁଥିଲା । କେବଳ ତା' ଅଭିନୟ ଯୋଗୁଁ ଆମ ଗାଁ ରାମଲୀଳା ଆଖପାଖ ଅଞ୍ଚଳରେ ନା, କମାଇଥିଲା । ଯୋଗକୁ ରେବତୀ ବଡ଼ ହେଲାପରେ ଟି.ଭି. ସିରିୟଲ୍‌ରେ ସୀତା ଚରିତ୍ରରେ ଅଭିନୟ କରି ରାଜ୍ୟରେ ନା କମାଇଛି ।

ରାଜ୍ୟସାରା ଆଲୋଚନାରେ କେନ୍ଦ୍ର ବିନ୍ଦୁ ପାଲଟିଛି ରେବତୀ । ଖବରକାଗଜ ଶିରୋନାମାରେ ଆଉ ସମସ୍ତେ ଟି.ଭି. ଚ୍ୟାନେଲ୍‌ର ବ୍ରେକିଙ୍ଗ୍ ନ୍ୟୁଜ୍‌ରେ । ଗାଁ ମଠ ମହନ୍ତ ରେବତୀକୁ ମନ୍ଦିରରେ ଏକୁଟିଆ ପାଇ ତା' ସହିତ ଦୁଷ୍କର୍ମ କରିବାରୁ ଦୁଃଖ, ଲଜ୍ଜା ଓ ଗ୍ଲାନିରେ ଆତ୍ମହତ୍ୟା କରିଛି ବୋଲି ଆତ୍ମହତ୍ୟା ପୂର୍ବରୁ ରେବତୀ ଲେଖିଥିବା ଚିଠି ପୁଲିସ୍ ହାତରେ ପଡ଼ିଛି ।

### ବଂଶଧର

'ଅଜା...... ଆଉ କେତେ ସମୟ ବସିବା ଯେ, ରାବଣ ପୋଡ଼ି କେତେବେଳେ ହେବ ? କୁନା ଅଧୈର୍ଯ୍ୟ ହୋଇ ପଚାରିଲା ।'

'ଆଉ ଟିକେ ଅପେକ୍ଷା କର । ନେତା ଏଇନେ ଆସି ପହଞ୍ଚିବେ । ରାବଣ ମୂର୍ତ୍ତିରେ ନେତା ପରା ନିଆଁ ଲଗେଇବେ ।' ସନାତନ ବାବୁ ବୁଝାଇଲା ଭଳି କହି କୁନାକୁ କୋଳ ଉପରକୁ ଉଠାଇ ଆଣିଲେ ।

'ନେତା କ'ଣ ଫି ବରଷ ଆସି ନିଆଁ ଲଗଉଛନ୍ତି ?' କୁନା ପଚାରିଲା । ସନାତନ ବାବୁ କ'ଣ କହିବେ ବୋଲି ଭାବି କୁନା ମୁହଁକୁ ଅନେଇଛନ୍ତି, ପଛରୁ ଜଣେ କିଏ କହିଲା, "ଆରେ ପୁଅ, ତୁ କ'ଣ ଜାଣିନୁ, ନିଜ ବଂଶରୁ ଜଣେ ଜୁଇରେ ନିଆଁ ଲଗାନ୍ତି ?"

### କଳାକାର

ଲୋକ କଳା ଉପରେ ଗବେଷଣା କରୁଥିବାରୁ ସତୀଶ ତାଙ୍କ ଗାଁ ପାଖ ରାମଲୀଳା ଦେଖି ସକାଳୁ ସକାଳୁ ଫେରୁଥିଲା । ଗତ ରାତ୍ରିର ବିଷୟବସ୍ତୁ ଥିଲା ଶ୍ରୀରାମଚନ୍ଦ୍ରଙ୍କ ବନବାସ । ଶ୍ରୀରାମଚନ୍ଦ୍ରଙ୍କ ଚରିତ୍ରରେ ଅଭିନୟ କରୁଥିବା କଳାକାର ଅଭିନୟରେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇପଡ଼ନ୍ତି । ରାମଲୀଳା ଶେଷ ହେଲେ ଯେଉଁ ଦିନ ରାମ ଲକ୍ଷ୍ମଣ ସୀତା ଗାଁ ବୁଲନ୍ତି ସେଦିନ ଗାଁ ଲୋକେ ତା'ପାଦ ତଳେ ଏପରି ମୁଣ୍ଡିଆ ମାରନ୍ତି ସତେ ଯେପରି ସାକ୍ଷାତ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଦର୍ଶନ ପାଇଗଲେ । ରାସ୍ତା ଜାମ୍ । ଟ୍ରାକ୍ଟର, ଅଟୋ, ମଟର ସାଇକେଲଗୁଡ଼ିକ ଅଟକିଛି । ସ୍କୁଟିର ଷ୍ଟାଣ୍ଡମାରି ସତୀଶ ଆଗରେ ଭିଡ଼ ଭିତରୁ ଲୋକଟାକୁ ପଚାରିଲା, "କ'ଣ ହୋଇଛି ?" 'ବଡ଼ ଭାଇ ସାନଭାଇକୁ ଜମିଜମା ଭାଗ ବଣ୍ଟୁଆଳ ଝଗଡ଼ାକୁ ନେଇ କଟୁରିରେ ମୁଣ୍ଡ ଗଣ୍ଡି ଅଲଗା କରିଦେଇଛି ।' ଆଇଲା, ଆଇଲା...... କହି ଆଗରେ ଭିଡ ଜମେଇଥିବା ଲୋକମାନେ ପଛକୁ ଦୌଡ଼ି ଆସିଲେ । ସତୀଶ କାମ ଡ଼େରିଲା । ଜଣେ ଚିତ୍କାର କରି କହୁଥିଲା, 'ଶଳା...... ବୋପା ସମ୍ପତ୍ତିରୁ ଭାଗ ନେବୁ ପରା, ଏବେ ନଉ ଥା ।'

କଣ୍ଠ ସ୍ୱରଟା ଚିହ୍ନା ଚିହ୍ନା ଲାଗିଲା । ସତୀଶ ଆଖି ବୁଜି ମନେ ପକାଇବାକୁ ଲାଗିଲା । ଗୋଟିଏ ସଂଳାପ ତା'ମୁଣ୍ଡ ଭିତରେ ପ୍ରତିଧ୍ୱନିତ୍ୱ ହେବାକୁ ଲାଗିଲା, "ପିତୃ ସତ୍ୟ ରକ୍ଷା କରିବାପାଇଁ ରାଜମୁକୁଟ ମୋ ସମ୍ମୁଖରେ ଅତ୍ୟନ୍ତ ତୁଚ୍ଛ । ହେ ପ୍ରିୟ ଭ୍ରାତା ଭରତ, ତୁମେ ଅଯୋଧ୍ୟା ଫେରିଯାଇ ରାଜ୍ୟଭାର ସମ୍ଭାଳ ।" ଦର୍ଶକଙ୍କ ଘନ ଘନ କରତାଳି ।

ମୋ - ୯୩୩୭୬୨୧୪୫୫

# ଗୀତି କବିତା ନିଜ ଓ ପର

**ଡକ୍ଟର ଲାବଣ୍ୟଚନ୍ଦ୍ର ସାହୁ**

କିଏ ବା' ନିଜର ଅଟେ, କିଏ ବା' ପର...
ସବୁ ମିଛ ହିସାବ ଏ, ଜୀବନ ଖାତାର । ॥୦॥

କିଏ ଦୂରେ ମରୀଚିକା, କିଏ ଆପଣାର
କିଏ ସେ ହସାଏ ମୋତେ, କିଏ ଭାଙ୍ଗେ ଘର
ସବୁତ ପାଣିର ଗାର, ମରମ ମଥାର । ॥୧॥

ଗୋଟିଏ ସେ ଚଲାପଥ, ସବୁ ପଥିକର
ଅଚିହ୍ନା ପରି ଲାଗଇ, ଚିହ୍ନା ମୁହଁ ତା'ର
ଲିଭିଯାଏ, ନିମିଷକେ, ଦେଖୁ ଦେଖୁ ମୋର । ॥୨॥

ଯେଉଁ ଲୁହ ଆଲୋକର, ପୁଣି ଅନ୍ଧାରର,
ଯେଉଁ ମଣିଷ ତ ହସେ, କାନ୍ଦେ ବାର ବାର,
ଜୀବନ ତାହାର 'ତାର', ସମୟ ସିତାରର । ॥୩॥

ଶ୍ରୀବସ୍ତୀ
୩୫, ବସନ୍ତ ବିହାର, ଭୁବନେଶ୍ୱର - ୧୮
ମୋ - ୮୮୯୫୪୮୭୧୬୨



ଯେଉଁମାନଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ହଁ କି ନାହିଁ ମତନାହିଁ, ସେମାନେ ସମାଜର କିଛି ମଙ୍ଗଳ କରନ୍ତିନାହିଁ ।

ସାକ୍ଷାତକାର

# ଡ.ଶରଚ୍ଚନ୍ଦ୍ର ମହାପାତ୍ର



*(ଡ. ଶରଚ୍ଚନ୍ଦ୍ର ମହାପାତ୍ରଙ୍କର ଦର୍ଶନ ବିଭାଗରେ ୩୫ ବର୍ଷର ଅଭିଜ୍ଞତା ରହିଅଛି। ତାଙ୍କର ଜୀବନ ଦର୍ଶନ ସରଳ ଓ ସାବଲୀଳ। ଅବସର ଗ୍ରହଣ ପରେ ବିଭିନ୍ନ ସଭାସମିତିରେ ବକ୍ତବ୍ୟ ରଖିବା, ପୁରାଣ, ଦର୍ଶନ ଏବଂ ବିଭିନ୍ନ ବରପୁତ୍ରଙ୍କ ପାଇଁ ପୁସ୍ତକ ରଚନା କରିବାରେ ସେ ବ୍ରତୀ। ତାଙ୍କର ଜୀବନସାଥୀ ବି ଶାନ୍ତ ସ୍ୱଭାବର। ସାହିତ୍ୟସେବାରେ ନିଜକୁ ହଜାଇଥିବା ଡ.ଶରଚ୍ଚନ୍ଦ୍ର ମହାପାତ୍ରଙ୍କ ସହ ଡ. ପ୍ରମୋଦ ଚନ୍ଦ୍ର ଦାଶଙ୍କର ଏକ ସାକ୍ଷାତ୍‌କାର.....)*

***ପ୍ର.ଦା. - ଡ.ଶରଚ୍ଚନ୍ଦ୍ର ମହାପାତ୍ର 'ଚ' ସ୍ଥାନରେ 'ଛ' କାହିଁକି ଲେଖୁଛନ୍ତି ?***

**ଶ.ମ.-** ଏ ପ୍ରଶ୍ନ ଅନେକ ପାଠକ ମୋତେ ପଚାରିଛନ୍ତି। ମୋର ବାଲ୍ୟଗୁରୁ ନରଣଗଡ଼ର ପୂଜ୍ୟ ଶତ୍ରୁଘ୍ନ ପଟ୍ଟନାୟକ ଏହିଭଳି ଲେଖିବାପାଇଁ ମୋତେ କହିଥିଲେ। ମୁଁ ସେହିଦିନଠାରୁ ଏହିଭଳି ଲେଖିଆସୁଅଛି। ପରବର୍ତ୍ତୀ ସମୟରେ ମୁଁ ବ୍ୟାକରଣ ପୁସ୍ତକ ଏବଂ ଶବ୍ଦକୋଷ ଦେଖି ନିଶ୍ଚିନ୍ତ ହେଲି ଯେ, ଏହା ଠିକ୍ ଅଟେ। କେତେକ ପ୍ରଶ୍ନକର୍ତ୍ତା ବିଭିନ୍ନ ବ୍ୟାକରଣ ବହି ଦେଖି ଏହା ଠିକ୍ ବୋଲି ପରେ ସ୍ୱୀକାର କଲେ। ଏଣୁ ଏ ବିଷୟରେ ସଂଶୟ ରଖିବା ଉଚିତ୍ ନୁହେଁ।

***ପ୍ର.ଦା. - ଶରତଋତୁର ଚନ୍ଦ୍ରଭଳି ଆପଣ ଶୀତଳ, କୋମଳ ଓ ଶାନ୍ତ ସ୍ୱଭାବର। ଏ ବୟସରେ ମଧ୍ୟ ଆପଣ ସେଭଳି ରହିଛନ୍ତି। ଏହାର କାରଣ କ'ଣ ?***

**ଶ.ମ.-** ମୋର ସ୍ୱଭାବ କ'ଣ, ଏହା ଅନ୍ୟମାନେ କହିବେ ? ସେମାନେ ବ୍ୟକ୍ତିକୁ ଯେଭଳି ଦେଖନ୍ତି ସେଭଳି ମନ୍ତବ୍ୟ ଦିଅନ୍ତି। ଯଦି ଏହା ମୋ କ୍ଷେତ୍ରରେ ହୋଇଥାଏ ତେବେ ଏ ବିଷୟରେ ମୁଁ ଏତିକି କହିବି ଯେ ବ୍ୟକ୍ତିର କେତୋଟି ଜନ୍ମଗୁଣ ଥାଏ। ଏହା ସଙ୍ଗେ ସଙ୍ଗେ ତା'ର ପରିବେଶ ଓ ପରିସ୍ଥିତି ମଧ୍ୟ ତାକୁ ପ୍ରଭାବିତ କରିଥାଏ। ମୋର ପିତାମାତା ଶାନ୍ତ, ସରଳ, ସ୍ୱଭାବର ଏବଂ ମୁଁ ଆଧ୍ୟାତ୍ମିକ ପରିବେଶରେ ବାଲ୍ୟକାଳରୁ ବଢ଼ିଲି। ବାଲ୍ୟକାଳରେ ଭାଗବତ, ଗୀତା ଓ ଅନ୍ୟାନ୍ୟ ଧର୍ମପୁସ୍ତକ ପଢ଼ି ଆସୁଅଛି, ଏହାର ପ୍ରଭାବ ମୋ ଉପରେ ପଡ଼ିଥାଇପାରେ। ପୁନଶ୍ଚ ମୁଁ ସବୁବେଳେ ଏପରିକି ପ୍ରତିକୂଳ ପରିସ୍ଥିତି ଭିତରେ ମଧ୍ୟ ଭଦ୍ର, ସଂଯତ ହେବାପାଇଁ ଚେଷ୍ଟା କରିଛି। ମୋର ସଂକଳ୍ପ ମୁଁ କାହାର କ୍ଷତି କରିବିନାହିଁ, ଚିନ୍ତା ମଧ୍ୟ କରିବିନାହିଁ। ଈଶ୍ୱରଙ୍କୁ ପ୍ରାର୍ଥନା ସେ ମୋତେ ସହାୟ ହୁଅନ୍ତୁ। ମନୁଷ୍ୟ ଭଦ୍ର ଓ ବିନୀତ ହୋଇ ସମସ୍ତଙ୍କର ଆଦରଲାଭ କରୁ।

***ପ୍ର.ଦା.- ଆପଣ ଶାନ୍ତ ସ୍ୱଭାବର ହେଲେ ମଧ୍ୟ ଦୀର୍ଘ ୩୫ ବର୍ଷ ଅଧ୍ୟାପନା ଜୀବନରେ ପରିସ୍ଥିତି ଉପରେ ନିଜର କ୍ରୋଧ ଛାତ୍ରଛାତ୍ରୀମାନଙ୍କ ଉପରେ କେବେ ପ୍ରକାଶ କରିନାହାନ୍ତି ?***

**ଶ.ମ.-** ମୁଁ ମୋ ଅଧ୍ୟାପକ ଜୀବନର ବିଶେଷ ଭାଗ ମହିଳା ମହାବିଦ୍ୟାଳୟରେ କଟାଇଛି। ଆମ ଝିଅମାନେ ଧୀରସ୍ଥିର, ଶାନ୍ତ-ସ୍ୱଭାବର। ସେମାନେ ସ୍ୱଭାବତଃ ସୁଶୀଳା। ଏଣୁ ଶ୍ରେଣୀଗୃହରେ ଧୀରସ୍ଥିର ହୋଇ ବସି ପାଠପଢ଼ା ଶୁଣନ୍ତି। ପୁଅ କଲେଜରେ ବେଳେବେଳେ ବିଶୃଙ୍ଖଳା ସୃଷ୍ଟି କରାଯାଇଥାଏ ମାତ୍ର ପିଲାମାନଙ୍କୁ ବୁଝାଇଦେଲେ ପିଲାମାନେ ବୁଝିଯାନ୍ତି ଏବଂ ଆମର କଥା ମାନନ୍ତି। ମୁଁ ଅଧ୍ୟକ୍ଷ ଦାୟିତ୍ୱରେ ଥିଲାବେଳେ ବିରକ୍ତିକର ପରିସ୍ଥିତି ସୃଷ୍ଟି ହେଲେ ମଧ୍ୟ ଶାନ୍ତ ଭାବରେ ତା'ର ସମାଧାନ କରିଥାଏ। ଅଯଥା ରାଗିଲେ ପରିସ୍ଥିତି ବିଗିଡ଼ିଯିବ ଓ ତାହାକୁ ଆୟତ୍ତ କରିବା କଷ୍ଟ ହେବ। ସବୁ ଆମ ଉପରେ ନିର୍ଭର କରେ।

***ପ୍ର.ଦା.- ବାସ୍ତବରେ ଆପଣଙ୍କର ଶାନ୍ତ, ସରଳ ଓ ପରୋପକାର ପ୍ରବୃତ୍ତି ସମସ୍ତଙ୍କୁ ମୁଗ୍ଧ କରିଥାଏ। କିପରି ଏହା ସମ୍ଭବ ?***

**ଶ.ମ. -** ମୋର ବ୍ୟକ୍ତିଗତ ବ୍ୟବହାର ଅନ୍ୟମାନଙ୍କୁ ଆନନ୍ଦ ଦେଉଛି ବୋଲି ଆପଣ ଯାହା କହୁଛନ୍ତି ତାହା ମୋ ପାଇଁ ଏକ ସୌଭାଗ୍ୟର ବିଷୟ।



ଶରୀରକୁ ସୁସ୍ଥ ରଖିବାପାଇଁ ଖାଦ୍ୟ ଯେତିକି ଲୋଡ଼ା, ମନକୁ ସୁସ୍ଥ ରଖିବାପାଇଁ ଅଧ୍ୟୟନ ସେତିକି ଲୋଡ଼ା।

ଗୋଟିଏ କଥା ମୁଁ ଜୀବନରେ ପାଳିଛି, ତାହା ହେଉଛି - କଥା ଓ କାର୍ଯ୍ୟରେ କାହା ପ୍ରାଣରେ ଆଘାତ ନଦେବା। ଦୁଇଟି ଗୁଣ ଆମଠାରେ ରହିବା ଦରକାର। ଗୋଟିଏ ସହନଶୀଳତା ଓ ଅନ୍ୟଟି ବିନମ୍ରଭାବ। ଏହି ଦୁଇଟି ଗୁଣ ସ୍ୱଭାବରେ ରକ୍ଷା କରିବାପାଇଁ ମୁଁ ଚେଷ୍ଟା କରିଛି। ମୋର ଶକ୍ତି ଓ ସାମର୍ଥ୍ୟ ବିଷୟରେ ମୁଁ ସର୍ବଦା ସଚେତନ। ସବୁବେଳେ ମନରେ ସଂଯମଭାବ ରଖିବାକୁ ଚେଷ୍ଟା କରିଛନ୍ତି।

***ପ୍ର.ଦା.- ଦର୍ଶନ ବିଷୟ ଅଧ୍ୟୟନ ପାଇଁ ଛାତ୍ରଛାତ୍ରୀଙ୍କ ମନରେ କିପରି ଆଗ୍ରହ ସୃଷ୍ଟି କରାଯାଇପାରିବ ?***

**ଶ.ମ.** - ସ୍ନାତକ ଶ୍ରେଣୀରେ ଦର୍ଶନ ବିଷୟ ପଢ଼ାଯାଏ। ତା'ପୂର୍ବରୁ ତର୍କଶାସ୍ତ୍ର ପଢ଼ାଯାଇଥାଏ। ଜଣେ ଅଧ୍ୟାପକ ବା ଅଧ୍ୟାପିକା ଭଲ ପଢ଼ାଇଲେ ତା'ର ବ୍ୟବହାରରେ ସେ ସହାନୁଭୂତିଶୀଳ ହେଲେ ଓ ସାହାଯ୍ୟକାରୀ ହେଲେ ଛାତ୍ରଛାତ୍ରୀମାନେ ବିଷୟ ପଢ଼ିବାପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। ବିଷୟର ଗୁରୁତ୍ୱ କ'ଣ ରହିଛି ତାକୁ ପିଲାମାନଙ୍କୁ ବୁଝାଇବାର ଆବଶ୍ୟକ। ବେଳେବେଳେ ବୁଝିନପାରିଲେ ସେମାନଙ୍କୁ ବ୍ୟକ୍ତିଗତ ଭାବରେ ବୁଝାଇବାକୁ ଚେଷ୍ଟା କରିବା ଉଚିତ୍।

***ପ୍ର.ଦା.- ଦର୍ଶନ ଶାସ୍ତ୍ର ଅଧ୍ୟୟନ ପରେ ଛାତ୍ରଛାତ୍ରୀମାନେ ନିଜର ଜୀବନ ଦର୍ଶନ ଓ ବୃତ୍ତିଗତ କ୍ଷେତ୍ରରେ କିପରି ସଫଳ ହୋଇପାରିବେ ?***

**ଶ.ମ.**- ଦର୍ଶନ ବିଷୟର ଏକ ସ୍ୱତନ୍ତ୍ର ପରିଚୟ ଅଛି। ଏହା ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦିଏ। ଦର୍ଶନ ବିଭାଗର ଛାତ୍ରଛାତ୍ରୀମାନେ ସାଧୁ, କର୍ତ୍ତବ୍ୟପରାୟଣ ହୋଇ ନିଜର ବିଶେଷ ପରିଚୟ ଦେଇଥାନ୍ତି। ବୃତ୍ତିଗତ କ୍ଷେତ୍ରରେ ଅନ୍ୟ ବିଷୟର ଯେତିକି ଗୁରୁତ୍ୱ ଅଛି ଦର୍ଶନ ବିଷୟର ମଧ୍ୟ ସେତିକି ଗୁରୁତ୍ୱ ରହିଛି। ମୋର ଅନେକ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଛନ୍ତି। ମୁଁ ଭାବେ ସରକାରୀ କ୍ଷେତ୍ର ଅତ୍ୟନ୍ତ ସଂକୁଚିତ। ବେସରକାରୀ କ୍ଷେତ୍ର ପ୍ରତି ପରିସ୍ଥିତି ଦୃଷ୍ଟିରୁ ଆମେ ଟାଣି ହୋଇ ଯାଉଛୁ କିନ୍ତୁ ଯେଉଁ କ୍ଷେତ୍ର ହେଉ ପଛେ ନିଜର ଅଧ୍ୟବସାୟ ଓ କାର୍ଯ୍ୟଦକ୍ଷତା ବଳରେ ବ୍ୟକ୍ତି ବଡ଼ ହୋଇଥାଏ। ମୋର ଅନେକ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି। ଦର୍ଶନ ପଢ଼ିବାପାଇଁ ମୁଁ ବ୍ୟକ୍ତିଗତ ଭାବରେ ସେମାନଙ୍କୁ ଉତ୍ସାହ ଦେଇଥାଏ। ସବୁକିଛି ବ୍ୟକ୍ତିର ପରିଶ୍ରମ ଉପରେ ନିର୍ଭର କରିଥାଏ। ବିଷୟ କେବଳ ଦିଗ ଦେଖାଇଥାଏ।

***ପ୍ର.ଦା. - ବ୍ୟକ୍ତିଗତ ଜୀବନରେ ଦର୍ଶନ ଅଧ୍ୟାପକ ହେବାପାଇଁ କାହିଁକି ଆପଣ ଆଗ୍ରହ ପ୍ରକାଶ କଲେ ?***

**ଶ.ମ.**- ମୁଁ ସାମନ୍ତ ଚନ୍ଦ୍ରଶେଖର କଲେଜର ଛାତ୍ର ଥିବା ସମୟରେ ଶ୍ରୀକ୍ଷେତ୍ରରେ ରହୁଥିଲି। ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଉଥିଲି। ରାମକୃଷ୍ଣ ମଠକୁ ଯାଇ ବିଭିନ୍ନ ପୁସ୍ତକ ପଢୁଥିଲି। ଆଧ୍ୟାତ୍ମିକତା ପ୍ରତି ମୁଁ ଆକୃଷ୍ଟ ହେଲି। ଏହି ସମୟରେ ଜଣେ ବିଦ୍ୱାନ ବ୍ୟକ୍ତି ଡ.ସତ୍ୟବାଦୀ ମିଶ୍ରଙ୍କୁ ଦର୍ଶନ ବିଭାଗରେ ଦେଖିଲି ଏବଂ ପରେ ପ୍ରଫେସର ହୃଦାନନ୍ଦ ରାୟ ଯୋଗଦେଲେ। ସେ ଉଭୟଙ୍କ ଜ୍ଞାନ ଓ ବ୍ୟକ୍ତିତ୍ୱ ପ୍ରତି ଆକୃଷ୍ଟ ହୋଇ ଦର୍ଶନ ବିଷୟକୁ ପଢ଼ିଲି। ସେମାନଙ୍କ ପ୍ରେରଣାରେ ବିଷୟପ୍ରତି ଆଗ୍ରହ ସୃଷ୍ଟି ହେଲା ଫଳରେ ଦର୍ଶନ ଅଧ୍ୟାପକ ହେବାର ସ୍ୱପ୍ନ ଦେଖିଲି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ମୋର ଏହି ସ୍ୱପ୍ନ ସାକାର ହେଲା। ବାଣୀବିହାରରେ ଅଧ୍ୟୟନ କାଳରେ ମୋର ପୂଜ୍ୟ ଅଧ୍ୟାପକମାନେ ମୋତେ ବିଶେଷ ସାହାଯ୍ୟ କରିଥିଲେ।

***ପ୍ର.ଦା. - ଆପଣ ପ୍ରାୟ ୧୪ଟି ପୁସ୍ତକ ପ୍ରଣୟନ କଲେଣି। ଅଧିକାଂଶ ପୁସ୍ତକ ଧର୍ମ ଓ ଆଧ୍ୟାତ୍ମିକତା ଉପରେ ପର୍ଯ୍ୟବେଶିତ। ପାଠକମାନଙ୍କୁ ଏହା ପ୍ରଭାବିତ କରିପାରୁଛି ବୋଲି ଆପଣ ଭାବୁଛନ୍ତି କି ?***

**ଶ.ମ.** - ଜଣେ ବ୍ୟକ୍ତିର ପୁସ୍ତକ ପଢ଼ି ସେ କେଉଁ ସ୍ୱଭାବର ବ୍ୟକ୍ତି ହୋଇଥିବେ ଆପଣ ଅନୁମାନ କରିପାରିବେ। ମୋର ଜୀବନ ଆଧ୍ୟାତ୍ମିକତା ଉପରେ ଗଢ଼ିଉଠିଛି ଏବଂ ଏହି ଭାବରେ ମୁଁ ପୁସ୍ତକ ରଚନା କରିଅଛି। ସତ୍ୟ, ଧର୍ମ, ନ୍ୟାୟ, ଉତ୍ତମ ଚରିତ୍ର, ପରୋପକାର ଭାବ, ପ୍ରବୃତ୍ତିର ବିକାଶ ଘଟିବା ଉଚିତ୍। ଏହି ଉଦ୍ଦେଶ୍ୟରେ ମୁଁ ପୁସ୍ତକ ରଚନା କରିଅଛି। ଆଶାକରୁଛି କିଛିଟା ପ୍ରଭାବ ପକାଇବ। ଏହି ପୁସ୍ତକଗୁଡ଼ିକ ଏକ ପବିତ୍ର ବାତାବରଣ ସୃଷ୍ଟିକରିବ ବୋଲି ମୁଁ ଆଶାକରୁଛି ମାତ୍ର ଏ ଦିଗରେ ମୁଁ କେତେଦୂର ସଫଳ ହୋଇଛି ତାହା କହିପାରିବିନି। ବହୁ ସମୟରେ ଭାବେ ଯଦି ମୁଁ ପ୍ରଭାବିତ ହେଲି ଅନ୍ୟମାନେ କାହିଁକି ପ୍ରଭାବିତ ହେବେନି।

***ପ୍ର.ଦା.- ଆପଣ ଯାହା ଲେଖୁଛନ୍ତି ଅଧିକାଂଶ ପୌରାଣିକ ବିଷୟ ଉପରେ ଆଧାରିତ। ଆଧୁନିକ ଲେଖା ଉପରେ ଆପଣ କାହିଁକି ଗୁରୁତ୍ୱ ଦେଉନାହାନ୍ତି ?***

**ଶ.ମ.**- ବ୍ୟକ୍ତି ନିଜର ରୁଚି ଅନୁସାରେ ଲେଖେ। ମୋର ଆଧୁନିକ କବିତା ଲେଖିବାର ରୁଚି ନାହିଁ। ଅଳ୍ପ କେତୋଟି ଲେଖିଛି। ମୋର ଲେଖିବାର ଶୈଳୀ ହେଉଛି ପାରମ୍ପାରିକ। ଏ ବିଷୟରେ ରୁଚି ବଦଳାଇବା ସୁବିଧାଜନକ ହେବନାହିଁ। ତଥାପି ଆପଣଙ୍କ ମତକୁ ମୁଁ ସମ୍ମାନ ଦିଏ। ଅନ୍ୟମାନେ ଲେଖିଲେ ମୁଁ ଆଗ୍ରହର ସହ ପଢ଼େ। ମୁଁ ଯେଉଁ କବିମାନଙ୍କୁ ମୋର ଆଦର୍ଶ ବୋଲି ଗ୍ରହଣ କରିଛି ସେମାନେ ପାରମ୍ପାରିକ ରୀତିରେ ଲେଖନ୍ତି।

***ପ୍ର.ଦା.- ଆପଣ ପିଲାମାନଙ୍କ ପାଇଁ ଅନେକ ଜୀବନୀ ପୁସ୍ତକ ପ୍ରଣୟନ କରିଛନ୍ତି। ଏହାର ଉପଯୋଗିତା ଉପରେ କିଛି କହିବେକି ?***

**ଶ.ମ.** - ମୋର ବାଲ୍ୟକାଳରୁ ଜୀବନୀ ପୁସ୍ତକ ପଢ଼ିବାର ଅଭ୍ୟାସ



ଭଗବାନ ସବୁ ସ୍ଥାନରେ ଉପସ୍ଥିତ ରହିପାରିବେ ନାହିଁ, ତେଣୁ ସେ "ମା" ସୃଷ୍ଟି କରିଦେଇଛନ୍ତି।

ରହିଆସିଛି। ମୋ ପାଖରେ ଅନେକ ଜୀବନୀ ପୁସ୍ତକ ଅଛି। ପୁସ୍ତକମେଳାରୁ ମୁଁ ଏହି ପୁସ୍ତକଗୁଡ଼ିକ ବେଶୀ କିଣିଥାଏ। ଏହା ପାଠକରି ମୁଁ ପିଲାଙ୍କ ପାଇଁ ବିଭିନ୍ନ ଜୀବନୀ ପୁସ୍ତକ ଲେଖିଛି। ମୁଁ ଭାବେ ଯଦି ଏହା ପାଠକରି ମୋ ଜୀବନ ଉପରେ ପ୍ରଭାବ ପଡ଼ିଛି, ଅନ୍ୟମାନଙ୍କ ଉପରେ ଏହା କାହିଁକି ପ୍ରଭାବ ପକାଇବନାହିଁ। ଏଣୁ ପିଲାମାନଙ୍କ ଉପକାର ପାଇଁ ମୁଁ ଏସବୁ ଲେଖିଛି। ଜଣେ ଇଂରାଜୀ କବି କହିଛନ୍ତି – "Lives of great men all remind us we can make our life subline." ମହାପୁରୁଷଙ୍କ ଜୀବନୀ ପଢ଼ିଲେ ଆମ ଜୀବନ ମଧ୍ୟ ମହାନ୍ ହୋଇଯିବ। ଏହାର ଯଥେଷ୍ଟ ଉପଯୋଗିତା ଅଛି। କିନ୍ତୁ ଖାଲି ପଢ଼ିଲେ ହେବନାହିଁ। ଜୀବନକୁ ସେହି ଭାବରେ ଗଢ଼ିବାର ଅଛି। ଏହା ବ୍ୟକ୍ତିର ଆଗ୍ରହ ଓ ଉଦ୍ୟମ ଉପରେ ନିର୍ଭର କରେ। କିନ୍ତୁ ମୋର ଉଦ୍ଦେଶ୍ୟ ଚରିତ୍ରଗଠନ। ଜୀବନୀ ପୁସ୍ତକ ଏ ଦିଗରେ ସହାୟକ ହେବ।

***ପ୍ର.ଦା.- ଆପଣ "ମାଆ" ଉପରେ ଏକ କବିତା ଲେଖିଛନ୍ତି। ମନେହୁଏ ଏହା ଲେଖିଲାବେଳେ ଆପଣ ଭାବାବିଷ୍ଟ ହୋଇପଡ଼ିଛନ୍ତି। ସେଇ କବିତାର ଦୁଇପଦ ଉଦ୍ଧାର କରନ୍ତୁ।***

**ଶ.ମ.** – ଶଙ୍କରାଚାର୍ଯ୍ୟ "ଦେବ୍ୟପରାଧ କ୍ଷମାପନ" ସ୍ତୋତ୍ର ଲେଖିଛନ୍ତି। ଏଥିରେ ମାଆର ମହନୀୟତାକୁ ପ୍ରକାଶ କରିଛନ୍ତି। ତାହାକୁ ମୁଁ ଓଡ଼ିଆରେ ପଦ୍ୟ ଆକାରରେ ଅନୁବାଦ କରିଛି। ତାହାଦ୍ୱାରା ଓ ବ୍ୟକ୍ତିଗତ ଅନୁଭୂତି ଉପରେ ଆଧାରିତ ଏ କବିତା। ସେଥିରୁ ଦୁଇପଦ ମୁଁ ନିମ୍ନରେ ପ୍ରଦାନ କଲି –

"ପିନ୍ଧିଥାଉ ପଛେ ଛିନ୍ନ ଶାଢ଼ି
ଦେହରେ ତା' ନଥାଉ ଗହଣା
ମାଆ ମୋର ସବୁଠୁ ନିଜର
ଜଗତରେ ନାହିଁ ତା'ତୁଳନା ।।"
"ରୋଗରେ ମୁଁ ପଡ଼ିଥାଏ ଯେବେ
ରାତି ରାତି ରହେ ଉଜାଗର
ଚାହୁଁଥାଏ ବ୍ୟାକୁଳ ନୟନେ
ଚକ୍ଷୁରୁ ତା' ବହୁଥାଏ ନୀର ।।"

***ପ୍ର.ଦା.- ଜୀବଦଶା ଭିତରେ କେତୋଟି ପୁସ୍ତକ ରଚନା କରିବାର ସୌଭାଗ୍ୟ ଲାଭ କରିବେ ବୋଲି ଆପଣ ଆଶା ରଖିଛନ୍ତି ?***

**ଶ.ମ.**- ମୁଁ ତେରଖଣ୍ଡ ପୁସ୍ତକ ଲେଖିଛି। ଖଣ୍ଡିଏ ପୁସ୍ତକ ପ୍ରେସ୍‌ରୁ ଆସିବ। ଆଉ ଦୁଇଖଣ୍ଡ ପୁସ୍ତକର ପାଣ୍ଡୁଲିପି ମୋ ପାଖରେ ଅଛି। ଈଶ୍ୱରଙ୍କ କରୁଣା ଲାଭ କଲେ ଅର୍ଥାତ ମୋର ଶରୀର ଓ ମନ ସୁସ୍ଥ ରହିଲେ ଆଉକିଛି ଲେଖିବାର ଆଶା ରଖିଅଛି।

***ପ୍ର.ଦା. - ଓଡ଼ିଆ ପୁସ୍ତକ ଲେଖିବା, ପଢ଼ିବା ଏବଂ ପ୍ରକାଶ କରିବାପାଇଁ ଆପଣଙ୍କ ଭଳି ଅନେକ ଅଛନ୍ତି। ମାତ୍ର ଓଡ଼ିଆ ପତ୍ରପତ୍ରିକା ପଢ଼ିବାପାଇଁ ଓଡ଼ିଆମାନଙ୍କ ଘରେ ପରିବେଶ ସୃଷ୍ଟି ହେଉନି। ତେଣୁ ଅଧିକାଂଶ ଲେଖକ ଏ କ୍ଷେତ୍ରରେ ନିରୁତ୍ସାହିତ ହେଉଛନ୍ତି। ଏଥିରେ ଆପଣଙ୍କ ଅଭିମତ କ'ଣ ?***

**ଶ.ମ.** – ପୁସ୍ତକ ବା ପତ୍ରିକାର ପଠନ ବହୁମାତ୍ରାରେ କମିଯାଇଛି। ଏହା ସ୍ୱୀକାର କରିବାକୁ ପଡ଼ିବ। ଆମର କର୍ତ୍ତବ୍ୟ ହେଉଛି ଏହାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ଆମେ ପ୍ରଚାର ଓ ପ୍ରସାର କରିବା। ନହେଲେ ଆମ ସାହିତ୍ୟର ବିକାଶ ଘଟିବ କିପରି। ଆମେ ପିଲାଦିନେ ପତ୍ରପତ୍ରିକା ବହୁତ ପଢୁଥିଲୁ। ଏବେ ଅଧିକାଂଶ ମୋବାଇଲ୍ ଧରି ବସୁଛନ୍ତି। ଭାବୁଛନ୍ତି ଏହା ଜ୍ଞାନର ଉତ୍ସ। ସରକାର ତଥା ବୁଦ୍ଧିଜୀବୀଗଣ ଜନସଚେତନତା ସୃଷ୍ଟି କରିବାପାଇଁ ଯଥାର୍ଥ ପଦକ୍ଷେପ ନିଅନ୍ତୁ। ସମସ୍ତଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିବ।

***ପ୍ର.ଦା.- ଏବେ ଯୁବସମାଜରେ ନୈତିକ ଅଧୋପତନ ପ୍ରାୟତଃ ଦେଖାଯାଉଛି। ଏମାନଙ୍କୁ ସତ୍‌ପଥକୁ ଆଣିବାପାଇଁ ନୈତିକ ଶିକ୍ଷାର ପ୍ରୟୋଗାତ୍ମକ ଦିଗପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ଆପଣ ଭାବୁଛନ୍ତି କି ?***

**ଶ.ମ.** – ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚରିତ୍ରଗଠନ। ଏହା ପିତାମାତା ଓ ଶିକ୍ଷକମାନେ ମଧ୍ୟ ଭୁଲିଯାଉଛନ୍ତି। ତେଣୁ ନୈତିକ ଶିକ୍ଷାର ଆବଶ୍ୟକତା ରହିଛି। ବାଲ୍ୟକାଳରୁ ପିଲାମାନଙ୍କ ମନରେ ସତ୍ୟ, ଧର୍ମ, ନ୍ୟାୟ, ପରୋପକାର, ଦେଶଭକ୍ତି ପ୍ରତି ଆଗ୍ରହ ସୃଷ୍ଟି କରିବା ଉଚିତ୍। ଶିକ୍ଷାକ୍ଷେତ୍ରରେ ଏହାପ୍ରତି ଗୁରୁତ୍ୱ ଦେଲେ ଭଲମଣିଷ ସୃଷ୍ଟି ହୋଇପାରିବେ ଏବଂ ଦେଶରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇପାରିବ। ସମାଜର ରୂପ ବଦଳିଯିବ। ଆମେ ସମସ୍ତେ ଶାନ୍ତି ଓ ସୁଖରେ ରହିବା। ଏଣୁ ନୈତିକ ଶିକ୍ଷାର ଗୁରୁତ୍ୱ ରହିଛି। ଏ କ୍ଷେତ୍ରରେ ଯାଥାର୍ଥ ପଦକ୍ଷେପ ନିଆଯିବା ଉଚିତ୍।

***ପ୍ର.ଦା.- ଅନେକ ପ୍ରଶସ୍ତି ପତ୍ର ବିଭିନ୍ନ ଅନୁଷ୍ଠାନରୁ ଲାଭ କରିଛନ୍ତି। ଏ କ୍ଷେତ୍ରରେ ଆପଣଙ୍କ ଅନୁଭବ କ'ଣ ?***

**ଶ.ମ.**- ଏହା ସନ୍ତୋଷ ଦେଇଥାଏ। ମାତ୍ର ଏଥିପ୍ରତି ବିଶେଷ ଆକର୍ଷଣ ରହିବା ଉଚିତ୍ ନୁହେଁ। ଏଭଳି ହେଲେ ବ୍ୟକ୍ତି ପ୍ରଚାରଧର୍ମୀ ହୋଇଯିବ ଏବଂ ନିଜର ଡିଣ୍ଡିମ କିପରି ପିଟାଯିବ ତା ଉପରେ ଗୁରୁତ୍ୱ ଦେବ।

***ପ୍ର.ଦା.- 'ଆମରିସତ୍ୟ' ପତ୍ରିକାର ଆପଣ ଜଣେ ପରାମର୍ଶଦାତା। ଏହି ପତ୍ରିକାର ଭବିଷ୍ୟତ ଆପଣଙ୍କ ଦୃଷ୍ଟିରେ କିପରି ଜଣାଯାଉଛି।***



ମା'ର କଥା ଯିଏ ମାନିନାହିଁ ସେ ସବୁଦିନ ହତଭାଗ୍ୟ ହୋଇ ରହିଯାଇଛି।

# ତ୍ୟାଗୀ ବାଳକ ଶତମନ୍ୟୁ



**ଗୋବିନ୍ଦ ଚନ୍ଦ୍ର ମହାରଣା**

ପ୍ରାଚୀନ ଯୁଗର କଥା। ଆମ ଦେଶର ଉତ୍ତର ଭାଗରେ ଉତ୍ତରାଖଣ୍ଡ ନାମରେ ଥିଲା ଏକ ବିଶାଳ ଜନପଦ। ଥରେ ସେହି ରାଜ୍ୟରେ ଦୀର୍ଘ ବାରବର୍ଷ ପର୍ଯ୍ୟନ୍ତ ବର୍ଷା ହେଲାନାହିଁ। ନଈ, ନାଳ, କୂଅ, ପୋଖରୀ ସବୁ ଶୁଖିଗଲା। ଋଷବାସ କାମ ହୋଇପାରିଲାନାହିଁ। ବାରମ୍ବାର ମରୁଡ଼ି ହେଲା ଓ ମରୁଡ଼ି ଯୋଗୁ ଦୁର୍ଭିକ୍ଷ ପଡ଼ିଲା। ଲୋକମାନେ ଖାଇବାକୁ ପାଇଲେ ନାହିଁ କି ପିଇବାକୁ ଜଳ ଟୋପେ ପାଇଲେ ନାହିଁ। ଋରିଆଡ଼େ ହାହାକାର ପଡ଼ିଗଲା। ପୋକ ମାଛିପରି ଅନେକ ଲୋକ ମୃତ୍ୟୁବରଣ କଲେ। ଅନେକ ଲୋକ ରାଜ୍ୟଛାଡ଼ି ଅନ୍ୟତ୍ର ଋଲିଯିବାକୁ ବସିଲେ। ଏହି ଘୋର ବିପଦ ବେଳେ ରାଜ୍ୟର ଜ୍ଞାନୀ ଲୋକମାନେ ଏକାଠି ବସି ବର୍ଷା ହେବାର ଉପାୟ ଚିନ୍ତା କରିବାକୁ ଲାଗିଲେ। ଏଥିପାଇଁ ଏକ ସଭାର ଆୟୋଜନ ହେଲା। ଏହି ସଭାକୁ ନିମନ୍ତ୍ରିତ ହୋଇ ଆସିଥିବା ମୁନିଋଷିମାନେ ମତ ଦେଲେ ଯେ, ବର୍ଷାର ଦେବତା ଇନ୍ଦ୍ର ଦେବତାଙ୍କୁ ସନ୍ତୁଷ୍ଟ କଲେ ଯାଇ ବର୍ଷାହେବ। କେବଳ ନରମେଧ ଯଜ୍ଞଦ୍ୱାରା ଇନ୍ଦ୍ରଦେବତା ସନ୍ତୁଷ୍ଟ ହୋଇଥାନ୍ତି। ଏହି ଯଜ୍ଞ କରିବାକୁ ହେଲେ ଜଣେ ବ୍ୟକ୍ତି ଜୀବନ ଦେବାକୁ ପଡ଼ିବ। ରାଜ୍ୟର ମଙ୍ଗଳପାଇଁ କିଏ ଜୀବନ ଦେଇପାରିବ ବୋଲି ପଚରାଗଲା। ନିଜର ପ୍ରାଣ କାହାର ପ୍ରିୟ ନୁହେଁ ? ? ସମସ୍ତେ ଚୁପ୍। ନିଜର ଜୀବନ ଦେବାପାଇଁ ଜଣେ ହେଲେ ବି କେହି ଆଗେଇ ଆସିଲେ ନାହିଁ।

ସଭାର ପ୍ରଧାନ ଆଋର୍ଯ୍ୟ ଠିଆହୋଇ ଅତ୍ୟନ୍ତ ଦୁଃଖର ସହିତ କହିଲେ – "ରାଜ୍ୟର ମଙ୍ଗଳ ପାଇଁ ଏଠାରେ କ'ଣ ଜଣେ ହେଲେ ତ୍ୟାଗୀ ମଣିଷ ନାହାନ୍ତି ?"

'କିଏ କହିଲା ନାହାନ୍ତି' ? ସମସ୍ତଙ୍କୁ ଚମକାଇ ବାଳକଟିଏ ଠିଆ ହୋଇଗଲା ଓ ବଡ଼ପାଟିରେ କହିଲା, "ମୁଁ ରାଜ୍ୟବାସୀଙ୍କ ପାଇଁ ନିଜକୁ ବଳିଦାନ ଦେବା ସକାଶେ ପ୍ରସ୍ତୁତ ଅଛି। ଆପଣମାନେ ଯଜ୍ଞର ଆରମ୍ଭ କରନ୍ତୁ। ମୁଁ ମୋ ପିତାମାତାଙ୍କଠାରୁ ଅନୁମତି ନେଇ ଆସୁଛି।" ବାଳକଟିର ସାହସ ଓ ତ୍ୟାଗ କଥା ଶୁଣି ସଭାରେ ବସିଥିବା ହଜାର ହଜାର ଲୋକ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ।

ସେହି ବିସ୍ମୟ ବାଳକଟିର ନାମ ଶତମନ୍ୟୁ। ସେ ପିତାମାତାଙ୍କର ଏକମାତ୍ର ସନ୍ତାନ। ଘରକୁ ଫେରି ନିଜ ପିତାମାତାଙ୍କୁ ବୁଝାଇ ଶୁଝାଇ ବଡ଼କଷ୍ଟରେ ରାଜି କରାଇଲା। ତା'ପରେ ସେ ଶୀଘ୍ର ଯାଇ ଯଜ୍ଞ ସ୍ଥାନରେ ପହଞ୍ଚିଗଲା। ସିଧା ସିଧା ଯାଇ ବଳିବେଦୀରେ ଠିଆ ହେଲା ଏବଂ ଉପସ୍ଥିତ ସମସ୍ତ ଦର୍ଶକ, ଆଋର୍ଯ୍ୟ ଓ ମୁନିଋଷିମାନଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କଲା। ହଜାର ହଜାର ଲୋକ ଉପରକୁ ହାତ ଉଠାଇ ବାଳକ ଶତମନ୍ୟୁକୁ ଆଶୀର୍ବାଦ କଲେ। ଶତମନ୍ୟୁ ଖୁସି ମନରେ ନିଜର ମୁଣ୍ଡଟିକୁ ବଳିବେଦୀରେ ଗୁଞ୍ଜିଦେଲା। ଧାରୁଆ ଖଡ଼୍ଗ ଧରି ଘାତକ ପ୍ରସ୍ତୁତ ହୋଇଗଲା।

ଠିକ୍ ଏହି ସମୟରେ ଏକ ଅଦ୍ଭୁତ ଘଟଣା ଘଟିଲା। ସାଧୁ ସାଧୁ ଶବ୍ଦ ଶୁଣାଗଲା ଏବଂ ଆକାଶରୁ ପାରିଜାତ ପୁଷ୍ପ ବୃଷ୍ଟି ହେବାକୁ ଲାଗିଲା। ସମସ୍ତଙ୍କୁ ଚକିତ କରି ସ୍ୱୟଂ ଇନ୍ଦ୍ରଦେବ ପ୍ରକଟିତ ହେଲେ। ସେ ବାଳକ ଶତମନ୍ୟୁକୁ କୋଳେଇ ନେଇ କହିଲେ – "ହେ ବାଳକ, ମୁଁ ତୁମର ଅଦ୍ଭୁତ ତ୍ୟାଗ ଦେଖି ଅତ୍ୟନ୍ତ ପ୍ରସନ୍ନ। ଏହି ରାଜ୍ୟର ଲୋକମାନେ ସଂଯମତା ହରାଇ ଅନ୍ୟାୟ ଓ ଅନୀତି କାର୍ଯ୍ୟ କରୁଥିଲେ। ତେଣୁ ସେମାନଙ୍କୁ ଦଣ୍ଡ ଦେବା ଉଦ୍ଦେଶ୍ୟରେ ମୁଁ ବର୍ଷାକୁ ରୋକି ଦେଇଥିଲି। କିନ୍ତୁ ତୁମପରି ନିଃସ୍ୱାର୍ଥପର ଓ ତ୍ୟାଗୀ ବାଳକ ଏ ମାଟିରେ ଜନ୍ମ ନେଇଥିବାରୁ ମୁଁ ବହୁତ ଖୁସି। ଏବେ ରାଜ୍ୟରେ ବର୍ଷାହେବ।" ଶତମନ୍ୟୁକୁ ଆଶୀର୍ବାଦ କରି ଇନ୍ଦ୍ର ଅନ୍ତର୍ଦ୍ଧାନ ହୋଇଗଲେ। ଋହୁଁ ଋହୁଁ ଆକାଶରେ ମେଘ ଘୋଟି ଆସିଲା। ବର୍ଷା ଆରମ୍ଭ ହୋଇଗଲା। ରାଜ୍ୟବାସୀ ପୂର୍ବପରି ଋଷବାସ କଲେ। ଜଳକଷ୍ଟ ଦୂର ହେଲା। ଜଣେ ବାଳକର ତ୍ୟାଗ ଯୋଗୁ ଏତେ ବଡ଼ ରାଜ୍ୟ ରକ୍ଷା ପାଇଗଲା। ଧନ୍ୟ ଶତମନ୍ୟୁ, ଧନ୍ୟ ତୁମର ତ୍ୟାଗ।

**ମଙ୍ଗଳାନଗର, ଲେନ୍ - ୧, ଖୋର୍ଦ୍ଧା**
**ମୋ - ୯୪୩୮୭୩୪୬୪୪**

# ମୁଢ଼ି ଖାଇବାର ମଜା

**ଡକ୍ଟର ବସନ୍ତ କିଶୋର ସାହୁ**

ଚାଉଳକୁ ପାଗି ପ୍ରଥମେ ଉବୁଜା କାମତକ ବୋଉ ସାରି
କାଠ ଚୁଲିପରେ ମାଟି ହାଣ୍ଡି ଥୋଇ ମୁଢ଼ି ଭାଜେ ମନ ଭରି ।
ମୁଢ଼ି ପରେ ପରେ ବାଦାମ ବି ଭାଜେ ଟକଳିଆ ପଣ ପାଇଁ
ସୋଲା ଓ ମଟର ବେଳେବେଳେ ଭାଜେ ପିଲାଙ୍କ ଖୁସିକୁ ଚାହିଁ ॥

ଗରମ ମୁଢ଼ିରେ ପିଆଜ ଓ ଲଙ୍କା ପଡଇ ସୋରିଷ ତେଲ
ତା ସାଥିକୁ ପୁଣି ଖୁରୁଡ଼ି ନଡିଆ ପାଗକୁ ଆହୁରି ଭଲ ।
ପଡିଥିବ ଯଦି ଧଣିଆ ପତର ତା ସାଥିକୁ ଲେମ୍ବୁ ରସ
ନ ଖାଇଲା ଲୋକ ହାତ ଚାଟି ଖାଏ ମୁହଁ ଥାଏ ହସହସ ॥

ସେ ମୁଢ଼ି ବାସନା ମୁସୁମୁସୁ ସ୍ୱାଦ ମେସିନ ଭଜାରେ କାହିଁ
ମାଟି ହାଣ୍ଡି ଭଜା ଥରେ ଯେ ଖାଇଛି ଝୁରୁଅଛି ଆଜି ଭାଇ ।
ମସଲାରେ ଗୋଳା ବାଲେଶ୍ୱର ମୁଢ଼ି ଖାଇବାକୁ ମଜା ଭାରି
ବାରିପଦା ମୁଢ଼ି ଆହୁରି ସୁଆଦ ମିଶେ ମାଂସ ତରକାରୀ ।
ଦେଶୀ ଖାଦ୍ୟ ଆଜି ହେଲାଣି ପୁରୁଣା ବର୍ଗରର ଆଜି ପାଳି
ତା ସାଥିରେ ମାଗି ପିଜା ମିଶିଯାଇଁ ମୁଢ଼ିକୁ ଦିଅନ୍ତି ଗାଳି ।

**ସାହିତ୍ୟିକ ଓ ଶିକ୍ଷାବିତ୍**
**କୁସୁପୁର-୭୫୪୨୦୫, ଭାୟା- ବାଲିଚନ୍ଦ୍ରପୁର, କଟକ**
**ମୋ : ୯୪୩୭୫୨୬୨୦୧**



ମୌନ ରହିବାଟା ପଣ୍ଡିତଙ୍କ ସଦ୍‌ଗୁଣ ତଥା ମୂର୍ଖର ରକ୍ଷାକବଚ।


# ନାଦାଲ୍ ଏବେ ଟେନିସ ଜଗତର ଶୀର୍ଷରେ



**ଆଶିଷ କୁମାର ରାୟ**

୨୧ଟି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟର ସିଂଗଲ୍ସ ଟାଇଟେଲ୍ ଜିଣି ସ୍ପେନ୍ର ବିଶ୍ୱପ୍ରସିଦ୍ଧ ତାରକା ରାଫେଲ୍ ନାଦାଲ୍ ଏବେ ପହଞ୍ଚି ଯାଇଛନ୍ତି ଟେନିସ ଜଗତର ଶୀର୍ଷରେ। ଗତ ଜାନୁଆରୀ ୩୦ ତାରିଖ ଦିନ ମେଲବୋର୍ଣ୍ଣର ରଡ ଲେଭର୍ ଷ୍ଟାଡିୟମରେ ଆୟୋଜିତ ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ନାଦାଲ୍ ହାସଲ କରିଛନ୍ତି ନିଜ ଜୀବନର ଏହି ୨୧ତମ ଗ୍ରାଣ୍ଡସ୍ଲାମ୍ ସିଂଗଲ୍ସ ଟାଇଟେଲ୍। ଏଥିପାଇଁ କିନ୍ତୁ ତାଙ୍କୁ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼ିଛି। ରୁଷିଆର ଡାନିଲ୍ ମେଡ୍ଭେଡେଭ୍ଙ୍କ ସହିତ ନାଦାଲଙ୍କର ଏହି ମୁକାବିଲା ସନ୍ଧ୍ୟାରୁ ଆରମ୍ଭ ହୋଇ ଅଧା ରାତି ପର୍ଯ୍ୟନ୍ତ ଚାଲିଥିଲା ଏବଂ ପାଞ୍ଚ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଖେଳାଯାଇଥିବା ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ତଥା ଚିତ୍ତାକର୍ଷକ ମୁକାବିଲାରେ ନାଦାଲ୍ ନିଜର ଚମତ୍କାରିତା ପ୍ରଦର୍ଶନ କରି ୨-୬, ୬-୭, ୬-୪, ୬-୪, ୭-୫ ରେ ବାଜି ମାରି ନେଇଥିଲେ। ଗତ ବର୍ଷ ୟୁ.ଏସ. ଓପନ୍ ଚାମ୍ପିଆନ ହୋଇଥିବା ଡାନିଲ୍ ମେଡ୍ଭେଡେଭ୍ ପ୍ରଥମ ଦୁଇଟି ସେଟ୍ ଜିତି ନିଜର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ବିଜୟ ଦିଗକୁ ଅଗ୍ରସର ହେଉଥିବା ବେଳେ ନାଦାଲ୍ କିନ୍ତୁ ନିଜର ଲୟ ଫେରିପାଇ ବାକି ତିନିଟି ସେଟ୍ ସହିତ ମ୍ୟାଚ ଜିତିନେଲେ।

୨୦୨୨ର ଅଷ୍ଟ୍ରେଲିଆନ୍ ଓପନ୍ ପୂର୍ବରୁ ବିଶ୍ୱର ତିନିଜଣ ଅଗ୍ରଣୀ ଟେନିସ୍ ତାରକା ୨୦ଟି ଲେଖାଏଁ ଗ୍ରାଣ୍ଡସ୍ଲାମ୍ ସିଂଗଲ୍ସ ଟାଇଟେଲ୍ ସହିତ ମିଳିତ ଭାବେ ଶୀର୍ଷ ସ୍ଥାନରେ ଥିଲେ। ଏହି ତିନିଜଣ ତାରକା ହେଲେ ସ୍ୱିଜରାଲଣ୍ଡର ରୋଜର୍ ଫେଡେରର୍, ସର୍ବିୟାର ନୋଭାକ୍ ଡ୍ୟୋକୋଭିଚ୍ ଏବଂ ସ୍ପେନ୍ର ରାଫାଏଲ୍ ନାଦାଲ୍। ୨୦୧୮ର ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଆନ ହୋଇ ରୋଜର୍ ଫେଡେରର୍ ବିଶ୍ୱର ପ୍ରଥମ ପୁରୁଷ ଟେନିସ୍ ଖେଳାଳି ଭାବେ ୨୦ଟି ଗ୍ରାଣ୍ଡସ୍ଲାମ୍ ଶିରପା ହାସଲ କରିଥିଲେ। ଏହାପରେ ୨୦୨୦ରେ ରାଫାଏଲ୍ ନାଦାଲ୍ ଫ୍ରେଞ୍ଚ ଓପନ୍ ଚାମ୍ପିଆନ ହେବା ସହିତ ନିଜର ବିଂଶତମ ଗ୍ରାଣ୍ଡସ୍ଲାମ୍ ଟାଇଟେଲ୍ ଜିତି ଫେଡେରର୍ଙ୍କ ସମକକ୍ଷ ହେଲେ। ଫେଡେରର୍ ଓ ନାଦାଲ୍ ୨୦ଟି ଲେଖାଏଁ ଶିରପା ହାସଲ କରିବା ସମୟରେ ନୋଭାକ୍ ଡ୍ୟୋକୋଭିଚ୍ ୧୭ଟି ଗ୍ରାଣ୍ଡସ୍ଲାମ୍ ଟାଇଟେଲ୍ ଜିତି ଦୁହିଁଙ୍କ ପଛରେ ଥିଲେ। ତେବେ ୨୦୨୧ରେ ଡ୍ୟୋକୋଭିଚ୍ ଅଷ୍ଟ୍ରେଲିଆନ୍, ଫ୍ରେଞ୍ଚଏବଂ ୱିମ୍ବଲଡନ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଆନ ହେବା ଦ୍ୱାରା ତାଙ୍କର ଗ୍ରାଣ୍ଡସ୍ଲାମ୍ ଟାଇଟେଲ୍ ସଂଖ୍ୟା ମଧ୍ୟ ୨୦ ହୋଇଗଲା।



ସୁତରାଂ କିଏ ପ୍ରଥମେ ୨୧ତମ ଶିରପା ହାସଲ କରିବେ ତାହା ଥିଲା ଏକ ବଡ଼ ଆହ୍ୱାନ। କ୍ରୀଡ଼ାପ୍ରେମୀ ଓ ଟେନିସ ବିଶେଷଜ୍ଞମାନେ ମଧ୍ୟ ଏହାକୁ ଉତ୍ସୁକତାର ସହିତ ଚାହିଁ ରହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରତିବର୍ଷ ଆୟୋଜିତ ହେଉଥିବା ଅଷ୍ଟ୍ରେଲିଆନ୍ ଓପନ୍, ଫ୍ରେଞ୍ଚ ଓପନ୍, ୱିମ୍ବଲଡନ୍ ଓ ୟୁ.ଏସ. ଓପନ୍ ଏହି ଚାରିଟି ମୁଖ୍ୟ ଟେନିସ୍ ପ୍ରତିଯୋଗିତାକୁ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ଆଖ୍ୟା ଦିଆଯାଇଛି। ୨୦୧୮ରେ ନିଜର ୨୦ତମ ଗ୍ରାଣ୍ଡସ୍ଲାମ ଟାଇଟେଲ୍ ଜିଣିବା ପରେ ରୋଜର ଫେଡେରର୍ ୨୦୧୯ର ୱିମ୍ବଲଡନ୍ ଫାଇନାଲରେ ପହଞ୍ଚିଥିଲେ, କିନ୍ତୁ ନୋଭାକ୍ ଡ୍ୟୋକୋଭିଚ୍‌ଙ୍କ ଠାରୁ ହାରିଯିବା ଯୋଗୁଁ ୨୧ତମ ଟାଇଟେଲ୍‌ରୁ ବଞ୍ଚିତ ରହିଗଲେ। ସେହିଭଳି ଡ୍ୟୋକୋଭିଚ୍ ୨୦୨୧ର ୱିମ୍ବଲଡନ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇ ନିଜର ୨୦ତମ ଟାଇଟେଲ୍ ହାସଲ କରିବା ପରେ ୟୁ.ଏସ. ଓପନ୍‌ର ଫାଇନାଲକୁ ଉନ୍ନୀତ ହୋଇଥିଲେ ହେଁ ଡାନିଲ୍ ମେଡ୍‌ଭେଡେଭ୍‌ଙ୍କ ହାତରୁ ପରାଭବ ଲଭିଲେ। ଆଉ ବର୍ଷ ୨୦୨୨ର ପ୍ରଥମ ଗ୍ରାଣ୍ଡସ୍ଲାମ୍ ପ୍ରତିଯୋଗିତା ଅଷ୍ଟ୍ରେଲିଆନ୍ ଓପନ୍‌ରେ ଡ୍ୟୋକୋଭିଚ୍ ଖେଳିପାରିଲେ ନାହିଁ। କୋଭିଡ୍ ଟିକା ନେଇନଥିବାରୁ ଅଷ୍ଟ୍ରେଲିଆ ସରକାର ତାଙ୍କ ଭିସା ବାତିଲ କରିଦେବାରୁ ସେ ନିଜ ଦେଶକୁ ଫେରିଗଲେ।

ଅଷ୍ଟ୍ରେଲିଆନ୍ ଓପନ୍‌ରେ ସର୍ବାଧିକ ନଅଥର ଚାମ୍ପିଆନ ହୋଇଥିବା ଡ୍ୟୋକୋଭିଚ୍ ଏଥର ନ ଖେଳିବା ରାଫେଲ୍ ନାଦାଲ୍‌ଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଦେଲା। କ୍ୱାର୍ଟର ଫାଇନାଲରେ କାନାଡ଼ାର ଡେନିସ୍ ସାପୋଭାଲୋଭ୍ ଏବଂ ସେମି ଫାଇନାଲରେ ମାଟିଓ ବେରେଟିନିଙ୍କ ବିରୁଦ୍ଧରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରି ସେ ପହଞ୍ଚିଲେ ଫାଇନାଲରେ। ଫାଇନାଲରେ ତାଙ୍କର ମୁକାବିଲା ଥିଲା ବିଶ୍ୱର ଦୁଇ ନମ୍ବର ତାରକା ଡାନିଲ୍ ମେଡ୍‌ଭେଡେଭ୍‌ଙ୍କ ସହିତ। ମେଡ୍‌ଭେଡେଭ୍ ହେଉଛନ୍ତି ସେହି ଖେଳାଳି, ଯିଏକି ଗତ ୟୁ.ଏସ. ଓପନ୍‌ର ଫାଇନାଲରେ ନୋଭାକ୍ ଡ୍ୟୋକୋଭିଚ୍‌ଙ୍କୁ ପରାସ୍ତ କରି ତାଙ୍କର ୨୧ତମ ଗ୍ରାଣ୍ଡସ୍ଲାମ୍ ବିଜୟର ସ୍ୱପ୍ନକୁ ଚୂରମାର କରିଦେଇଥିଲେ। ଏଥର ଅଷ୍ଟ୍ରେଲିଆନ୍ ଓପନ୍‌ରେ ମଧ୍ୟ ସେ ପ୍ରଥମ ଦୁଇଟି ସେଟ୍ ଜିତି ନାଦାଲ୍‌ଙ୍କୁ ସ୍ୱପ୍ନ ଧୂଳିସାତ କରିବା ଦିଗରେ ଅଗ୍ରସର ହେଉଥିଲେ। ହେଲେ ରାଫେଲ୍ ନାଦାଲ୍ କିନ୍ତୁ ତାହା କରାଇ ଦେଲେନାହିଁ। ପରବର୍ତ୍ତୀ ତିନିଟି ସେଟ୍ ଜିତି ନିଜର ଦ୍ୱିତୀୟ ଅଷ୍ଟ୍ରେଲିଆନ୍ ଟ୍ରଫି ସହିତ ୨୧ତମ ଗ୍ରାଣ୍ଡସ୍ଲାମ୍ ଶିରପା ହାସଲ କରିନେଲେ। ଏଥିପାଇଁ ୩୫ ବର୍ଷୀୟ ନାଦାଲ୍‌ଙ୍କର ଯେତେ ପ୍ରଶଂସା କରାଯିବ ତାହା କମ ରହିବ। ଗତବର୍ଷ ଆଘାତପ୍ରାପ୍ତ ହୋଇ କିଛିମାସ ଖେଳରୁ ଦୂରେଇ ରହିବା ପରେ ପ୍ରତ୍ୟାବର୍ତ୍ତନ କରି ନିଜଠାରୁ ବୟସରେ ୧୦ବର୍ଷ ସାନ ତଥା ଅଧିକ ସକ୍ଷମ ଡାନିଲ୍‌ଙ୍କୁ ସେ ଯେଉଁଭଳି ଭାବେ ପରାସ୍ତ କଲେ ତାହା କ୍ରୀଡ଼ା ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ହୋଇ ରହିବ ନିଶ୍ଚୟ।

୩ ଜୁନ୍ ୧୯୮୬ରେ ସ୍ପେନ୍‌ର ମାୟୋର୍କା ନିକଟସ୍ଥ ମାନାକୋର୍‌ରେ ଜନ୍ମଗ୍ରହଣ କରିଥିବା ରାଫେଲ୍ ନାଦାଲ୍ ସମସ୍ତ ପ୍ରକାରର ଟେନିସ୍ କୋର୍ଟରେ ପାରଦର୍ଶିତା ହାସଲ କରିଥିଲେ ହେଁ ତାଙ୍କୁ କ୍ଲେ କୋର୍ଟର ରାଜା କୁହାଯାଏ। ଲାଲ୍ ବଜୁରିରେ ନିର୍ମିତ ମାଟିର କୋର୍ଟରେ ତାଙ୍କର ସମକକ୍ଷ କେହିବି ନୁହନ୍ତି। ସେଇଥିପାଇଁ ନିଜର ୨୧ଟି ଗ୍ରାଣ୍ଡସ୍ଲାମ୍ ଟାଇଟେଲ୍ ମଧ୍ୟରୁ ଲାଲ୍ ରଙ୍ଗର କ୍ଲେ କୋର୍ଟରେ ଖେଳାଯାଉଥିବା ଫ୍ରେଞ୍ଚ ଓପନ୍‌ରେ ସେ ହାସଲ କରିଛନ୍ତି ୧୩ଟି ଟାଇଟେଲ୍। କୌଣସି ଗୋଟିଏ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟରେ ଏତେଥର ବିଜୟୀ ହେବା ଅନ୍ୟ କୌଣସି ଖେଳାଳିଙ୍କ ପକ୍ଷେ ନିଶ୍ଚିତ ଭାବେ ଏକ ଅସମ୍ଭବ ବ୍ୟାପାର। ଏହି ଫ୍ରେଞ୍ଚ ଓପନ୍‌ରୁ ହିଁ ନାଦାଲ୍‌ଙ୍କ ଜୟଯାତ୍ରା ଆରମ୍ଭ ହୋଇଥିଲା ୨୦୦୫ ମସିହାରୁ। ନିଜର ପ୍ରଥମ ପ୍ରୟାସରେ ହିଁ ସେ ଏଥିରେ ଚାମ୍ପିଆନ ହୋଇଥିଲେ। କେବଳ ସେତିକି ନୁହେଁ, ୨୦୦୫ରୁ ୨୦୧୪ ପର୍ଯ୍ୟନ୍ତ ୧୦ବର୍ଷ ମଧ୍ୟରେ ନାଦାଲ୍ ଜିଣିଥିଲେ ନଅଟି ଫ୍ରେଞ୍ଚ ଓପନ୍ ଟାଇଟେଲ୍। କେବଳ ୨୦୦୯ରେ ଫ୍ରେଞ୍ଚ ଓପନ୍ ଜିତିବାର ସୌଭାଗ୍ୟ ମିଳିଥିଲା ଫେଡେରର୍‌ଙ୍କୁ। ପୁନର୍ବାର ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ କ୍ରମାଗତ ଚାରିବର୍ଷ ଫ୍ରେଞ୍ଚ ଓପନ୍ ବିଜୟୀ ହେବା ଫଳରେ ଏହି ଟୁର୍ଣ୍ଣାମେଣ୍ଟର ତାଙ୍କର ଟାଇଟେଲ୍ ସଂଖ୍ୟା ୧୩ ହୋଇଗଲା।

ଫ୍ରେଞ୍ଚ ଓପନ୍ ବ୍ୟତୀତ ରାଫେଲ୍ ନାଦାଲ୍ ଘାସ କୋର୍ଟରେ ଖେଳାଯାଉଥିବା ୱିମ୍ବଲଡନ୍‌ରେ ଦୁଇଥର (୨୦୦୮ ଓ ୨୦୧୦), ହାର୍ଡ କୋର୍ଟରେ ଆୟୋଜିତ ହେଉଥିବା ୟୁ.ଏସ. ଓପନ୍‌ରେ ଚାରିଥର (୨୦୧୦, ୨୦୧୩, ୨୦୧୭ ଓ ୨୦୧୯) ତଥା ଅଷ୍ଟ୍ରେଲିଆନ୍ ଓପନ୍‌ରେ ଦୁଇଥର (୨୦୦୯ ଓ ୨୦୨୨) ସିଂଗଲ୍ସ ଚାମ୍ପିଆନ ହେବାର ଗୌରବ ହାସଲ କରିଛନ୍ତି। ସେହିଭଳି ଦଳଗତ ପ୍ରତିଯୋଗିତା ଡେଭିସ୍ କପ୍‌ରେ ସ୍ପେନ୍‌କୁ ପାଞ୍ଚଥର ଚାମ୍ପିଆନ କରାଇବା ଦିଗରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହିତ ଅନ୍ୟାନ୍ୟ ପ୍ରତିଯୋଗିତାରେ ମଧ୍ୟ ବିଜୟୀ ହୋଇଛନ୍ତି। ଏତଦ୍‌ବ୍ୟତୀତ ରାଫେଲ୍ ନାଦାଲ୍ ୨୦୦୮ର ବେଜିଂ ଅଲିମ୍ପିକ୍‌ର ସିଂଗଲ୍ସ ବିଭାଗର ସ୍ୱର୍ଣ୍ଣ ଏବଂ ୨୦୧୬ର ରିଓ ଅଲିମ୍ପିକ୍‌ର ଡବଲ୍ସ ବିଭାଗର ସ୍ୱର୍ଣ୍ଣ ପଦକ ଜିଣିବାର କୃତିତ୍ୱ ହାସଲ କରିଛନ୍ତି। ଆଉ ଏବେ ମଧ୍ୟ ସେ ଟେନିସ ଜଗତରେ ସକ୍ରିୟ ରହିବା ସହିତ ଫିଟ୍ ଥିବା ଦୃଷ୍ଟିରୁ ନିକଟ ଭବିଷ୍ୟତରେ ତାଙ୍କଠାରୁ ଆହୁରି ଅଧିକ ସଫଳତା ଆଶା କରାଯାଏ। ବିଶେଷକରି ଆସନ୍ତା ମେ-ଜୁନ୍ ମାସରେ ଆୟୋଜିତ ହେବାକୁ ଥିବା ନିଜର ଅତି ପ୍ରିୟ ଫ୍ରେଞ୍ଚ ଓପନ୍‌ରେ ନାଦାଲ୍ ପୁନର୍ବାର ବିଜୟୀ ହେବାର ପ୍ରବଳ ସମ୍ଭାବନା ରହିଛି।

ମୋ- ୯୪୩୭୬୨୭୫୧୪

# ସମ୍ବାଦ ବିଚିତ୍ରା

୧. ଆନ୍ଧ୍ରପ୍ରଦେଶ ସରକାର ସୋମବାର ଦିନ ନିଜର କର୍ମଚାରୀଙ୍କ ଅବସର ବୟସକୁ ଦୁଇବର୍ଷ ବୃଦ୍ଧିକରି ୬୨ ବର୍ଷ କରିଛନ୍ତି ।

୨. ରାମହାତି ନାଡ଼ାଲ ବିଶ୍ୱରେ ସର୍ବାଧିକ ୨୧ତମ ଗ୍ରାଣ୍ଡସ୍ଲାମ୍ ପୁରୁଷ ଏକକ ବା ସିଙ୍ଗଲ୍‌ସ ଟାଇଟଲ ଜିତିଛନ୍ତି ।

୩. ଶ୍ୱେତପର୍ଣ୍ଣା ପଣ୍ଡା ପ୍ରଥମ ଓଡ଼ିଆ ମହିଳା ବ୍ୟାଡ଼ମିଣ୍ଟନ ଖେଳାଳୀ ଭାବେ ବିଡ଼ବ୍ଲୁଏଫ୍ ଆନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ସେମିଫାଇନାଲରେ ପହଞ୍ଚିଛନ୍ତି ।

୪. ଆଇ.ଏ.ଏସ୍. ଅଧିକାରୀ ମୁକ୍ତା ଆର୍ଯ୍ୟଙ୍କୁ ନିର୍ବାଚନ ଆୟୋଗ ସମ୍ମାନିତ କରିଛନ୍ତି । ସେ ନିଜର ପିତାଙ୍କ ପରଲୋକ ହେବାର ପରବର୍ତ୍ତୀ ଦିନରେ ନିର୍ବାଚନ ଡ୍ୟୁଟିରେ ଯୋଗ ଦେଇଥିଲେ ।

୫. କରୋନାର ଉଭୟ ଟୀକା କୋଭାକ୍ସିନ ଓ କୋଭିସିଲ୍ଡର ଦର ନିର୍ଦ୍ଧାରିତ ହୋଇଛି । ଡ୍ରୋଜ ପିଛା ଦର ୨୭୫ ଟଙ୍କା ହୋଇଥିବାବେଳେ ଶୁଳ୍କ ବାବଦରେ ୧୫୦ ଟଙ୍କା ଅଧିକ ଦେବାକୁ ପଡ଼ିବ ।

୬. ଆନ୍ଧ୍ରପ୍ରଦେଶ ସରକାର ରାଜ୍ୟରେ ଆଉ ୧୩ଟି ନୂତନ ଜିଲ୍ଲା ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ମୋଟ ଜିଲ୍ଲା ସଂଖ୍ୟା ୨୪ କରିବାକୁ ବୁଧବାର ଦିନ ଏକ ଚିଠା ବିଜ୍ଞପ୍ତି ଜାରି କରିଛନ୍ତି ।

୭. ସେନାର ଛଅ ଯବାବଙ୍କୁ ଶୌର୍ଯ୍ୟ ଚକ୍ରରେ ସମ୍ମାନିତ କରାଯାଇଛି । ଶୌର୍ଯ୍ୟ ଚକ୍ର ସମ୍ମାନିତ ହେବାକୁ ଥିବା ୬ଜଣ ଯବାନଙ୍କ ମଧ୍ୟରୁ ୫ଜଣଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଛି ।

୮. ଚଳିତ ବର୍ଷ ମୋଟ ୪ ଜଣଙ୍କୁ ପଦ୍ମ ବିଭୂଷଣ, ୧୭ ଜଣଙ୍କୁ ପଦ୍ମଭୂଷଣ ଓ ୧୦୭ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ । ପଦ୍ମ ପୁରସ୍କାର ପ୍ରତିବର୍ଷ ଗଣତନ୍ତ୍ର ଦିବସ ପୂର୍ବ ସଂଧ୍ୟାରେ ଘୋଷଣା କରାଯାଇଥାଏ ।

୯. ଓଡ଼ିଶାର ୨୨ ଜଣ ପାଇବେ ପୋଲିସ ପଦକ । ଉଲ୍ଲେଖନୀୟ ସେବାପାଇଁ ୨ଜଣଙ୍କୁ ରାଷ୍ଟ୍ରପତି ପୋଲିସ ପଦକ ମିଳିବ ।

୧୦. ନେତାଜୀଙ୍କ ୧୨୫ ତମ ଜୟନ୍ତୀରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍‌ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ହୋଲୋଗ୍ରାମ୍ ପ୍ରତିମା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉନ୍ମୋଚନ କରିଛନ୍ତି ।

୧୧. ନେତାଜୀ ରିସର୍ଚ୍ଚ ବ୍ୟୁରୋ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କୁ ନେତାଜୀ ପୁରସ୍କାର ୨୦୨୨ ରେ ସମ୍ମାନିତ କରିଛନ୍ତି ।

୧୨. ଜାତୀୟ ଯୁଦ୍ଧ ସ୍ମାରକୀରେ ଜଳୁଥିବା ଦୀପ ସହ ଅମର ଯବାନ ଜ୍ୟୋତିକୁ ମିଶାଇ ଦିଆଯାଇଛି ।

୧୩. ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ସବୁଠୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ବୋଲି "ଇଣ୍ଡିଆ ଟୁଡ଼େ" ପତ୍ରିକାଦ୍ୱାରା ହୋଇଥିବା "ମୁଡ୍ ଅଫ୍ ଦି ନେସନ୍ - ୨୦୨୨" ସର୍ଭେରୁ ଜଣାପଡ଼ିଛି ।

୧୪. ସମସ୍ତ ସରକାରୀ ଅଧିକାରୀଙ୍କୁ ଗୋପନୀୟ ସୂଚନା ବାଣ୍ଟିବାପାଇଁ ହ୍ୱାଟସ୍‌ଆପ, ଟେଲିଗ୍ରାମ୍‌ଭଳି ଆପ୍ ବ୍ୟବହାର କରିବାକୁ ବାରଣ କରାଯାଇଛି ।

୧୫. ଓଡ଼ିଶାର ଶତାୟୁ ସ୍ୱାଧିନତା ସଂଗ୍ରାମୀ ଜିତେନ୍ଦ୍ର ପ୍ରଧାନଙ୍କ ଦେହାନ୍ତ ହୋଇଛି । ସେ ୧୦୨ ବର୍ଷରେ ପ୍ରାଣତ୍ୟାଗ କରିଛନ୍ତି ।

୧୬. ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ପ୍ରିୟ ସୁନ୍ଦର ମିଶ୍ରଙ୍କ ୬୯ ବର୍ଷ ବୟସରେ ପରଲୋକ ହୋଇଛି ।

୧୭. ଆମେରିକାର ଡାଟା କନସଲଟେନ୍ସି ଫାର୍ମା ପ୍ରକାଶ କରିଥିବା ଏହି ସୂଚୀରେ ସବୁ ବିଶ୍ୱନେତାଙ୍କୁ ପଛରେ ପକାଇ ଲୋକପ୍ରିୟତାର ଶୀର୍ଷରେ ମୋଦୀ ।

୧୮. ଚୀନ୍ ଦେଶ ପୃଥିବୀରେ କୃତ୍ରିମ ସୂର୍ଯ୍ୟ ନିର୍ମାଣ କରିବା ପରେ ଏବେ କୃତ୍ରିମ ଚନ୍ଦ୍ର ନିର୍ମାଣ କରିଛି ।

୧୯. ହ୍ୱିଲ୍ ଚେୟାରରେ ୨୪ ଘଣ୍ଟାରେ ସର୍ବାଧିକ ଦୂରତା ଅତିକ୍ରମ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ଼ ରେକର୍ଡ଼ରେ ସ୍ଥାନ ପାଇଲେ ପୁରୀ ପୁଅ କମଳାକାନ୍ତ ।

୨୦. ୧୯୦୨ ପରଠାରୁ ୨୦୨୧ ବର୍ଷ ଦେଶର ପଞ୍ଚମ ଉତ୍ତପ୍ତ ବର୍ଷ ରହିଥିଲା ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇ.ଏମ୍.ଡି) ପକ୍ଷରୁ ଜାରି କରାଯାଇଥିବା '୨୦୨୧ ରେ ଭାରତର ଜଳବାୟୁ' ସମ୍ପର୍କିତ ରିପୋର୍ଟରେ କୁହାଯାଇଛି ।

୨୧. ପ୍ରତିବର୍ଷ ଜାନୁୟାରୀ ୧୬ ତାରିଖ ଦିନଟିକୁ ଜାତୀୟ ଷ୍ଟାର୍ଟ ଅପ୍ ଦିବସ ଭାବେ ପାଳନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି ।

୨୨. ପଣ୍ଡିତ ମୁନ୍ନା ଶୁକ୍ଳା କଥକ ନୃତ୍ୟଶିଳ୍ପୀଙ୍କର ଅସୁସ୍ଥତା ପରେ ଜାନୁଆରୀ ୧୨ ରେ ତାଙ୍କ ଦିଲ୍ଲୀ ବାସସ୍ଥାନରେ ଦେହାନ୍ତ ହୋଇଥିଲା । ସେ ୭୮ ବର୍ଷର ହୋଇଥିଲେ ।

୨୩. ପ୍ରକାଶିତ ଇଣ୍ଡିଆ ଷ୍ଟେଟ୍ ଫରେଷ୍ଟ ରିପୋର୍ଟ (ଆଇ.ଏସ୍.ଏଫ୍.ଆର) ୨୦୧୨ ଦର୍ଶାଇଛି ଯେ ଗତ ଦୁଇବର୍ଷ ମଧ୍ୟରେ ଦେଶର ଜଙ୍ଗଲ ଓ ବୃକ୍ଷର ଆବରଣ ୨,୨୬୧ ବର୍ଗ କିଲୋମିଟର ବୃଦ୍ଧିପାଇଛି ।

୨୪. ଓଡ଼ିଆ ଏବଂ କୋଶଳୀ ଭାଷାର ବିଶିଷ୍ଟ ସାହିତ୍ୟିକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମଙ୍ଗଲୁ ଚରଣଙ୍କ ଦେହାନ୍ତ ହୋଇଛି । ମଙ୍ଗଲୁ ଚରଣଙ୍କ ରଚିତ ନାଟକ "ଭୂଖା" ଚଳଚ୍ଚିତ୍ରରେ ରୂପାନ୍ତରିତ ହୋଇ ଆନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲା ।

୨୫. ଚିକିତ୍ସା ବିଜ୍ଞାନରେ ଏକ ବିରଳ ସଫଳତା ଆମେରିକାର ଡାକ୍ତରମାନଙ୍କୁ ମିଳିଛି । ମେଡ଼ିକାଲ ଇତିହାସରେ ପ୍ରଥମଥରପାଇଁ ମେରିଲାଣ୍ଡର ଏକ ହସ୍ପିଟାଲରେ ସୋମବାର ଡାକ୍ତରମାନେ ଜଣେ ମଣିଷ ଶରୀରରେ ଘୁଷୁରି ହୃତପିଣ୍ଡ ପ୍ରତିରୋପଣ କରି ଏହି ସଫଳତା ପାଇଛନ୍ତି ।

୨୬. ଓଡ଼ିଶାର ଚାକିରି ବୟସ ସୀମା ୩୨ ରୁ ୩୮ ବର୍ଷକୁ ବୃଦ୍ଧି କରିଛି ରାଜ୍ୟ କ୍ୟାବିନେଟ । ଏସ୍.ସି. - ଏସ୍.ଟି ଓ ପଛୁଆ ବର୍ଗର ପ୍ରାର୍ଥୀଙ୍କ ବୟସ ସୀମା ୫ବର୍ଷ କୋହଳ । ମହିଳା ଓ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ପାଇଁ ମଧ୍ୟ ୫ବର୍ଷ କୋହଳ । ୪୩ ବର୍ଷକୁ ବଢ଼ିଲା ସଂରକ୍ଷିତ ବର୍ଗଙ୍କ ଚାକିରି ବୟସ ସୀମା ।

୨୭. ରାଜସ୍ଥାନର କୋଟା ସହରରେ ନିର୍ମାଣ ହେଉଛି ଅମ୍ଳଜାନ ଉଦ୍ୟାନ "ଅକ୍ସିଜେନ୍" । ପ୍ରାୟ ୭୧ ଏକର ଜମିରେ ନିର୍ମାଣାଧୀନ ଏହି ଉଦ୍ୟାନ (ପାର୍କ) ବାବଦରେ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ ।

୨୮. ଦେଶର ୫ଟି ବୃହତ୍ ନଦୀକୁ ଏକତ୍ରୀକରଣ କରାଯିବ । ସେହିପରି ଗତିଶକ୍ତି ଯୋଜନା ମାଧ୍ୟମରେ ୧୦୦ଟି କାର୍ଗୋ କାରଖାନା ନିର୍ମାଣ କରାଯିବ । କେନ୍ଦ୍ର ସରକାର ୮ଟି ନୂତନ ମୁଦ୍ରା ଛପାଇବା ପାଇଁ ଯାଉଛନ୍ତି ।

୨୯. ୨୦୨୨ - ୨୩ ରେ ପ୍ରଧାନମନ୍ତ୍ରୀ ଇ - ବିଦ୍ୟା ଯୋଜନା ଅନ୍ତର୍ଗତରେ ଗୋଟିଏ କ୍ଲାସ୍ - ଗୋଟିଏ ଚ୍ୟାନେଲ ଯୋଜନା ଆରମ୍ଭ ହେବ । ଏହି ଯୋଜନା କ୍ରମରେ ୨ଶହ ଇ-ବିଦ୍ୟା ଟି.ଭି ଚ୍ୟାନେଲ ଆରମ୍ଭ ହେବ । ଏହି ଯୋଜନାର ଲାଭ ଉଠାଇ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀ ଅନଲାଇନ୍‌ରେ ପଢ଼ିପାରିବେ ।



ଲୋଭୀଲୋକଙ୍କୁ ଭଗବାନଙ୍କ ଶାସ୍ତି ଯେ, ସେ ନିଜର ସମ୍ପତ୍ତି ଭୋଗ କରିପାରେନାହିଁ ।

# ସାଧାରଣ ଜ୍ଞାନ

## (1) ABBREVIATION

| | | |
|---|---|---|
| 1. AIDS | - | Acquired Immuno Deficiency Syndrome |
| 2. BCG | - | Bacilus Calmette Guerin |
| 3. B.Pharma | - | Bachelor of Pharmacy |
| 4. DDT | - | Dicholoro Diphenyle Tri-Chloroethane |
| 5. DNA | - | Di-oxyribo Nucleic Acid |
| 6. ELISA | - | Enzyme Linked Immuno Sorbent Assay |
| 7. MBBS | - | Bachelor of Medicine and Bachelor of Surgery |
| 8. NMEP | - | National Malaria Eradication Programme |
| 9. RNA | - | Ribonucliec Acid |
| 10. WHO | - | World Health Organisation |

## (୨) ପୁସ୍ତକ ଓ ଲେଖକ

| | | |
|---|---|---|
| ୧. ଗୋ ମହାତ୍ମା | – | ଗୋପବନ୍ଧୁ ଦାସ |
| ୨. ଗାଁ ମଜଲିସ୍ | – | ଡ. ହରେକୃଷ୍ଣ ମହତାବ |
| ୩. ନରକିନ୍ନର୍ | – | ଶାନ୍ତନୁ କୁମାର ଆଚାର୍ଯ୍ୟ |
| ୪. ଅମୃତର ସନ୍ତାନ | – | ଗୋପୀନାଥ ମହାନ୍ତି |
| ୫. କା | – | କାହ୍ନୁଚରଣ ମହାନ୍ତି |

୬. Manohar Parrikar-Off the Record-Waman Subha Prabhu

୭. Race With Me - Andre De Grasse and Robert Budd

୮. The Commonwealth of Cricket - Vidhu Vinod Chopra and Abhijat Joshi

୯. Unscripted : Conversations on Life and Cinema - Ramachandra Guha

୧୦. Sabarimala Vijnaanakosham - K S Vijayanath

## (୩) ଦେହାନ୍ତ

| ନାମ | ପରିଚୟ | ବୟସ |
|---|---|---|
| ୧. ଲତା ମଙ୍ଗେସକର | ଭାରତ ରତ୍ନ କୋକିଳ କଣ୍ଠୀ | ୯୨ ବର୍ଷ |
| ୨. ମିହିର ଦାସ | କଳାକାର | ୬୩ ବର୍ଷ |
| ୩. ନାରାୟଣ ଦେବୀ ନାଥ | କାର୍ଟୁନିଷ୍ଟ | ୯୭ ବର୍ଷ |
| ୪. ଚରଣ ଜିତ୍ ସିଂ | ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ | ୯୨ବର୍ଷ |
| ୫. ପଣ୍ଡିତ ବିରଜୁ ମହାରାଜ | କଥକ ନୃତ୍ୟଗୁରୁ | ୮୩ ବର୍ଷ |
| ୬. ଶାନ୍ତି ଦେବୀ | ପଦ୍ମଶ୍ରୀ ପ୍ରାପ୍ତ | ୮୮ ବର୍ଷ |

## (୪) ପୁରସ୍କାର

| | | |
|---|---|---|
| ୧. ଡ. ପ୍ରତିଭା ରାୟ | - ପଦ୍ମଭୂଷଣ | - ସାହିତ୍ୟ ଏବଂ ଶିକ୍ଷା |
| ୨. ମହାରାଜ ଶ୍ରୀମଦ୍ ବାବା ବଳିଆ | - ପଦ୍ମଶ୍ରୀ | - ସମାଜସେବା |
| ୩. ଆଦିତ୍ୟ ପ୍ରସାଦ ଦାଶ | - ପଦ୍ମଶ୍ରୀ | - ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା |
| ୪. ଶ୍ୟାମାମଣୀ ଦେବୀ | - ପଦ୍ମଶ୍ରୀ | - କଳା |
| ୫. ନରସିଂହ ପ୍ରସାଦ ଗୁରୁ | - ପଦ୍ମଶ୍ରୀ | - ସାହିତ୍ୟ ଓ ଶିକ୍ଷା |
| ୬. ପ୍ରମୋଦ ଭଗତ | - ପଦ୍ମଶ୍ରୀ | - ଖେଳ |
| ୭. ବନିତା ଦାସ | - ବାଲ୍ ପୁରସ୍କାର | - କେନ୍ଦ୍ର ସରକାର |

## (୫) ରାଜ୍ୟ

| | |
|---|---|
| ୧. ରାଜ୍ୟର ନାମ | - ମହାରାଷ୍ଟ୍ର |
| ୨. ରାଜ୍ୟପାଳ | - ଭଗତସିଂ କୋସିୟାରୀ |
| ୩. ମୁଖ୍ୟମନ୍ତ୍ରୀ | - ଉଦ୍ଧବ ଠାକରେ |
| ୪. ଗଠନ | - ୧ ମେ ୧୯୬୦ |
| ୫. କ୍ଷେତ୍ରଫଳ | - ୩୦୭,୭୧୩ ବର୍ଗ କି.ମି |
| ୬. ରାଜଧାନୀ | - ମୁମ୍ବାଇ |
| ୭. ଲୋକସଭା ସଭ୍ୟ ସଂଖ୍ୟା | - ୪୮ |
| ୮. ରାଜ୍ୟସଭା ସଭ୍ୟ ସଂଖ୍ୟା | - ୧୯ |
| ୯. ବିଧାନ ସଭା ସଭ୍ୟସଂଖ୍ୟା | - ୨୮୮ |
| ୧୦.ବିଧାନ ପରିଷଦ | - ୭୮ |
| ୧୧.ମୁଖ୍ୟ ଭାଷା | - ମରାଠି |
| ୧୨.ଜନସଂଖ୍ୟା ସମୁଦାୟ | - ୧୧୨,୩୭୪,୩୩୩ (୨୦୧୧)<br>ପୁରୁଷ - ୫୮,୨୪୩,୦୫୬<br>ମହିଳା - ୫୪,୧୩୧,୨୭୭ |
| ୧୩.ଜନସଂଖ୍ୟା ବୃଦ୍ଧିହାର | - ୧୫.୯୯ % |
| ୧୪.ଜନସଂଖ୍ୟା ଘନତ୍ୱ | - ୩୬୫/ବର୍ଗ କି.ମି |
| ୧୫.ଶିଶୁ ଲିଙ୍ଗ ଅନୁପାତ | - ୮୮୩ ଝିଅ ୧୦୦୦ ପୁଅ |
| ୧୬. ଲିଙ୍ଗ ଅନୁପାତ | - ୯୪୬ ମହିଳା ୧୦୦୦ ପୁରୁଷରେ |
| ୧୭. ସାକ୍ଷରତା ହାର | - ୮୨,୫୧୨,୨୨୫ %<br>ପୁରୁଷ - ୮୯.୮୨%<br>ମହିଳା - ୭୫.୪୮% |
| ୧୮. ଜିଲ୍ଲା | - ୩୬ |
| ୧୯. ଗ୍ରାମ | - ୪୧,୦୯୫ |
| ୨୦.ସହର | - ୩୭୮ |
| ୨୧.ଜଙ୍ଗଲ ଜମି | - ୬୧,୯୩୯ବର୍ଗ କି.ମି. |
| ୨୨.ପର୍ଯ୍ୟଟନ ସ୍ଥଳୀ | - ଅଜନ୍ତା, ଇଲୋରା, କାନହାରି ଓ କାରଲା କେଭସ, ମହାବଳେଶ୍ୱର, ଜୱ୍ହାର, ଅମ୍ବୋଲି, ଚିକାଲଦରା, ନାସିକ, ସିରିଡ଼, ତୁଲଜାପୁର, ଗଣପତିପୁଲେ, ଭୀମଶଙ୍କର, ହରିହରେଶ୍ୱର |

## (୬) ନିଯୁକ୍ତି

| | |
|---|---|
| ୧. ଭି ଅନନ୍ତ ନାଗେଶ୍ୱରନ୍ | - ମୁଖ୍ୟ ଅର୍ଥନେତିକ ପରାମର୍ଶଦାତା |
| ୨. ଶାନ୍ତିଶ୍ରୀ ଧୂଲିପୁଡ଼ି ପଣ୍ଡିତ | - କୁଳପତି, ଜେ.ଏନ.ୟୁନିଭରସିଟି |
| ୩. ଦିନେଶ ପ୍ରସାଦ ସକଲାନି | - ନିର୍ଦ୍ଦେଶକ, ଏନ .ସି .ଆର. ଟି. |
| ୪. ଏସ ଜାଗଦେଶ କୁମାର | - ଅଧକ୍ଷ, ବିଶ୍ୱ ବିଦ୍ୟାଳୟ ଆୟୋଗ |
| ୫. ସେନାଲି ସିଂ | - କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସ୍ |
| ୬. ଏସ ସୋମନାଥ | - ମୁଖ୍ୟ, ଇସ୍ରୋ |

## (୭)ଯୋଜନା

| | |
|---|---|
| ୧.ରିଜର୍ଭ ବ୍ୟାଙ୍କ ରିଟେଲ ଡାଇରେକ୍ଟ ସ୍କିମ | - ୧୨ ନଭେମ୍ବର,୨୧ |
| ୨.ରିଜର୍ଭ ବ୍ୟାଙ୍କ ଇଣ୍ଟିଗ୍ରେଟେଡ୍ ଆମ୍ବୁସମ୍ୟାନ ସ୍କିମ | - ୧୨ ନଭେମ୍ବର,୨୧ |
| ୩.ଆୟୁଶମ୍ୟାନ କେପ ହେଲ୍ଥ କେୟାର ସ୍କିମ | - ୦୨ ନଭେମ୍ବର,୨୧ |
| ୪.ପିଏମ ଆତ୍ମନିର୍ଭର ସ୍ୱାସ୍ଥ୍ୟ ଭାରତ ଯୋଜନା | - ୨୫ ଅକ୍ଟୋବର,୨୧ |
| ୫.ଆୟୁଶମ୍ୟାନ ଭାରତ ଡିଜିଟାଲ ମିସନ | - ୨୭ ସେପ୍ଟେମ୍ବର,୨୧ |

## (୮) ଓଡ଼ିଶା

୧. ୨୦୨୨ - ୨୩ ଶିକ୍ଷାବର୍ଷରେ ୩୦ଟି ଆଦର୍ଶ ବିଦ୍ୟାଳୟରେ ବାଣିଜ୍ୟ ବିଷୟରେ କେତେଜଣ ଛାତ୍ରଛାତ୍ରୀ ପଢ଼ିବେ ?
(କ) ୫୦ (ଖ) ୬୦ (ଗ) ୭୦ (ଘ) ୮୦

୨. ଆଣ୍ଟୋନ୍ ୧୦୦ କୋଟି ଟଙ୍କାରେ ଯୁଦ୍ଧାସ୍ତ୍ର ଗୋପାଳପୁର ଠାରେ ନିର୍ମାଣ କରାଯିବ। ଗୋପାଳପୁର ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ ?
(କ) କଟକ (ଖ) ଗଞ୍ଜାମ (ଗ) କୋରାପୁଟ (ଘ) ବଲାଙ୍ଗୀର

୩. ୨୦୨୨ ରେ ଓଡ଼ିଶାର କେଉଁ ପଞ୍ଚାୟତ ନିର୍ବାଚନକୁ ନିର୍ବାଚନ କମିଶନ ଏକ ବର୍ଷ ପାଇଁ ବାତିଲ କରିଛନ୍ତି ?
(କ) ଢିଙ୍କିଆ (ଖ) ଓଡ଼ାସିଂହ
(ଗ) ବାଲିଚନ୍ଦ୍ରପୁର (ଘ) ବେଗୁନିଆ

୪. ସମ୍ମାନଜନକ ପଦ୍ମ ପୁରସ୍କାର ପାଇଁ ଚଳିତବର୍ଷ କେତେ ଜଣ ମନୋନୀତ ହୋଇଛନ୍ତି ?
(କ) ୪ (ଖ) ୫ (ଗ) ୬ (ଘ) ୭

୫. ଉଲ୍ଲେଖନୀୟ ସେବାପାଇଁ ଓଡ଼ିଶାର କେତେ ଜଣଙ୍କୁ ରାଷ୍ଟ୍ରପତି ପୋଲିସ ପଦକ ମିଳିଛି ?
(କ) ୨ (ଖ) ୨୨ (ଗ) ୨୩ (ଘ) ୨୪

୬. ଚଳିତବର୍ଷ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ପାଇଥିବା ଛାତ୍ରୀ ବନିତା ଦାସ ଓଡ଼ିଶାର କେଉଁ ଜିଲ୍ଲାର ଅଟନ୍ତି ?
(କ) ଗଞ୍ଜାମ (ଖ) ନବରଙ୍ଗପୁର
(ଗ) କଟକ (ଘ) ଯାଜପୁର

୭. ୨୦୨୧ ରାଜ୍ୟ ବିଧାନସଭା ନିର୍ବାଚନରେ ସାମଗ୍ରିକ ପାରଦର୍ଶିତା ପାଇଁ ଓଡ଼ିଶା ଆଇ.ଏ.ଏସ୍. ଅଫିସର ସତ୍ୟବ୍ରତ ସାହୁଙ୍କୁ ଜାତୀୟ ପୁରସ୍କାର ପାଇଁ ମନୋନୀତ କରିଛନ୍ତି। ସେ କେଉଁ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ?
(କ) ଓଡ଼ିଶା (ଖ) ତାମିଲନାଡୁ (ଗ) ଆନ୍ଧ୍ରପ୍ରଦେଶ (ଘ) ତେଲେଙ୍ଗାନା

୮. ମୁଡ୍ ଅଫ୍ ଦି ନେସନ୍ - ୨୦୨୨ ଅନୁସାରେ ଦେଶର ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ କିଏ ?
(କ) ଉଦ୍ଧବ ଠାକରେ (ଖ) ନବୀନ ପଟ୍ଟନାୟକ
(ଗ) ମମତା ବାନାର୍ଜୀ (ଘ) ଚନ୍ଦ୍ରଶେଖର ରାଓ

୯. ବ୍ଲୁମ୍ବର୍ଗ ୨୦୨୧ ଗ୍ଲୋବାଲ ମେୟର୍ ଚ୍ୟାଲେଞ୍ଜ ଆନ୍ତର୍ଜାତୀକ କାର୍ଯ୍ୟକ୍ରମରେ ବିଶ୍ୱର ୧୫ଟି ସହର ମଧ୍ୟରେ ଓଡ଼ିଶାର କେଉଁ ସହର ରହିଛି ?
(କ) କଟକ (ଖ) ଭୁବନେଶ୍ୱର (ଗ) ରାଉରକେଲା (ଘ) ବ୍ରହ୍ମପୁର

୧୦. ଫେବ୍ରୁଆରୀ ମାସର କେଉଁ ତାରଖରୁ ସ୍କୁଲ କଲେଜ ପାଠପଢ଼ା ଆରମ୍ଭ ହୋଇଛି ?
(କ) ୭ଫେବ୍ରୁଆରୀ (ଖ)୮ଫେବ୍ରୁଆରୀ
(ଗ) ୯ଫେବ୍ରୁଆରୀ (ଘ)୧୦ଫେବ୍ରୁଆରୀ

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ପରବର୍ତ୍ତୀ ସଂଖ୍ୟାଟି କେତେ ଲେଖ ? ୧, ୪, ୧୦, ୨୨, ୪୬, ?
(କ) ୬୪ (ଖ) ୮୬ (ଗ) ୯୪ (ଘ) ୧୨୨

୨. ପରବର୍ତ୍ତୀ ଅକ୍ଷରଟି ଲେଖ ? AI, BJ, CK, ?
(କ) DL (ଖ) DM (ଗ) GH (ଘ) LM

୩. ଇରାନ:ରିଆଲ୍::ଆମେରିକା:_________ ?
(କ) ଡଲାର (ଖ) ଲିରା (ଗ) ୟେନ୍ (ଘ) ଟାକା


୪. ସୀତା ଗୋଟିଏ ପୁଅକୁ ଦର୍ଶାଇ କହିଲା ଯେ, "ସେ ହେଉଛି ମୋ ମାମୁଁଙ୍କର ବାପାର ଝିଅର ପୁଅ।" ତେବେ ସେ ପୁଅଟି ସୀତାର କ'ଣ ହେବ ?
(କ) ପୁଅ (ଖ) ଭାଇ (ଗ) ଭଉଣୀ (ଘ) ମାମୁଁ

୫. ନିମ୍ନ ଲିଖିତ ଶବ୍ଦ ଗୁଡିକୁ ଇଂରାଜୀ ଅବିଧାନ ଅନୁଶାରେ ସଜାଇ ଲେଖିଲେ କେଉଁଟି ଠିକ୍ ହେବ ?
୧- Epitaxy , ୨- Episode ,
୩- Epigene , ୪- Epitome , ୫- Epilogue
(କ) ୧, ୨, ୩, ୪, ୫ (ଖ) ୩, ୨, ୫, ୪, ୧
(ଗ) ୩, ୫, ୨, ୧, ୪ (ଘ)୫, ୪, ୨, ୧, ୩

୬. ଖାଲି ସ୍ଥାନରେ ସଂଖ୍ୟାଟି ଲେଖ ?
(କ) ୬ (ଖ) ୭ (ଗ) ୮ (ଘ) ୯

| | | |
|---|---|---|
| ୩ | ୬ | ୮ |
| ୫ | ୮ | ୪ |
| ୪ | ୭ | |

୭. ନିମ୍ନଲିଖିତ ଚିତ୍ରରେ କେତୋଟି ସାମବନ୍ତରିକ ଚିତ୍ର ଅଛି ?



(କ) ୧୨ (ଖ) ୨୦
(ଗ) ୨୯ (ଘ) ୩୦

୮. 8.A, B, D,G, ?
(କ) M (ଖ) L (ଗ)K(ଘ) H

୯. ନିମ୍ନଲିଖିତ ମଧ୍ୟରୁ କେଉଁଟି ଅଧିବର୍ଷ ନୁହେଁ ?
(କ) ୭୦୦ (ଖ) ୮୦୦ (ଗ) ୧୨୦୦ (ଘ) ୨୦୦୦

୧୦. ଗୋଟିଏ ଦିନ ମଧ୍ୟରେ ଘଣ୍ଟା କଣ୍ଟା ଓ ମିନିଟ୍ କଣ୍ଟା ପରସ୍ପର ସହିତ କେତେଥର ୯୦° କୋଣ ଅଙ୍କନ କରି ରହିବେ ?
(କ) ୨୨ (ଖ) ୨୪ (ଗ) ୪୪ (ଘ) ୪୮

**ଉତ୍ତର**

୧.(ଘ) ୮୦, ୨.(ଖ) ଗଞ୍ଜାମ , ୩.(କ) ଢିଙ୍କିଆ, ୪.(ଗ) ୬, ୫.(କ) ୨, ୬.(ଖ) ନବରଙ୍ଗପୁର, ୭.(ଖ) ତାମିଲନାଡୁ, ୮.(ଖ) ନବୀନ ପଟ୍ଟନାୟକ, ୯.(ଗ) ରାଉରକେଲା, ୧୦.(କ) ୭ଫେବ୍ରୁଆରୀ

୧.(ଗ) ୯୪, ୨.(କ) **DL** , ୩.(କ) ଡଲାର, ୪.(ଖ) ଭାଇ, ୫.(ଗ) ୩, ୫, ୨, ୧, ୪, ୬.(କ) ୬, ୭.(ଘ) ୩୦, ୮.(ଗ)**K**, ୯.(କ) ୭୦୦, ୧୦.(ଗ) ୪୪



ସବୁକଥାରେ ଅତି ମାତ୍ରାଟା ଖରାପ - କିନ୍ତୁ ଶୁଦ୍ଧ ଜ୍ଞାନପ୍ରତି ଏହି ନିୟମ ଲାଗୁ ହୁଏନାହିଁ।

## (୧୦) ଇତିହାସ

୧. ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟିର ପ୍ରଥମ ସଭାପତି କିଏ ଥିଲେ ?
(କ) ଗୋପବନ୍ଧୁ ଦାଶ (ଖ) ବିଶ୍ୱନାଥ ଦାଶ
(ଗ) ମଧୁସୂଦନ ଦାସ (ଘ) ହରେକୃଷ୍ଣ ମହତାବ

୨. ଭାରତର କେଉଁ ପ୍ରଧାନମନ୍ତ୍ରୀଙ୍କ ସମୟରେ ଭାରତ ଓ ପାକିସ୍ଥାନ ମଧ୍ୟରେ ବସ୍ ଚଳାଚଳ ବ୍ୟବସ୍ଥା ଆରମ୍ଭ ହୋଇଥିଲା ?
(କ) ରାଜୀବ ଗାନ୍ଧୀ (ଖ) ଇନ୍ଦିରା ଗାନ୍ଧୀ
(ଗ) ଅଟଳ ବିହାରୀ ବାଜପେୟୀ (ଘ)ଜବାହରଲାଲ ନେହେରୁ

୩. କାଶ୍ମୀରର କେଉଁ ଶାସକ ୧୯୪୭ ମସିହା ଅକ୍ଟୋବର ୨୪ ତାରିଖରେ ଭାରତ ସହିତ ମିଶ୍ରଣ ଚୁକ୍ତି ସ୍ୱାକ୍ଷର କରିଥିଲେ ?
(କ) କରଣ ସିଂ (ଖ) ହରି ସିଂ
(ଗ) କର୍ତାର ସିଂ (ଘ) ରାମ ସିଂ

୪. ଗାନ୍ଧିଜୀ କେବେ ଦକ୍ଷିଣ ଆଫ୍ରିକାରୁ ଫେରିଥିଲେ ?
(କ) ୧୯୧୫ ଜାନୁୟାରୀ ୯ (ଖ) ୧୯୧୫ ଜୁନ୍ ୧୪
(ଗ) ୧୯୧୬ ଜାନୁୟାରୀ ୯ (ଘ) ୧୯୧୬ ଜୁନ୍ ୧୪

୫. କେଉଁ ରାଜ୍ୟରେ ପୋରବନ୍ଦର ଅଛି ?
(କ) ରାଜସ୍ଥାନ (ଖ) ଗୁଜୁରାଟ
(ଗ) ମହାରାଷ୍ଟ୍ର (ଘ) ଆନ୍ଧ୍ରପ୍ରଦେଶ

୬. ତିନିକାଠିଆ ବ୍ୟବସ୍ଥା କେଉଁ ଆନ୍ଦୋଳନ ସହ ଜଡ଼ିତ ?
(କ) ଖେଡ଼ା ଆନ୍ଦୋଳନ (ଖ)ଅସହଯୋଗ ଆନ୍ଦୋଳନ
(ଗ) ଚମ୍ପାରନ ଆନ୍ଦୋଳନ (ଘ) ଅହମ୍ମଦାବାଦ ଆନ୍ଦୋଳନ

୭. ବର୍ଣ୍ଣବୈଷମ୍ୟ ନୀତି କେଉଁ ଦେଶରେ ଦେଖା ଦେଇଥିଲା ?
(କ) ଇଉରୋପ (ଖ) ଭାରତ
(ଗ) ଦକ୍ଷିଣ ଆଫ୍ରିକା (ଘ) ଉତ୍ତର ଆମେରିକା

୮. ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ପେଷା କ'ଣ ଥିଲା ?
(କ) ଲେଖକ (ଖ) ଖେଳାଳୀ
(ଗ) ବ୍ୟବସାୟୀ (ଘ) ଆଇନଜୀବୀ

୯. ଜାଲିଆନାବାଗ୍‌ର ପ୍ରବେଶ ପଥ କେତୋଟି ଥିଲା ?
(କ) ୧ (ଖ) ୨
(ଗ) ୩ (ଘ) ୪

୧୦. କେଉଁଟି ଏକ ଉପାଧୀ ନଥିଲା ?
(କ) ସାରଦ (ଖ) ଜୟହିନ୍ଦ୍
(ଗ) ନାଇଜର୍ (ଘ) କାଇଜର୍ - ଇ - ହିନ୍ଦ୍

## (୧୧) ବାଣିଜ୍ୟ

୧. ଭାରତରେ ଆଗାମୀ ୩ ବର୍ଷରେ କେତୋଟି ବନ୍ଦେ ଭାରତ ଟ୍ରେନ ଚଳାଚଳ କରିବାପାଇଁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ?
(କ) ୧୦୦ (ଖ)୨୦୦ (ଗ) ୩୦୦ (ଘ) ୪୦୦

୨. କେବେଠାରୁ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ନକଲେ ପେଟ୍ରୋଲ ପିଛା ୨ଟଙ୍କା ଅଧିକ ଦେବାକୁ ହେବ ?
(କ) ଅକ୍ଟୋବର ୧,୨୦୨୨ (ଖ)ମାର୍ଚ୍ଚ ୩୧.୨୦୨୨
(ଗ)ମାର୍ଚ୍ଚ ୧୫,୨୦୨୨ (ଘ) ଫେବୃୟାରୀ ୨.୨୦୨୨

୩. ଭାରତରେ ଇ-ପାର୍ସପୋର୍ଟ ପ୍ରଚଳନ ହେବ। ଏଥିରେ ୬୪ କିଲୋବାଇଟ୍ ଷ୍ଟୋରେଜ୍ ଚିପ୍ ରହିବ ଏବଂ ସେଥିରେ ପ୍ରଥମେ କେତୋଟି ଆନ୍ତର୍ଜାତୀୟ ଯାତ୍ରାର ବିବରଣୀ ରହିପାରିବ ?
(କ) ୩୦ଟି (ଖ) ୪୦ଟି (ଗ) ୫୦ ଟି (ଘ) ୬୦ ଟି

୪. ବିଶ୍ୱର ଏବେ କେତୋଟି ଦେଶରେ ଇ-ପାର୍ସପୋର୍ଟ ବ୍ୟବହାର କରାଯାଉଛି ?
(କ) ୯୦ ଟି (ଖ) ୧୦୦ଟି
(ଗ) ୧୧୦ ଟି (ଘ) ୧୨୦ ଟି

୫. ଆଗାମୀ ୩ ବର୍ଷ ମଧ୍ୟରେ କେତୋଟି ପି.ଏମ୍. ଗତିଶକ୍ତି କାର୍ଗୋ ଟରମିନାଲ୍ ବିକଶିତ କରାଯିବ ?
(କ) ୫୦ ଟି (ଖ) ୭୫ ଟି (ଗ) ୧୦୦ ଟି (ଘ) ୧୫୦ ଟି

୬. କେତେ କୋଟି ଟଙ୍କାରେ ଯାଜପୁରସ୍ଥିତ ନୀଳାଚଳ ଇସ୍ପାତକୁ ଟାଟା ଷ୍ଟିଲ ଇଙ୍ଗ୍ ପ୍ରଡ଼କ୍ଟସ କ୍ରୟ କରିବ ?
(କ) ୧୦,୦୦୦ କୋଟି (ଖ) ୧୧,୦୦୦ କୋଟି
(ଗ) ୧୨,୦୦୦ କୋଟି (ଘ) ୧୨,୦୦୦ କୋଟି

୭. କେବେଠାରୁ ଆମେରିକାର ଏଚ୍ - ୧ ବି ଭିସା ପାଇଁ ରେଜଷ୍ଟ୍ରେସନ୍ ଆରମ୍ଭ ହେବ ?
(କ) ଫେବୃୟାରୀ ୫ (ଖ) ମାର୍ଚ୍ଚ ୧
(ଗ) ମାର୍ଚ୍ଚ ୧୫ (ଘ) ମାର୍ଚ୍ଚ ୨୦

୮. ଆଷ୍ଟ୍ରୋଜ୍ ସିଷ୍ଟମ୍ ସଂସ୍ଥାକୁ କେତେ କୋଟି ଟଙ୍କାର ଯୁଦ୍ଧାସ୍ତ୍ର ନିର୍ମାଣ କରିବାକୁ କଣ୍ଟ୍ରାକ୍ଟ ମିଳିଛି ?
(କ) ୫୦ କୋଟି (ଖ) ୭୫ କୋଟି
(ଗ) ୧୦୦ କୋଟି (ଘ) ୧୧୦ କୋଟି

୯. ଭାରତର କେତୋଟି ସହରରେ ରିଲାଏନ୍ସ ଜିଓ ୫ଜି ସେବା ଆରମ୍ଭ କରିଛି।
(କ) ୧୦୦ଟି (ଖ)୧୦୦୦ ଟି
(ଗ) ୬୦୦ ଟି (ଘ) ୪୦୦ ଟି

୧୦. ବିଶ୍ୱବ୍ୟାଙ୍କ ପଶ୍ଚିମବଙ୍ଗ ସରକାରଙ୍କୁ ଗରିବ ଏବଂ ଦୁର୍ବଳ ବର୍ଗର ଲୋକଙ୍କ ସାମାଜିକ ସୁରକ୍ଷା ପାଇଁ କେତେ କୋଟି ଟଙ୍କାର ଋଣ ଦେଉଛି ?
(କ) ୧୦୦ କୋଟି (ଖ) ୧୦୦୦ କୋଟି
(ଗ) ୬୦୦ କୋଟି (ଘ) ୪୦୦ କୋଟି

**ଉତ୍ତର**

୧.(କ) ଗୋପବନ୍ଧୁ ଦାଶ, ୨.(ଗ) ଅଟଳ ବିହାରୀ ବାଜପେୟୀ, ୩(ଖ) ହରି ସିଂ, ୪.(କ)୧୯୧୫ ଜାନୁୟାରୀ ୯, ୫.(ଖ) ଗୁଜୁରାଟ, ୬.(ଗ) ଚମ୍ପାରନ ଆନ୍ଦୋଳନ, ୭.(ଗ) ଦକ୍ଷିଣ ଆଫ୍ରିକା, ୮.(ଘ) ଆଇନଜୀବୀ, ୯.(କ)୧, ୧୦.(ଖ)ଜୟହିନ୍ଦ୍

୧.(ଘ) ୪୦୦, ୨.(କ) ଅକ୍ଟୋବର ୧, ୩.(କ) ୩୦ଟି, ୪.(ଘ) ୧୨୦ ଟି, ୫.(ଗ) ୧୦୦ ଟି, ୬.(ଘ) ୧୨,୦୦୦ କୋଟି, ୭.(ଗ) ୧୦୦ କୋଟି, ୮.(ଗ)୧୦୦ କୋଟି, ୯.(ଖ)୧୦୦୦ ଟି, ୧୦.(ଖ) ୧୦୦୦ କୋଟି



ବହୁ ଦ୍ରବ୍ୟ ସାଇତିବାଟା ସଂପଦ ନୁହେଁ - ଆଦୌ ଅଭାବ ନଥିବାଟା ହିଁ ପ୍ରକୃତ ସଂପଦ।

## (୧୨) ଅର୍ଥନୀତି

୧. ଚଳିତ ଆର୍ଥିକ ବର୍ଷରେ ଅର୍ଥାତ ୨୦୨୧ - ୨୨ ରେ କେତେ ଲକ୍ଷରୁ ଅଧିକ ଲୋକ ଅଟଳ ପେନସନ୍ ଯୋଜନାରେ ପଞ୍ଜିକୃତ କରିଛନ୍ତି ?
(କ) ୬୦ ଲକ୍ଷ(ଖ) ୫୦ ଲକ୍ଷ (ଗ) ୫୫ ଲକ୍ଷ (ଘ) ୬୫ ଲକ୍ଷ

୨. ଭାରତରେ ହ୍ୱାଟସ୍ଆପ କେଉଁ ମସିହା ସୁଦ୍ଧା ୫୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିବ ?
(କ) ୪୦ ଲକ୍ଷ(ଖ) ୪୫ ଲକ୍ଷ(ଗ) ୫୦ ଲକ୍ଷ (ଘ) ୭୫ ଲକ୍ଷ

୩. ଆୟକର ସୀମାରେ ଚଳିତ ବଜେଟ୍‌ରେ କୌଣସି ପରିବର୍ତ୍ତନ କରାଯାଇଛି କି ?
(କ) ହଁ (ଖ) ନାହିଁ
(ଗ) ଜଣାନାହିଁ (ଘ)କୌଣସିଟି ନୁହଁ

୪. ଆୟକର ଦାତାମାନେ ନିଜର ଆୟକର ରିଟର୍ଣ୍ଣ ଆସେସ୍‌ମେଣ୍ଟ କେତେ ବର୍ଷ ମଧ୍ୟରେ ସଂଶୋଧିତ ଆୟକର ରିଟର୍ଣ୍ଣ ଦାଖଲ କରିପାରିବ ?
(କ) ୧ ବର୍ଷ (ଖ) ୨ ବର୍ଷ(ଗ) ୩ ବର୍ଷ(ଘ) ୪ ବର୍ଷ

୫. ଆଗାମୀ ଦିନରେ ବଜେଟରେ କେତୋଟି ପୋଷ୍ଟ ଅଫିସକୁ ବ୍ୟାଙ୍କି ସିଷ୍ଟମ୍ ସହ ଯୋଡ଼ାଯିବ ?
(କ) ୧ ଲକ୍ଷ (ଖ) ୧.୫ ଲକ୍ଷ
(ଗ) ୧.୬ ଲକ୍ଷ (ଘ) ୧.୭ ଲକ୍ଷ

୬. ଦେଶର କେତୋଟି ବଡ଼ନଦୀକୁ ସଂଯୋଗ କରିବାପାଇଁ ଜଳସମ୍ପଦ ବିକାଶ ମନ୍ତ୍ରଣାଳୟର ସାହାଯ୍ୟ ନିଆଯିବ ?
(କ) ୫ ଟି (ଖ) ୭ ଟି
(ଗ) ୮ଟି (ଘ) ୧୦ ଟି

୭. ଦେଶର କେଉଁ ସଂସ୍ଥା ଡିଜିଟାଲ କରେନ୍ସି ପ୍ରବର୍ତ୍ତନ କରିବ ?
(କ) ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଖ)ଭାରତୀୟ ଷ୍ଟେଟ ବ୍ୟାଙ୍କ
(ଗ) ଆୟକର ବିଭାଗ (ଘ)କୌଣସିଟି ନୁହେଁ

୮. ଚଳିତ ବଜେଟ୍‌ରେ କ୍ରିପ୍ଟୋ କରେନ୍ସି ଆୟ ଉପରେ କେତେ ପ୍ରତିଶତ ଟ୍ୟାକ୍ସ ସଂଗ୍ରହ କରାଯିବ ?
(କ) ୧୫% (ଖ) ୨୦%
(ଗ) ୩୦% (ଘ) ୩୫%

୯. ୨୦୨୨ - ୨୩ ବଜେଟ୍‌ରେ କେତେ ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ?
(କ) ୪୦ ଲକ୍ଷ (ଖ) ୫୦ ଲକ୍ଷ
(ଗ) ୮୦ ଲକ୍ଷ (ଘ) ୮୫ ଲକ୍ଷ

୧୦. ଜାନୁଆରୀ ମାସରେ ସାମଗ୍ରୀ ଓ ସେବା ଟିକସ (ଜି.ଏସ୍.ଟି) ଆଦାୟ ୧.୩୮ ଲକ୍ଷ କୋଟି ଛୁଇଁଛି । ଗତବର୍ଷ ସମାନ ସମୟ ତୁଳନାରେ ପରୋକ୍ଷ ଟିକସ ଆଦାୟ କେତେ ଶତକଡ଼ା ବୃଦ୍ଧି ଘଟିଛି ?
(କ) ୧୦% (ଖ) ୧୫%
(ଗ) ୨୦% (ଘ) ୨୫%

## (୧୩) କ୍ରୀଡ଼ା

୧. ୨୦୨୧ର ଆଇ.ସି.ସି. ପୁରସ୍କାରରେ କେଉଁ ଖେଳାଳି ବର୍ଷର ସର୍ବଶ୍ରେଷ୍ଠ ପୁରୁଷ କ୍ରିକେଟର ଭାବେ ସାର୍ ଗାରଫିଲ୍ଡ ସୋବର୍ସ ଟ୍ରଫି ଜିତିଛନ୍ତି ?
(କ) କେନ୍ ୱିଲିୟମସନ୍ (ଖ) ଶାହିନ ଶାହ ଆଫ୍ରିଦି
(ଗ) ଜୋ ରୁଟ୍ (ଘ) ମହମ୍ମଦ ରିଜ୍‌ୱାନ୍

୨. ୨୦୨୧ର ଆଇ.ସି.ସି. ପୁରସ୍କାରରେ କେଉଁ ଖେଳାଳି ବର୍ଷର ସର୍ବଶ୍ରେଷ୍ଠ ମହିଳା କ୍ରିକେଟର ପୁରସ୍କାର ଜିତିଛନ୍ତି ?
(କ) ଟାମି ବିଉମୋଣ୍ଟ (ଖ) ହିଦର୍ ନାଇଟ୍
(ଗ) ଆଲିସା ହିଲୀ (ଘ) ସ୍ମୃତି ମନ୍ଧାନା

୩. ୨୦୨୨ର ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ଚାମ୍ପିଆନ୍ ହୋଇ ରାଫାଏଲ ନାଦାଲ୍ ତାଙ୍କର କେତେତମ ଗ୍ରାଣ୍ଡ ସ୍ଲାମ ଟାଇଟେଲ୍ ଜିତିଛନ୍ତି ?
(କ) ୨୦ତମ (ଖ) ୨୧ତମ (ଗ) ୨୨ତମ (ଘ) ୨୩ତମ

୪. ୨୦୨୨ର ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍‌ର ମହିଳା ସିଂଗଲ୍ସ ଚାମ୍ପିଆନ୍ କିଏ ହୋଇଛନ୍ତି ?
(କ) ଇଗା ସ୍ୱାଇଟେକ୍ (ଖ) ଡାନିଏଲ୍ କଲିନ୍ସ
(ଗ) ଆଶ୍‌ଲେ ବାର୍ଟି (ଘ) ମାଡିସନ୍ କିଜ୍

୫. ୨୦୨୨ର ଇଣ୍ଡିଆ ଓପନ୍ ବ୍ୟାଡମିଣ୍ଟନ୍‌ରେ ପୁରୁଷ ସିଂଗଲ୍ସ ଚାମ୍ପିଆନ ହୋଇଥିବା ତାରକାଙ୍କ ନାମ କଣ ?
(କ) କିଦାମ୍ବି ଶ୍ରୀକାନ୍ତ (ଖ) ଲକ୍ଷ୍ୟ ସେନ୍
(ଗ) ଲୋହ୍ କିଆନ୍ ୟୁ (ଘ) ଏଚ. ଏସ. ପ୍ରଣୟ

୬. ୨୦୨୨ର ଇଣ୍ଡିଆ ଓପନ୍ ବ୍ୟଡମିଣ୍ଟନ୍‌ର ମହିଳା ସିଂଗଲ୍ସ ଚାମ୍ପିଆନ୍ ହୋଇଥିବା ବୁସାନନ୍ ଓଙ୍ଗବାମ୍ରୁଙ୍ଗଫାନ୍ କେଉଁ ଦେଶର ଖେଳାଳି ?
(କ) କୋରିଆ (ଖ) ଥାଇଲାଣ୍ଡ (ଗ) ସିଂଗାପୁର (ଘ) ହଂକଂ

୭. ୨୦୨୨ର ଗଣତନ୍ତ୍ର ଦିବସ ଉପଲକ୍ଷ୍ୟେ ଘୋଷିତ ପଦ୍ମ ପୁରସ୍କାରରେ କେଉଁ ଦିବ୍ୟାଙ୍ଗ ଆଥଲେଟ୍‌ଙ୍କୁ ପଦ୍ମଭୂଷଣ ସମ୍ମାନ ମିଳିଛି ?
(କ) ସୁମିତ ଅଣ୍ଟିଲ୍ (ଖ) ଦୀପା ମଲ୍ଲିକ
(ଗ) ଦେବେନ୍ଦ୍ର ଝାଝରିୟା (ଘ) ମରିୟପ୍ପନ୍ ଟାଙ୍ଗାଭେଲୁ

୮. ୨୦୨୨ର ଗଣତନ୍ତ୍ର ଦିବସ ଉପଲକ୍ଷ୍ୟେ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ନୀରଜ ଚୋପ୍ରା କେଉଁ ସମ୍ମାନ ନିମନ୍ତେ ମନୋନୀତ ହୋଇଛନ୍ତି ?
(କ) ପଦ୍ମଶ୍ରୀ (ଖ) ପଦ୍ମଭୂଷଣ (ଗ) ଖେଳରତ୍ନ (ଘ) କ୍ରୀଡ଼ାଶ୍ରୀ

୯. ୨୦୨୨ର ଗଣତନ୍ତ୍ର ଦିବସ ଉପଲକ୍ଷ୍ୟେ ଜଣେ ହକି ଖେଳାଳି ପଦ୍ମଶ୍ରୀ ସମ୍ମାନ ନିମନ୍ତେ ମନୋନୀତ ହୋଇଛନ୍ତି । ତାଙ୍କର ନାମ କଣ ?
(କ) ପି. ଆର. ଶ୍ରୀଜେଶ (ଖ) ମନଦୀପ ସିଂହ
(ଗ) ସବିତା ପୁନିଆ (ଘ) ବନ୍ଦନା କଟାରିଆ

୧୦. ୨୦୨୨ର ଗଣତନ୍ତ୍ର ଦିବସ ଉପଲକ୍ଷ୍ୟେ ପଦ୍ମଶ୍ରୀ ସମ୍ମାନ ନିମନ୍ତେ ମନୋନୀତ ହୋଇଥିବା ଓଡ଼ିଶାର କ୍ରୀଡ଼ାବିତ ଜଣକ କିଏ ?
(କ) ପ୍ରମୋଦ ଭଗତ (ଖ) ଇଗ୍ନେସ୍ ତିର୍କୀ
(ଗ) ଦୁତୀ ଚାନ୍ଦ (ଘ) ଦୀପଗ୍ରେସ ଏକ୍କା

**ଉତ୍ତର**

୧.(ଘ) ୬୫ ଲକ୍ଷ,୨.(ଗ) ୫୦ ଲକ୍ଷ,୩(ଖ) ନାହିଁ ୪.(ଖ) ୨ ବର୍ଷ, ୫(କ) ୫ ଟି,୬.(କ) ୫ ଟି, ୭.(କ) ଭାରତୀୟ ରିଜର୍ଭ ବ୍ୟାଙ୍କ୍, ୮.(ଗ) ୩୦%,୯.(ଗ) ୮୦ ଲକ୍ଷ,୧୦.(ଖ) ୧୫%

୧.(ଖ)ଶାହିନ ଶାହ ଆଫ୍ରିଦି,୨.(ଘ)ସ୍ମୃତି ମନ୍ଧାନା,୩.(ଖ)୨୧ତମ, ୪.(ଗ)ଆଶ୍‌ଲେ ବାର୍ଟି, ୫.(ଖ) ଲକ୍ଷ୍ୟ ସେନ୍, ୬.(ଖ) ଥାଇଲାଣ୍ଡ, ୭.(ଗ) ଦେବେନ୍ଦ୍ର ଝାଝରିୟା, ୮.(କ) ପଦ୍ମଶ୍ରୀ, ୯.(ଘ) ବନ୍ଦନା କଟାରିଆ,୧୦.(କ) ପ୍ରମୋଦ ଭଗତ



ପ୍ରକୃତ ସୁଖ ଭୋଗ କରିବାର ସର୍ବୋତ୍କୃଷ୍ଟ ପନ୍ଥା ହେଉଛି ସଂଯମ ଆଚରଣ କରିବା ।

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ବର୍ଷ -୨୦୨୧ ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପାଇଥିବା ଓଡ଼ିଆ ଭାଷାର ବିଶିଷ୍ଟ କବିଙ୍କ ନାମ କଣ ?
(କ) ଗୌରହରି ଦାସ (ଖ) ସଂଗ୍ରାମ ଜେନା
(ଗ) ହୃଷିକେଷ ମଲ୍ଲିକ (ଘ) ବିଭୂତି ପଟନାୟକ

୨. ବର୍ଷ-୨୦୨୧ ସକାଶେ ଓଡ଼ିଆ ଭାଷା ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମୀର ବାଲ ସାହିତ୍ୟ ପୁରସ୍କାର କିଏ ପାଇଛନ୍ତି ?
(କ) ଦିଗରାଜ ବ୍ରହ୍ମା (ଖ) ରାମଚନ୍ଦ୍ର ନାୟକ
(ଗ) ଦାଶ ବେନହୁର୍ (ଘ) ବୀରେନ୍ଦ୍ର ସାମନ୍ତରାୟ

୩. ବିଶିଷ୍ଟ ସାହିତ୍ୟିକ ଦୟାପ୍ରକାଶ ସିହ୍ନା କେଉଁ ଭାଷା ପାଇଁ ୨୦୨୧ର କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପାଇଛନ୍ତି ?
(କ) ଅହମିଆ (ଖ) ହିନ୍ଦୀ (ଗ) ରାଜସ୍ଥାନୀ (ଘ) ମୈଥିଲୀ

୪. ସାହିତ୍ୟିକା ନମିତା ଗୋଖଲେ କେଉଁ ଭାଷା ପାଇଁ ୨୦୨୧ର କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପାଇଛନ୍ତି ?
(କ) ଇଂରାଜୀ (ଖ) ମରାଠୀ (ଗ) କନ୍ନଡ଼ (ଘ) ସଂସ୍କୃତ

୫. ୨୦୨୨ର ଗଣତନ୍ତ୍ର ଦିବସ ଅବସରରେ ଘୋଷିତ ପଦ୍ମଭୂଷଣ ସମ୍ମାନ ଓଡ଼ିଶାର କେଉଁ ବିଶିଷ୍ଟ ସାହିତ୍ୟିକଙ୍କୁ ମିଳିଛି ?
(କ) ରାମଚନ୍ଦ୍ର ବେହେରା (ଖ) ପ୍ରତିଭା ରାୟ
(ଗ) ରମାକାନ୍ତ ରଥ (ଘ) ହରପ୍ରସାଦ ଦାସ

୬. ୨୦୨୨ର ଗଣତନ୍ତ୍ର ଦିବସ ଅବସରରେ ଶାସ୍ତ୍ରୀୟ ସଂଗୀତ ଗାୟିକା ଶ୍ୟାମାମଣି ଦେବୀଙ୍କୁ କେଉଁ ସମ୍ମାନ ମିଳିବ ବୋଲି ଘୋଷିତ ହୋଇଛି ?
(କ) ପଦ୍ମଶ୍ରୀ (ଖ) ପଦ୍ମଭୂଷଣ
(ଗ) କୋଣାର୍କ ସମ୍ମାନ (ଘ) ପଦ୍ମ ବିଭୂଷଣ

୭. ପଦ୍ମ ବିଭୂଷଣ ସମ୍ମାନରେ ଭୂଷିତ ହୋଇଥିବା ଦେଶର ବିଶିଷ୍ଟ ଶାସ୍ତ୍ରୀୟ ସଂଗୀତ ଗାୟିକା ପ୍ରଭା ଆତ୍ରେ କେଉଁ ରାଜ୍ୟର ବାସିନ୍ଦା ।
(କ) ଗୁଜରାଟ (ଖ) ମଧ୍ୟପ୍ରଦେଶ (ଗ) ବିହାର (ଘ) ମହାରାଷ୍ଟ୍ର

୮. ଏ ବର୍ଷ ପଦ୍ମଭୂଷଣ ସମ୍ମାନ ଲାଭ କରିଥିବା ପ୍ରସିଦ୍ଧ ବଙ୍ଗଳା ଓ ହିନ୍ଦୀ ଚଳଚିତ୍ର ଅଭିନେତା ଜଣକ କିଏ ?
(କ) ଭିକ୍ଟର୍ ବାନାର୍ଜୀ (ଖ) ସୌମିତ୍ର ଚାଟାର୍ଜୀ
(ଗ) ପ୍ରସେନଜୀତ (ଘ) ସବ୍ୟସାଚୀ ଚକ୍ରବର୍ତୀ

୯. ବସନ୍ତ ପଂଚମୀ ଦିନ କେଉଁ ଦେବୀଙ୍କର ପୂଜା ଆରାଧନା କରାଯାଏ ?
(କ) ମହାଲକ୍ଷ୍ମୀ (ଖ) ମାତା ସୀତା (ଗ) ଶ୍ରୀରାଧା (ଘ) ସରସ୍ୱତୀ

୧୦. କେଉଁ ପର୍ବ ଉପଲକ୍ଷ୍ୟେ ଖଣ୍ଡଗିରିରେ ମେଳା ଆୟୋଜିତ ହୁଏ ?
(କ) ମକର ସଂକ୍ରାନ୍ତି (ଖ) ମାଘ ସପ୍ତମୀ
(ଗ) ଦୋଳ ପୂର୍ଣ୍ଣିମା (ଘ) ମହା ବିଷୁବ ସଂକ୍ରାନ୍ତି

## (୧୫) ଭୂଗୋଳ

୧. କେଉଁ ଖଣିଜଟି ଭୂପୃଷ୍ଠଶିଳାର ଅପଘଟନ ପରେ ଅବକ୍ଷୟିତ ଅବଶିଷ୍ଟାଂଶରୁ ସୃଷ୍ଟି ?
(କ) ତମ୍ବା (ଖ) ବକ୍‌ସାଇଟ
(ଗ) ସୁନା (ଘ) ଦସ୍ତା

୨. ଭାରତର କେଉଁ ବଳୟରେ ସବୁଠାରୁ ଅଧିକ ଲୁହାପଥର ଗଚ୍ଛିତ ଅଛି ?
(କ) ଓଡ଼ିଶା - ଝାଡ଼ଖଣ୍ଡ (ଖ) ଦୁର୍ଗ - ବସ୍ତର - ଚନ୍ଦ୍ରପୁର
(ଗ) ବେଲାରୀ-ଚିତ୍ରଦୁର୍ଗ- ଚିକ୍‌ମାଗାକୁର୍ - ଟୁମ୍‌କୁର୍
(ଘ) ମହାରାଷ୍ଟ୍ର - ଗୋଆ

୩. ଭିତରକନିକାରେ କେଉଁ ବିରଳ ପଜାତିର ପ୍ରାଣୀ ଦେଖାଯାନ୍ତି ?
(କ) କୁମ୍ଭୀର (ଖ) ଡଲଫିନ୍
(ଗ) ନୀଳ କଙ୍କଡ଼ା (ଘ) ଚିତାବାଘ

୪. କେଉଁ ନଦୀ ସହ କୋଏନା ବହୁମୁଖୀ ନଦୀବନ୍ଧ ଯୋଜନା ସଂପୃକ୍ତ ?
(କ) ପେରିଆର (ଖ) ଗୋଦାବରୀ
(ଗ) କୃଷ୍ଣା (ଘ) କାବେରୀ

୫. ରେଳପଥ କେଉଁ ପ୍ରକାର ସବଳ ଶ୍ରେଣୀ ଅନ୍ତର୍ଭୁକ୍ତ ?
(କ) ମାନବ (ଖ) ଗୋଷ୍ଠୀଗତ
(ଗ) ସ୍ଥାନୀୟ (ଘ) ଜାତୀୟ

୬. କେଉଁ ତୈଳବୀଜ ଖରିଫ ଋତୁରେ ଚାଷ କରାଯାଏ ?
(କ) ସୋରିଷ (ଖ) ସୋୟାବିନ୍
(ଗ) ଚିନାବାଦାମ (ଘ) ଜଡ଼ା

୭. କେଉଁ ମୃତ୍ତିକାର ଜଳଧାରଣ କ୍ଷମତା ରହିଛି ?
(କ) ପଟୁ (ଖ) କୃଷ୍ଣ
(ଗ) ଲୋହିତ (ଘ) ଲାଟେରାଇଟ୍

୮. କେଉଁଟି ଏକ ବ୍ୟାଘ୍ର ପ୍ରକଳ୍ପ ନୁହେଁ ?
(କ) ବୁଧ୍‌ଫ୍ୱା (ଖ) କରବେଟ୍
(ଗ) ଡାଫା (ଘ) ନମଜାଫା

୯. କେଉଁଟି କ୍ଷୁଦ୍ର ସୁନ୍ଦରବନ ଅଂଚଳର ମୁଖ୍ୟ ବୃକ୍ଷ ଅଟେ ?
(କ) ଖଜୁରୀ (ଖ) ହେନ୍ତାଳ
(ଗ) ତାଳ (ଘ) ଝାଉଁ

୧୦. ପ୍ରଚ୍ଛନ୍ନ ବେକାରୀ କେଉଁ କ୍ଷେତ୍ରରେ ଦେଖାଦେଇଥାଏ ?
(କ) କ୍ଷୁଦ୍ରଶିଳ୍ପ (ଖ) କୁଟୀରଶିଳ୍ପ
(ଗ) ପରିବହନ (ଘ) କୃଷି

### ଉତ୍ତର

୧. (ଗ) ହୃଷିକେଷ ମଲ୍ଲିକ,୨.(କ) ଦିଗରାଜ ବ୍ରହ୍ମା, ୩.(ଖ) ହିନ୍ଦୀ, ୪.(କ)ଇଂରାଜୀ,୫.(ଖ)ପ୍ରତିଭାରାୟ,୬.(କ)ପଦ୍ମଶ୍ରୀ, ୭.(ଘ)ମହାରାଷ୍ଟ୍ର,୮.(କ)ଭିକ୍ଟର୍‌ବାନାର୍ଜୀ, ୯.(ଘ)ସରସ୍ୱତୀ,୧୦.(ଖ)ମାଘ ସପ୍ତମୀ

୧.(ଖ)ବକ୍‌ସାଇଟ,୨.(ଗ) ବେଲାରୀ-ଚିତ୍ରଦୁର୍ଗ-ଚିକ୍‌ମାଗାକୁର୍-ଟୁମ୍‌କୁର୍,୩.(ଗ) ନୀଳ କଙ୍କଡ଼ା ,୪.କୃଷ୍ଣା ,୫.(ଘ) ଜାତୀୟ, ୬.(ଗ) ଚିନାବାଦାମ,୭.(ଖ)କୃଷ୍ଣ,୮.(ଗ) ଡାଫା , ୯.(ଖ) ହେନ୍ତାଳ,୧୦.(ଘ) କୃଷି

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ୨୦୨୨ ରେ କେତେତମ ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା ?
(କ) ୭୨ ତମ(ଖ) ୭୩ ତମ(ଗ) ୭୪ ତମ(ଘ) ୭୫ ତମ

୨. ୨୦୨୧ ରେ କେତେତମ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା ?
(କ) ୭୨ ତମ(ଖ) ୭୩ ତମ(ଗ) ୭୪ ତମ(ଘ) ୭୫ ତମ

୩. ଗୁରୁଗୋବିନ୍ଦ ସିଂ ଦୁଇପୁଅଙ୍କ ସହିଦ୍‌ଙ୍କୁ ସ୍ମରଣ କରିବାଲାଗି ପ୍ରତିବର୍ଷ ଡିସେମ୍ବର କେଉଁ ତାରିଖରେ "ବୀର ବାଲ୍ ଦିବସ" ପାଳନ କରାଯିବ ?
(କ) ୨୧ (ଖ) ୨୨ (ଗ) ୨୫ (ଘ) ୨୬

୪. ରାଜ୍ୟ ମନ୍ତ୍ରୀମଣ୍ଡଳ ତା'ର କାର୍ଯ୍ୟକଳାପ ପାଇଁ କାହା ନିକଟରେ ଉତ୍ତରଦାୟୀ ?
(କ) ରାଜ୍ୟପାଳ (ଖ) ରାଷ୍ଟ୍ରପତି
(ଗ) ଲୋକସଭା (ଘ) ବିଧାନସଭା

୫. ଗୋଆରେ କେଉଁ ବର୍ଷ ସାଧାରଣ ନିର୍ବାଚନ ହୋଇଥିଲା ?
(କ) ୧୯୬୦ (ଖ) ୧୯୬୧
(ଗ) ୧୯୬୨ (ଘ)୧୯୬୩

୬. କେଉଁ ବର୍ଷ ଭାରତରେ ଯୋଜନା ଆୟୋଗ ଗଠିତ ହୋଇଥିଲା ?
(କ) ୧୯୪୭ (ଖ) ୧୯୪୮
(ଗ) ୧୯୪୯ (ଘ) ୧୯୫୦

୭. ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ କିଏ ନିଯୁକ୍ତି ଦିଅନ୍ତି ?
(କ) ପ୍ରଧାନ ବିଚାରପତି(ଖ)ଲୋକସଭା ବାଚସ୍ପତି
(ଗ) ରାଷ୍ଟ୍ରପତି (ଘ) ପ୍ରଧାନମନ୍ତ୍ରୀ

୮. କେଉଁ ରାଷ୍ଟ୍ର ସାର୍କର ସଦସ୍ୟ ନୁହେଁ ?
(କ) ଭାରତ (ଖ) ଶ୍ରୀଲଙ୍କା
(ଗ) ନେପାଳ (ଘ) ମିଆଁମାର

୯. କେଉଁ ମସିହାରେ ଓରିସା ବଦଳରେ ଓଡ଼ିଶା ନାମ ପରିବର୍ତ୍ତନ ହେଲା ?
(କ) ୨୦୦୯ (ଖ) ୨୦୧୦
(ଗ) ୨୦୧୧ (ଘ) ୨୦୧୨

୧୦. ଭାରତ ସ୍ୱାଧୀନତା ଆଇନ୍ କେବେ ବ୍ରିଟିଶ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଥିଲା ?
(କ) ୧୯୪୭ ଫେବୃୟାରୀ ୨୦ (ଖ) ୧୯୪୭ ଜୁନ୍ ୩
(ଗ) ୧୯୪୭ ଅଗଷ୍ଟ ୧୪ (ଘ) ୧୯୪୭ ଜୁଲାଇ ୧୮

## (୧୭) କମ୍ପ୍ୟୁଟର ଶିକ୍ଷା

୧. କମ୍ପ୍ୟୁଟର କି ବୋର୍ଡ(**Key Board**)ରେ କେତୋଟି କି (**Key**) ଅଛି ?
(କ) ୧୦୦ (ଖ) ୮୮ (ଗ) ୧୦୧ (ଘ) ୧୧୦

୨. **MICR,** ର **'C'** ନିମ୍ନରୁ କେଉଁଟିକୁ ବୁଝାଇଥାଏ ?
(କ) କଲର (ଖ) କୋଡ (ଗ) କ୍ୟାରେକ୍ଟର (ଘ) କୋଡିଙ୍ଗ୍

୩. ପ୍ରିଣ୍ଟେଡ୍ କପିକୁ_________କୁହାଯାଏ ?
(କ) ସଫ୍ଟକପି (ଖ) ବ୍ଲାଙ୍କ୍ କପି (ଗ) ହାର୍ଡ କପି (ଘ) ରାଇଟ୍ କପି

୪. ଏମ୍‌ଏସ୍ ୱାର୍ଡରେ ଏକ ନୂଆ ଫାଇଲ୍ ଖୋଲିବା ପାଇଁ କେଉଁ ସର୍ଟକଟ କି ବ୍ୟବହାର କରାଯାଇଥାଏ ?
(କ) **Ctrl+X** (ଖ) **Ctrl+N** (ଗ) **Ctrl+C** (ଘ) **Ctrl+D**

୫. ଏକ୍ସେଲର (**Excel**) ଏକ କଲମ (**Column**) କୁ କିପରି ସିଲେକ୍ଟ କରାଯାଇପାରିବ ?
(କ) **Ctrl+Spacebar** (ଖ) **Ctrl+B**
(ଗ) **Shift+Enter** (ଘ) **Ctrl+C**

୬. **URL**________ କୁ ବୁଝାଇଥାଏ ?
(କ) **Uniform Read Locator**
(ଖ) **Uniform Research Locator**
(ଗ) **Unicode Research Location**
(ଘ) **United Research Locator**

୭. କମ୍ପ୍ୟୁଟରରେ ଗଣନା କାର୍ଯ୍ୟ ନିମ୍ନଲିଖିତ କେଉଁଟି ଦ୍ୱାରା ସମ୍ଭବପର ହୋଇଥାଏ ?
(କ) **Memory** (ଖ) **Control Unity**
(ଗ) **ALU** (ଘ) **CPU**

୮. ହାର୍ଡ ଡିସ୍କ (**Hard Disk**) ଟି ________ ରେ ତିଆରି ହୋଇଛି ?
(କ) ଆଇରନ (ଖ) କପର (ଗ) ଆଲୁମିନିୟମ୍ (ଘ) ବିସମଥ୍

୯. ନିମ୍ନର କେଉଁ କମାଣ୍ଡଦ୍ୱାରା ଗୋଟିଏ ଫାଇଲର ବିଷୟବସ୍ତୁ ଦେଖିହେବ ?
(କ) ଟାଇପ୍ (ଖ) କପି (ଗ) ଇଡି (ଘ) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

୧୦. କଟ୍ (**Cut**) କରିବାକୁ କେଉଁ ସଟକଟ୍ କି ବ୍ୟବହାର କରାଯାଇଥାଏ ?
(କ) **Ctrl+X** (ଖ) **Ctrl+Y** (ଗ) **Ctrl+V** (ଘ) **Ctrl+A**

**ଉତ୍ତର**

୧.(ଖ)୭୩ତମ,୨.(ଘ)୭୫ତମ,୩.(ଘ)୨୬,
୪.(ଘ) ବିଧାନସଭା,୫.(ଘ)୧୯୬୩,୬.(ଘ)୧୯୫୦,
୭.(ଗ) ରାଷ୍ଟ୍ରପତ,୮.(ଘ)ମିଆଁମାର,୯.(ଗ) ୨୦୧୧,
୧୦.(ଘ) ୧୯୪୭ ଜୁଲାଇ ୧୮ ।

୧.(ଗ) ୧୦୧ ୨.(ଗ) କ୍ୟାରେକ୍ଟର ୩.(ଗ) ହାର୍ଡ କପି
୪.(ଖ) **Ctrl+N** ୫.(କ) **Ctrl+Spacebar**
୬.(ଖ) **Uniform Research Locator**
୭. (ଘ) **CPU,** ୮.(ଗ) ଆଲୁମିନିୟମ୍ , ୯.(କ) ଟାଇପ୍
୧୦.(କ) **Ctrl+X**



ମନୁଷ୍ୟ ଯେଉଁ ଭୁଲ୍ କରିଥାଏ ତାକୁ ଦୈବଗୁଣ ସମ୍ପର୍ଣ୍ଣ ଲୋକ କ୍ଷମା ଦେଇଥାଏ ।

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ୨୧ ସେ.ମି ବ୍ୟାସାର୍ଦ୍ଧ ବିଶିଷ୍ଟ ଚାପର ଡିଗ୍ରୀ ପରିମାଣ ୩୬୦ ହେଲେ ଚାପଟିର ଦୈର୍ଘ୍ୟ କେତେ ସେ.ମି ଅଟେ ?
(କ) ୫୨.୮ (ଖ) ୩୯.୬ (ଗ) ୨୬.୪ (ଘ) ୧୩.୨

୨. ଗୋଟିଏ ସିଲିଣ୍ଡରର ଭୂମିର ବ୍ୟାସାର୍ଦ୍ଧ ଏହାର ଉଚ୍ଚତା ସଂଗେ ସମାନ। ଏକ ଗୋଲାକାର ବ୍ୟାସାର୍ଦ୍ଧଙ୍କୁ ସିଲିଣ୍ଡରର ବ୍ୟାସାର୍ଦ୍ଧ ସଙ୍ଗେ ସମାନ ହେଲେ ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ : ସିଲିଣ୍ଡରର ବକ୍ରପୃଷ୍ଠତଳର କ୍ଷେତ୍ରଫଳ କେତେ ?
(କ) ୧:୧ (ଖ) ୨:୧(ଗ) ୧:୨ (ଘ) ୪:୩

୩. ଗୋଟିଏ ବୃତ୍ତର ପରିଧି ଯେତିକି ସେ.ମି ଏହାର କ୍ଷେତ୍ରଫଳ ସେତିକି ବର୍ଗ ସେ.ମି। ଉକ୍ତବୃତ୍ତର ବ୍ୟାସ କେତେ ସେ.ମି ?
(କ) ୪ ସେ.ମି (ଖ) ୩ ସେ.ମି
(ଗ) ୨ ସେ.ମି (ଘ) ୧ ସେ.ମି

୪. **cos** ୧୧୦° + **sin** ୨୦° = କେତେ ?
(କ) ୨ **cos** ୧୧୦° (ଖ) ୨ **sin** ୨୦°
(ଗ) ୦ (ଘ) ୧

୫. **x** + ୨**y** = ୦ ସମୀକରଣର ଗୋଟିଏ ସମାଧାନ କିଏ ?
(କ) (୪, ୨) (ଖ) (-୪, ୨)
(ଗ) (-୪, -୨) (ଘ) (୦, -୪)

୬. ଗୋଟିଏ ସଂଖ୍ୟାର ଦଶକ ସ୍ଥାନୀୟ ଅଙ୍କ '**X**', ଏକକ ସ୍ଥାନୀୟ ଅଙ୍କ '**Y**' ହେଲେ, ସଂଖ୍ୟାଟି କେତେ ?
(କ) **xy**(ଖ) **yx** (ଗ) ୧୦ **x**+**y** (ଘ)୧୦ **y**+**x**

୭. **x**² - **x** - ୨ = ୦ ଦ୍ୱିଘାତ ସମୀକରଣର ପ୍ରଭେଦଟି କେତେ ?
(କ) ୧ (ଖ) ୨(ଗ) ୮ (ଘ) ୯

୮. ପ୍ରଥମ ଦଶଗୋଟି ଧନାତ୍ମକ ଯୁଗ୍ମ ସଂଖ୍ୟାର ମଧ୍ୟମା କେତେ ?
(କ) ୧୦(ଖ) ୧୦.୫ (ଗ) ୧୧ (ଘ) ୧୧.୫

୯. ୩,୫,୭,୩,୮,୫,୭ ଲବ୍ଧାଙ୍କଗୁଡ଼ିକର ଗରିଷ୍ଠକ କେତେ ?
(କ) ୩ (ଖ) ୫ (ଗ) ୭ (ଘ) ଗରିଷ୍ଠକ ନାହିଁ

୧୦. ଗୋଟିଏ ତଥ୍ୟାବଳୀର ମଧ୍ୟମା ୫୨, ମାଧ୍ୟମାନ ୫୩ ଅଟେ। ତଥ୍ୟାବଳୀର ଗରିଷ୍ଠକ କେତେ ?
(କ) ୫୦ (ଖ)୫୧ (ଗ) ୫୨ (ଘ)୫୩

## (୧୯) ସାଧାରଣ ବିଜ୍ଞାନ

୧. କଳିଚୂନ କାହାକୁ କୁହାଯାଏ ?
(କ) ସୋଡ଼ିୟମ୍ ଅକ୍ସାଇଡ୍ (ଖ)କ୍ୟାଲସିୟମ୍ ଅକ୍ସାଇଡ୍
(ଗ) ସୋଡ଼ିୟମ୍ ହାଇଡ୍ରକ୍ସାଇଡ (ଘ) କ୍ୟାଲସିୟମ୍ ହାଇଡ୍ରକ୍ସାଇଡ୍

୨. ଆମର ପାକସ୍ଥଳୀ କେଉଁ ଅମ୍ଳ ପ୍ରସ୍ତୁତ କରିଥାଏ ?
(କ) ସଲଫ୍ୟୁରିକ୍ ଅମ୍ଳ (ଖ) ସାଇଟ୍ରିକ୍ ଏସିଡ୍
(ଗ) ଲାକ୍ଟିକଗ ଏସିଡ୍ (ଘ) ହାଇଡ୍ରୋ କ୍ଲୋରିକ୍ ଏସିଡ୍

୩. କେଉଁ ଧାତୁ ଥଣ୍ଡାଜଳ ସହ ତୀବ୍ର ପ୍ରତିକ୍ରିୟା କରିଥାଏ ?
(କ) ପଟାସିୟମ୍ (ଖ) ଶିସା
(ଗ) ତମ୍ବା (ଘ) ରୂପା

୪. କେଉଁ ମୌଳିକର ସର୍ବାଧିକ ଯୌଗିକ ଅଛି ?
(କ) କାର୍ବନ (ଖ) ଅମ୍ଳଜାନ
(ଗ) ଉଦ୍‌ଜାନ (ଘ) ନାଇଟ୍ରୋଜେନ୍

୫. କେଉଁ ମୌଳିକଟି ଏକ ଉପଧାତୁ ନୁହେଁ ?
(କ)ଆଣ୍ଟିମୋନି (ଖ) ବୋରନ୍
(ଗ) ଲିଥିଅମ୍ (ଘ) ଆରସେନିକ୍

୬. କେଉଁ ରୋଗରେ ପୀଡ଼ିତ ବ୍ୟକ୍ତି ଚକ୍ଷୁଦାନ କରିପାରିବେ ?
(କ) ଏଡ଼୍ସ (ଖ) ଧନୁଷ୍ଟଙ୍କାର
(ଗ) ମଧୁମେହ (ଘ)କଲେରା

୭. ବର୍ତ୍ତୁଳାକାର ଦର୍ପଣର ବକ୍ର ପ୍ରତିଫଳନ ପୃଷ୍ଠର ମଧ୍ୟବିନ୍ଦୁଙ୍କୁ କ'ଣ କୁହାଯାଇଥାଏ ?
(କ) ବକ୍ରତା କେନ୍ଦ୍ର (ଖ) ପୋଲ୍
(ଗ) ଫୋକସ୍ (ଘ) ଦ୍ୱାରକ

୮. ବିଦ୍ୟୁତ ବିଭବ ପାର୍ଥକ୍ୟ କେଉଁ ଏକକରେ ମପାଯାଏ ?
(କ) ଭୋଲ୍ଟ, (ଖ) ୱାଟ
(ଗ) ଆମ୍ପିୟର୍ (ଘ) ଜୁଲ୍ସ

୯. ଯେଉଁ ପଦାର୍ଥ ଖୁବ୍ କମ୍ ପରିମାଣର ପ୍ରତିରୋଧ ଦିଏ ତାକୁ କ'ଣ କୁହାଯାଏ ?
(କ) ଅତି ପରିବାହୀ (ଖ) ସୁପରିବାହୀ
(ଗ) ପ୍ରତିରୋଧି (ଘ) କୁପରିବାହୀ

୧୦. ବିଦ୍ୟୁତ୍ ପ୍ରବାହ ଉତ୍ପନ୍ନ କରିବାପାଇଁ ବ୍ୟବହୃତ ସାଧନର ନାମଟି କ'ଣ ?
(କ) ଜେନେରେଟର୍ (ଖ) ଗାରଭାନୋମିଟର
(ଗ) ଆମିଟର (ଘ) ମୋଟର

### ଉତ୍ତର

୧.(ଘ) ୧୩.୨,୨.(କ) ୪ ସେ.ମି,୩.(କ) ୪ ସେ.ମି,୪.(ଗ) ୦,୫.(ଖ) (-୪, ୨),୬.(ଗ) ୧୦ **x+y**,୭.(ଘ) ୯,୮.(ଗ) ୧୧,୯.(ଘ) ଗରିଷ୍ଠକ ନାହିଁ ,୧୦.(କ) ୫୦।

୧.(ଖ)କ୍ୟାଲସିୟମ୍ ଅକ୍ସାଇଡ,୨(ଘ) ହାଇଡ୍ରୋ କ୍ଲୋରିକ୍, ୩.(କ) ପଟାସିୟମ୍,୪.(କ) କାର୍ବନ,୫.(କ) ଆଣ୍ଟିମୋନି, ୬.(ଗ) ମଧୁମେହ, ୭.(ଖ) ପୋଲ, ୮.(କ)ଭୋଲ୍ଟ,୯.(ଖ) ସୁପରିବାହୀ, ୧୦.(କ) ଜେନେରେଟର୍।



ମନୁଷ୍ୟ ଯେଉଁ ଭୁଲ୍ କରିଥାଏ ତାକୁ ଦୈବଗୁଣ ସମ୍ପର୍ଣ୍ଣ ଲୋକ କ୍ଷମା ଦେଇଥାଏ।

## (୨୦) ଜିଲ୍ଲା

| | |
|---|---|
| ୧. ଜିଲ୍ଲାର ନାମ | - ନୂଆପଡା |
| ୨. ଗଠନ | - ୧ ଜାନୁୟାରୀ, ୧୯୯୪ |
| ୩. କ୍ଷେତ୍ରଫଳ | - ୩୮୫୨ବର୍ଗ.କି.ମି |
| ୪. ଜନସଂଖ୍ୟା | - ୬୦୬୪୯୦ |
| (କ) ପୁରୁଷ | - ୩୦୦୩୦୭ |
| (ଖ) ମହିଳା | - ୩୦୬୧୮୩ |
| ୫. ଉପଖଣ୍ଡ | - ୧ |
| ୬. ତହସିଲ | - ୦୫ |
| ୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) | - ୦୫ |
| ୮. ଗ୍ରାମ ପଞ୍ଚାୟତ | - ୧୦୯ |
| ୯. ଗ୍ରାମ | - ୬୬୮ |
| ୧୦. ଥାନା | - ୭ |
| ୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି) | - ୦ |
| ୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) | - ୦୨ |
| ୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ | - ୭୧.ନୂଆପଡ଼ା, ୭୨. ଖରିଆର |
| ୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) | - ୮୪୮୯୩(୯୭୧) |
| ୧୫. ସାକ୍ଷରତା ହାର | - ୫୮.୨୦% |
| ୧୬. ପୁରୁଷ ସାକ୍ଷରତା ହାର | - ୭୧.୫୫% |
| ୧୭. ମହିଳା ସାକ୍ଷରତା ହାର | - ୪୫.୨୧% |
| ୧୮. ଜନସଂଖ୍ୟା ବୃଦ୍ଧି ହାର | - ୧୪.୨୮% |
| ୧୯. ଜନସଂଖ୍ୟା ଘନତ୍ୱ | - ୧୫୭/ବର୍ଗ କି.ମି |
| ୨୦.୧୦୦୦ପୁରୁଷରେ ମହିଳା ସଂଖ୍ୟା | -୧୦୨୦ |
| ୨୧. ରାଜସ୍ୱ ନିରୀକ୍ଷକ ମଣ୍ଡଳ | - ୨୧ |
| ୨୨. ନିଆଁଲିଭା କେନ୍ଦ୍ର | - ୨ |
| ୨୩. ଲୋକସଭା ଆସନ ସଂଖ୍ୟା | - ୦ |
| ୨୪. ଜଙ୍ଗଲ ଜମି | - ୧୮୬୫.୪୩ ବର୍ଗ କି.ମି |
| ୨୫. ହାରାହାରି ତାପମାତ୍ରା | - ସର୍ବନିମ୍ନ ୧୨.୦° - ସର୍ବୋଚ୍ଚ ୪୨.୨° |
| ୨୬. ସାଧାରଣ ବୃଷ୍ଟିପାତ | - ୧୨୮୬.୪ ମି.ମି. |
| ୨୭. ମୋଟର ଯାନ ପଞ୍ଜିକୃତ କୋଡ଼ | - ଓ.ଡି.୨୬ |

୨୮. ପର୍ଯ୍ୟଟନସ୍ଥଳୀ - ନୂଆପଡ଼ା, ବୁଦ୍ଧିକୋମନା, ପାତାଳଗଙ୍ଗା, ପାଟୋରା, ସିନ୍ଦୁରସିଲ, ଥିପାଖୋଲ, ଯୋଗୀମଠ

## ଫେବୃଆରୀ,୨୦୨୨

| ତା. | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ୦୧. | ଘ. ୬.୨୫ | ଘ. ୫.୩୪ |
| ୧୦. | ଘ. ୬.୨୨ | ଘ. ୫.୩୯ |
| ୨୦. | ଘ. ୬.୧୬ | ଘ. ୫.୪୪ |
| ୩୧. | ଘ. ୬.୧୧ | ଘ. ୫.୪୭ |

## ମାର୍ଚ୍ଚ,୨୦୨୨

| ତା. | ସୂର୍ଯ୍ୟୋଦୟ | ସୂର୍ଯ୍ୟାସ୍ତ |
|---|---|---|
| ୦୧. | ଘ. ୬.୨୫ | ଘ. ୫.୩୪ |
| ୧୦. | ଘ. ୬.୨୨ | ଘ. ୫.୩୯ |
| ୨୦. | ଘ. ୬.୧୬ | ଘ. ୫.୪୪ |
| ୩୧. | ଘ. ୬.୧୧ | ଘ. ୫.୪୭ |

## ପର୍ବପର୍ବାଣୀ

### ଫେବୃଆରୀ

| | |
|---|---|
| ତା୦୧. | ତ୍ରିବେଣୀ ଅମାବାସ୍ୟା, ଶ୍ରୀବିରଜାଦେବୀଙ୍କ ଜନ୍ମୋତ୍ସବ, ଅଭିରାମ ପରମହଂସଙ୍କ ଜୟନ୍ତୀ |
| ତା୦୨. | ଶ୍ରୀଜୀଉଙ୍କ ପଦ୍ମମୁଖ ବେଶ |
| ତା୦୪. | ଶରଣ ଶେଷ |
| ତା୦୫. | ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା, ଶ୍ରୀମନ୍ଦିରେ ବସନ୍ତ ପଞ୍ଚମୀ, ରଥକାଠ ଅନୁକୂଳ ଓ ପୂଜା |
| ତା୦୭. | ତିଳସପ୍ତମୀ, ମାଘ ସପ୍ତମୀ, କୋଣାର୍କ ଚନ୍ଦ୍ରଭାଗା ସ୍ନାନ |
| ତା୦୮. | ଭୀଷ୍ମାଷ୍ଟମୀ ଶ୍ରାଦ୍ଧ ଓ ତର୍ପଣ |
| ତା୧୨. | ଭୈମୀ ଏକାଦଶୀ, ଅଚ୍ୟୁତାନନ୍ଦଙ୍କ ଜୟନ୍ତୀ, ମାସାନ୍ତ |
| ତା୧୩. | କୁମ୍ଭ ସଂକ୍ରାନ୍ତି, ସର୍ବସମ୍ମତ ବରାହ ଦ୍ୱାଦଶୀ, ଗୁର୍ବାଦିତ୍ୟ ଅଶୁଦ୍ଧକାଳ ଆରମ୍ଭ |
| ତା୧୪. | ନିତ୍ୟାନନ୍ଦ ପ୍ରଭୁଙ୍କ ଜନ୍ମୋତ୍ସବ |
| ତା୧୫. | ଶିବ ଚତୁର୍ଦ୍ଦଶୀ ଉପବାସ, ବେଢ଼ା, ଯୋରନ୍ଦା ମେଳା |
| ତା୧୬. | ମାଘ ପୂର୍ଣ୍ଣିମା, ଅଗ୍ନି ଉତ୍ସବ, ଚନ୍ଦ୍ରୋପବାସ ପୂଜା ଓ ଅର୍ଘ୍ୟଦାନ, ଶ୍ରୀଜିଉଙ୍କ ଗଜଉଦ୍ଧାରଣ ବେଶ |
| ତା୨୬. | ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଜୟନ୍ତୀ |
| ତା୨୭. | ପଙ୍କୋଦ୍ଧାର ଏକାଦଶୀ, ଶରଣ ଆରମ୍ଭ |

### ମାର୍ଚ୍ଚ

| | |
|---|---|
| ତା.୦୧ | ମହାଶିବ ରାତ୍ରୀ(ଜାଗର), ସବେ ମେରାଜ (ପୂର୍ବରାତ୍ରି), ଶିବ ଚତୁର୍ଦ୍ଦଶୀ ଓ ବେଢ଼ା |
| ତା.୦୨ | ଅମାବାସ୍ୟା, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ |
| ତା.୦୩ | ଶରଣ ଶେଷ |
| ତା.୦୪ | ଚନ୍ଦ୍ରଦର୍ଶନ |
| ତା.୦୫ | ପଞ୍ଚାୟତିରାଜ ଦିବସ |
| ତା.୧୩ | ଫଗୁ ଦଶମୀ ଓ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଘଟେରୀ ବେଶ |
| ତା.୧୪ | ପାପନାଶିନୀ (ଆମର୍ଦ୍ଦକୀ)ଏକାଦଶୀ, ମାସାନ୍ତ ଓ ହଳ ନିଷେଧ |
| ତା.୧୫ | ମୀନ ସଂକ୍ରାନ୍ତି, ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଓ ହ.ନି. |
| ତା.୧୭ | ବରାହ ଦୋଳ, ରାଜାଗ୍ନି, ଓଳକଣା ମେଲଣ ଓ ଚନ୍ଦ୍ରପୂଜା |
| ତା.୧୮ | ଦୋଳପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ଓ ଶ୍ରୀ ଜୀଉଙ୍କର ରାଜବେଶ |
| ତା.୧୯ | ହୋଲି ଉତ୍ସବ ଓ ସବେ ବରାତ (ପୂର୍ବରାତ୍ରି) |
| ତା.୨୨ | ତାରାତାରେଣି ଯାତ୍ରା ଓ ରାଷ୍ଟ୍ରିୟ ନବବର୍ଷ ଆରମ୍ଭ |
| ତା.୨୩ | ପଞ୍ଚୁଦୋଳ ଓ ସ୍କନ୍ଧ ଷଷ୍ଠୀ |
| ତା.୨୬ | ଶରଣ ଆରମ୍ଭ |
| ତା.୨୮ | ପାପମୋଚନୀ ଏକାଦଶୀ ଓ ହ.ନି |
| ତା.୩୦ | ସ୍ନହୀ ଚତୁର୍ଦ୍ଦଶୀ, ବାରଣୀ ସ୍ନାନ, ଶିବଚତୁର୍ଦ୍ଦଶୀ ଉପବାସ, ବେଢ଼ା ପରିକ୍ରମା ଓ ଶରଣଶେଷ |
| ତା.୩୧ | ଚନ୍ଦ୍ରକ୍ଷୟ ଓ ନିଶିପାଳନ ଓ ହ.ନି |

## ବିଭିନ୍ନ ଦିବସ ପାଳନ

### ଫେବୃଆରୀ


| | |
|---|---|
| ତା୦୧ | - ସୀମା ସୁରକ୍ଷା ଦିବସ |
| ତା୦୨ | - ବିଶ୍ୱ ଆର୍ଦ୍ରତା ଦିବସ |
| ତା୦୪ | - ବିଶ୍ୱ କ୍ୟାନସର ଦିବସ |
| ତା୦୬ | - ଜାମ୍ମୁ କାଶ୍ମୀର ଜାତୀୟ ଦିବସ |
| ତା୧୩ | - ବିଶ୍ୱ ରେଡ଼ିଓ ଦିବସ, ସରୋଜିନୀ ନାଇଡୁ ଜନ୍ମ ଦିବସ |
| ତା୧୪ | - ଭାଲେଣ୍ଟାଇନ୍ ଦିବସ |
| ତା୨୦ | - ବିଶ୍ୱ ସାମାଜିକ ନ୍ୟାୟ ଦିବସ |
| ତା୨୧ | - ଆନ୍ତର୍ଜାତିକ ମାତୃଭାଷା ଦିବସ |
| ତା୨୨ | - ଆନ୍ତର୍ଜାତିକ ସ୍କାଉଟ ଦିବସ |
| ତା୨୪ | - କେନ୍ଦ୍ରୀୟ ଅବକାରୀ ଦିବସ |
| ତା୨୮ | - ଜାତୀୟ ବିଜ୍ଞାନ ଦିବସ |

### ମାର୍ଚ୍ଚ

| | |
|---|---|
| Zi 03 | - ag a^ýR« \ai |
| Zi 04 | - RiZíd ieli \ai |
| Zi 05 | - aR _...^idK Rd«í _*idZeiR \ai |
| Zi 08 | - @«RiZíd cjki \ai |
| Zi 13 | - jÉí \ai |
| Zi 15 | - ag LiCU \ai |
| Zi 16 | - RiZíd UíKiKeY \ai |
| Zi 20 | - @«RiZíd @i^¦ \ai |
| Zi 21 | - ag KaZi \ai |
| Zi 21 | - ag Rwf \ai |
| Zi 22 | - ag Rk \ai |
| Zi 23 | - ag _iY_iM \ai |
| Zi 24 | - ag ~li \ai |
| Zi 27 | - ag [GUe \ai |



ଜଣେ ଯଦି କୌଣସି ସଦ୍‌ଗୁଣର ଅଧିକାରୀ ନହେଲା ତାହାର ମନୁଷ୍ୟ ଜୀବନଟା ବୃଥା ହୋଇଗଲା ।






# ଶ୍ରଦ୍ଧାଞ୍ଜଳି

ଆବିର୍ଭାବ - ୧୪.୦୭.୧୯୫୪
ତିରୋଧାନ - ୨୭.୦୧.୨୦୨୨

ଆମରିସତ୍ୟର ବନ୍ଧୁ ଡ. ଜଗଦୀଶ ଚନ୍ଦ୍ର ମିଶ୍ର ଙ୍କର ୬୮ ବର୍ଷରେ ଦେହାନ୍ତ ହୋଇଯାଇଛି। ତାଙ୍କ ମୃତ୍ୟୁରେ ସମସ୍ତ ବନ୍ଧୁଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି।

ଡ. ମିଶ୍ର ଗତ ୧୯୭୮ ମସିହାରେ ଛତିଆସ୍ଥିତ ମହାପୁରୁଷ ହାଡିଦାସ ମହାବିଦ୍ୟାଳୟରୁ ଅଧ୍ୟାପନା କାର୍ଯ୍ୟ ଆରମ୍ଭ କରି ନିଶ୍ଚିନ୍ତକୋଇଲି ପଂଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଦୁଇଟି ପର୍ଯ୍ୟାୟରେ ଅଧ୍ୟକ୍ଷ ଦାୟୀତ୍ୱ ଗ୍ରହଣ କରି ଗତ ୨୦୧୪ ମସିହାରେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଅବସର ପରେ ଡ. ମିଶ୍ର ବିଭିନ୍ନ ସାମାଜିକ ,ସାଂସ୍କୃତିକ, ଧାର୍ମିକ, ସାହିତ୍ୟିକ ଅନୁଷ୍ଠାନ ସହ ଜଡିତ ରହିଥିଲେ।

ଆମରି ସତ୍ୟ ପରିବାର ତାଙ୍କର ଆତ୍ମାର ସଦଗତି କାମନା କରୁଛି।

## ଲତା ମଙ୍ଗେସ୍କରଙ୍କ ପାଇଁ ଶ୍ରଦ୍ଧାଞ୍ଜଳି



# ଆମ କବିତାର ପ୍ରଚ୍ଛଦ ପଟ






Postal Regd. No. : PURI-33/2022-24

Volume-12 I Issue No.8 I Monthly I February-2022 I RNI Regn. No. ODI/ODI/2010/350521 I Page-36

**Binod Agarwal**

Mob. : 9337220630
Ph. : 06755220630

मानकः पथप्रदर्शकः

GJ

# Gjnni Jewelers

MAIN ROAD, KHORDA
Wholesellers and Retailers of 916 Gold and Silver Ornaments



ginnijewellers.khurda@gmail.com

Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - NISWASS-CEDEC Press, Chandrasekharpur, BBSR-23, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena

Founder : Dr. Pramod Chandra Dash

From To.
AMARISATYA
M-1/5, M.P.H.B. Colony
Post- P.N. College,
Dist-Khurda, Pin-752057